بِسْمِ اللّٰہِ الرَّحْمٰنِ الرَّحِیْمِ   نَحْمَدُہٗ وَنُصَلِّیْ عَلٰی رَسُوْلِہِ الْکَرِیْمِ   وَعَلٰی عَبْدِہِ الْمَسِیْحِ الْمَوْعُوْدِ


ଵର୍ଷ 7
ବାର୍ଷିକ ଦେୟ 575 ଟଙ୍କା

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ସାପ୍ତାହିକ କାଦିୟାନ

# ବଦର

The Weekly
BADAR Qadian
ODIA

ମସିହ ମଉଦ ସଂଖ୍ୟା

ସଂଖ୍ୟା 11 - 12
ସମ୍ପାଦକ କମରୁଲ ହକ୍ ଖାନ
ସହ ସମ୍ପାଦକ ମକସୁଦ ଅଲି ଖାନ (ଏଚ୍. ଏ., ଏମ୍. ଏ)

Postal Registration No GDP/40/2020-22 | 10-17 ମାର୍ଚ୍ଚ 2022 | 10-17 ଅମାନ 1401 ହିଜ୍ରି ଶମସୀ | 6-13 ଶାବାନ 1443 ହିଜ୍ରି କମ୍‌ରୀ


## "ମୁଁ ତୁମ ପ୍ରଚାରକୁ ପୃଥିବୀର କୋଣେ କୋଣେ ପହଞ୍ଚାଇବି"


**ଐଶୀବାଣୀ ହଜରତ ମସିହ ମଉଦ** (ଅସ)

(ତଜକରା, ପୃଷ୍ଠା ୨୬୦, ମୁଦ୍ରିତ ଡିସେମ୍ବର ୨୦୦୬ କାଦିୟାନ)


"ଆମର ବିରୋଧୀ ପ୍ରତିପକ୍ଷ କହୁଛନ୍ତି ଯେ ଆମେମାନେ ଜମାଅତର ନାମକୁ ଦୁନିଆରୁ ଲୋପ କରିଦେବୁ । କିଏ ଅଛି ଯିଏ ଅଲ୍ଲାହତା'ଲାଙ୍କ ସହିତ ଏପରି ପ୍ରେମ ଓ ନିଷ୍ପାପର ଭକ୍ତି କରୁଥିବା ବ୍ୟକ୍ତିମାନଙ୍କୁ ଲୋପ କରିପାରିବ.........ବିରୁଦ୍ଧାଚରଣ ଗୋଷ୍ଠୀ ଯେତେ ଇଚ୍ଛା ସେତେ ଜୋର ଲଗାଇ ଦିଅନ୍ତୁ ନା କାହିଁକି ଏହି ସମ୍ପ୍ରଦାୟକୁ ପରମେଶ୍ୱର ନିଜସ୍ୱ ଧର୍ମକୁ ସଂସାରରେ ପ୍ରସାରିତ କରିବା ପାଇଁ ପ୍ରତିଷ୍ଠା କରିଛନ୍ତି । ସେଥିପାଇଁ ପ୍ରତ୍ୟେକ ପରିସ୍ଥିତିରେ ଈଶ୍ୱର ହିଁ ସମ୍ଭାଳୁଛନ୍ତି ଏବଂ ସହାୟତା ପ୍ରଦାନ କରୁଛନ୍ତି । ତଥା ଗୋଟିଏ ପିଢ଼ି ପରେ ଦ୍ୱିତୀୟ ପିଢ଼ିର ହୃଦୟରେ ଏହାର ପ୍ରେମ ଆଙ୍କି ଦେଇଛନ୍ତି ଏବଂ ଏହାର ଉଦ୍ଦେଶ୍ୟ ପୂରଣ ଦିଗରେ ଉଦ୍‌ବେଳନ ସୃଷ୍ଟି କରି ଚାଲିଛନ୍ତି ।"

(ପୁଣ୍ୟଶ୍ଳୋକ ହଜରତ ଖଲିଫତୁଲ ମସିହ ପଞ୍ଚମ, ଜୁମା ଅଭିଭାଷଣ ୮ ଜାନୁଆରୀ ୨୦୦୧)



ହଜରତ ଖଲିଫତୁଲ ମସିହ ପଞ୍ଚମ[ଅବ] 15 ଜାନୁୟାରୀ 2021 ଦିନ MTA ଘାନା ସକାଶେ ଚାନେଲ ଉନ୍ମୋଚନ କରୁଛନ୍ତି

ହଜରତ ଖଲିଫତୁଲ ମସିହ ପଞ୍ଚମ[ଅବ] 2 ଅପ୍ରେଲ 2021 ଦିନ ଚାଇନିଜ ଭାଷାରେ ଜମାଅତ ଅହମଦୀୟାର ନୂତନ ୱେବସାଇଟ ଲଞ୍ଚ କରୁଛନ୍ତି




9 ଅପ୍ରେଲ 2021 ଦିନ ହଜରତ ଖଲିଫତୁଲ ମସିହ ପଞ୍ଚମ[ଅବ] କୁରଆନ ୱେବସାଇଟ ଉଦଘାଟନ କରୁଛନ୍ତି




2 ଜୁଲାଇ 2021 ଦିନ ହୁଜୁର ଅନୱର
Ahmadipedia ୱେବସାଇଟକୁ ଉନ୍ମୋଚନ କରୁଛନ୍ତି



27 ଜୁନ 2021ରେ ହୁଜୁର ଅନୱର ଏମ ଟି ଏ ଇଣ୍ଟରନେସ୍‌ନାଲ୍‌ର
ଅନ୍‌ଲାଇନ କନଫରେନ୍‌ସକୁ ସମ୍ବୋଧିତ କରୁଛନ୍ତି






ପୁଣ୍ୟଶ୍ଳୋକ ହଜରତ ଖଲିଫତୁଲ ମସିହ ପଞ୍ଚମ[ଅବ]ଙ୍କ ଦ୍ୱାରା ଜଲସା ସାଲାନା କାଦିୟାନ 2021 ଅବସରରେ
ଲଣ୍ଡନରୁ ଉଦଯାପନୀ ଭାଷଣ ଏବଂ ସାମୂହିକ ପ୍ରାର୍ଥନା କରୁଥିବାର ଦୃଶ୍ୟ ।












24,25, 26 ଡିସେମ୍ବର 2021 ରେ ଅନୁଷ୍ଠିତ ଜଲସା ସାଲାନା କାଦିୟାନର କେତେକ ମନୋରମ ଦୃଶ୍ୟ

## ସୂଚୀପତ୍ର



| | | |
|---|---|---|
| ୧ | ସମ୍ପାଦକୀୟ | ୧ |
| ୨ | ଦରସୁଲ୍ କୁର୍‌ଆନ୍ ଏବଂ ଦର୍‌ସୁଲ୍ ହଦିସ୍ | ୨ |
| ୩ | ସୟଦନା ହଜ୍‌ରତ୍ ଅକ୍‌ଦସ୍ ମସିହ ମଉଦ୍ ଆ:ସଙ୍କ ପବିତ୍ର ବାଣୀ | ୩ |
| ୪ | ତକ୍‌ରିର୍ ଜଲ୍‌ସା ସାଲାନା ୨୦୨୧<br>ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ ପ୍ରାର୍ଥନା ଗ୍ରହଣୀୟ ହେବା ଆଲୋକରେ | ୪ |
| ୫ | ତକ୍‌ରିର୍ ଜଲ୍‌ସା ସାଲାନା ୨୦୨୧<br>ହଜରତ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର କୁର୍‌ଆନ୍ ସହିତ ନିବିଡ଼ ପ୍ରେମ ତଥା ପବିତ୍ର କୁର୍‌ଆନ୍‌ର ସେବା | ୮ |
| ୬ | ତକ୍‌ରିର୍ ଜଲ୍‌ସା ସାଲାନା ୨୦୨୧<br>ହଜରତ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତା ଭବିଷ୍ୟବାଣୀର ଆଲୋକରେ | ୧୨ |



ସମ୍ପାଦକୀୟ



لَا إِلٰهَ إِلَّا اللّٰهُ مُحَمَّدٌ رَّسُوْلُ اللّٰهِ

# ହଜରତ ମସିହ ମଉଦଅସଙ୍କର ଅର୍ଥ ପୁରସ୍କାର ଭିର୍ତିକ ଆହ୍ୱାନ

‘ହର୍ ମୁଖାଲିଫ୍ କୋ ମୁକାବିଲ୍ ପେ ବୁଲାୟା ହମ୍‌ନେ’
‘ବିରୋଧି ମୋହର ନ ଆସନ୍ତି କେହି
ମୁକାବିଲା ପାଇଁ ଡାକୁଅଛୁ ଭାଇ’

إِنَّ السُّمُوْمَ لَشَرُّ مَا فِي الْعَالَمِ ۞ شَرُّ السُّمُوْمِ عَدَاوَةُ الصُّلَحَاءِ

## ପୀର ମେହେର ଅଲୀ ଶାହ ଗୋଲଡ୍ଡୁଓ୍ୱିଙ୍କ ସକାଶେ ଏକ ପ୍ରଚଣ୍ଡ ଆହ୍ୱାନ

ମୁକାବିଲାରେ ବ୍ୟାଖ୍ୟା ଲେଖି ସାରିବା ପରେ ଯଦି ତୁମର ବ୍ୟାଖ୍ୟା ଆକ୍ଷରିକ ଓ ମାର୍ମିକ ଦୃଷ୍ଟିରୁ ଉଚ୍ଚକୋଟିର ସାବ୍ୟସ୍ତ ହେଲା, ତେବେ ସେ ସମୟରେ ଯଦି ତୁମେ ମୋର ବ୍ୟାଖ୍ୟାରୁ ତ୍ରୁଟି ବାହାର କରି ଦେବ, ତା’ହେଲେ ପ୍ରତ୍ୟେକ ତ୍ରୁଟି ପାଇଁ ପାଂଚ ଟଙ୍କା ପୁରସ୍କାର ଦେବି ।

ପୂଣ୍ୟଶ୍ଳୋକ ହଜରତ ମସିହ୍ ମଉଦ୍ ଆ:ସଙ୍କର ଏହି ପ୍ରଚଣ୍ଡ ଆହ୍ୱାନକୁ ଆମେ ତାଙ୍କର “ନୁଜୁଲୁଲ୍ ମସିହ୍” ରୁହାନି ଖଜାୟିନ୍, ଗ୍ରନ୍ଥଖଣ୍ଡ ୧୮ ମଧ୍ୟରୁ ଉପସ୍ଥାପନ କରୁଛୁ । ଯେପରି ପୂର୍ବରୁ ଆମେ କହି ସାରିଛୁ, ସତୁରି ଦିନର ମିଆଦ ଭିତରେ ହଜରତ ମସିହ୍ ମଉଦ୍ ଆ:ସ “ଏଯାଜୁଲ୍ ମସିହ୍” ନାମକ ଏକ ଦୀକ୍ଷାନ୍ତ ପୁସ୍ତକ ଆରବୀ ଭାଷାରେ ସୁରଃ ଅଲ ଫାତିହାର ବ୍ୟାଖ୍ୟା ପ୍ରକାଶିତ କରିଦେଲେ, ଅଥଚ ପୀର ମେହେର ଅଲୀ ଶାହ କୌଣସି ବ୍ୟାଖ୍ୟା ପ୍ରକାଶିତ କଲେ ନାହିଁ । ଅବଶ୍ୟ ସେ ଦେଢ଼ ବର୍ଷ ପରେ ଏକ ପୁସ୍ତକ “ସୈଫେ ଚିଶତୀୟାଇ” ହଜରତ ମସିହ୍ ମଉଦ୍ ଆ:ସଙ୍କ ପାଖକୁ ପଠାଇଲେ, ଯାହା ଉର୍ଦ୍ଦୁ ଭାଷାରେ ଲେଖା ଥିଲା । କିନ୍ତୁ ସେଥିରେ ବ୍ୟାଖ୍ୟାର କୌଣସି ଚିହ୍ନ ବର୍ଣ୍ଣ ନଥିଲା । କେବଳ କଦର୍ଯ୍ୟ ଅଭିଯୋଗମାନ ରହିଥିଲା । ଏଥି ସମ୍ବନ୍ଧରେ ପୂର୍ବ ସଂଖ୍ୟାରେ ପ୍ରକାଶିତ ହୋଇ ସାରିଛି । ଏବେ ଆମେ ତାଙ୍କର ଆଉ କିଛି ଉତର, ଦୃଢ଼ ବଚନ ତଥା ତାଙ୍କର ପୁରସ୍କାର ଘୋଷଣା ଭିତିକ ଆହ୍ୱାନ ଏହି ସଂଖ୍ୟାରେ ଉଲ୍ଲେଖ କରୁଛୁ ।

### ବ୍ୟାଖ୍ୟାରୁ ତ୍ରୁଟି ବାହାର କରିଦେଲେ, ପ୍ରତ୍ୟେକ ତ୍ରୁଟି ପାଇଁ ପାଂଚ ଟଙ୍କା ପୁରସ୍କାର ଭିତିକ ଚ୍ୟାଲେଞ୍ଜ

ପୁଣ୍ୟଶ୍ଳୋକ ହଜରତ ମସିହ୍ ମଉଦ୍ ଆ:ସ କହିଛନ୍ତି:

ଆମେ ଅନେକ ଥର ଏହି ବିଜ୍ଞାପନ ମଧ୍ୟ ଦେଇଛୁ ଯେ ତୁମେ ଆମ ବିରୁଦ୍ଧରେ କୌଣସି ଆରବୀ ପ୍ରବନ୍ଧ ଲେଖ, ପୁଣି ଆରବୀ ଭାଷା ଜାଣିଥିବା ବ୍ୟକ୍ତି ତାହାର ବିଚାରକ ରୂପେ ରହିବେ, ତା’ପରେ ଯଦି ତୁମ ପ୍ରବନ୍ଧ ଉଚ୍ଚ କୋଟିର ସାବ୍ୟସ୍ତ ହେଲା, ତା’ହେଲେ ମୋର ସମସ୍ତ ଦାବୀ ବାତିଲ ହୋଇଯିବ । ଏବଂ ମୁଁ ଏବେ ମଧ୍ୟ ସ୍ୱୀକାର କରୁଛି ଯେ ମୁକାବିଲାରେ ବ୍ୟାଖ୍ୟା ଲେଖି ସାରିବା ପରେ ଯଦି ତୁମର ବ୍ୟାଖ୍ୟା ଆକ୍ଷରିକ ଓ ମାର୍ମିକ ଦୃଷ୍ଟିରୁ ଉଚ୍ଚକୋଟିର ସାବ୍ୟସ୍ତ ହେଲା, ତେବେ ସେ ସମୟରେ ଯଦି ତୁମେ ମୋର ବ୍ୟାଖ୍ୟାକୁ ତ୍ରୁଟି ବାହାର କରି ଦେବ, ତା’ହେଲେ ପ୍ରତ୍ୟେକ ତ୍ରୁଟି ପାଇଁ ପାଂଚ ଟଙ୍କା ପୁରସ୍କାର ଦେବି । ଅଧିକନ୍ତୁ କୁତ୍ସିତ ସମାଲୋଚନା କରିବା ପୂର୍ବରୁ ଏହା ଜରୁରୀ ଯେ ଆରବୀ ବ୍ୟାଖ୍ୟା ମାଧ୍ୟମରେ ନିଜକୁ ଜଣେ ଆରବୀ ଭାଷାବିତ ରୂପେ ସାବ୍ୟସ୍ତ କର । କାରଣ ଯେଉଁ କାର୍ଯ୍ୟରେ କୌଣସି ବ୍ୟକ୍ତିର କିଛି ଦଖଲ ନାହିଁ, ତାହାର ସମାଲୋଚନା ଗ୍ରହଣ ଯୋଗ୍ୟ ହୁଏନାହିଁ । ରାଜମିସ୍ତ୍ରୀ ଅନ୍ୟ ଜଣେ ରାଜମିସ୍ତ୍ରୀକୁ ସମାଲୋଚନା କରିପାରେ ଏବଂ କମାର ଅନ୍ୟ ଜଣେ କମାରକୁ, ମାତ୍ର ଜଣେ ଝାଡୁଦାରର ଏହି ଅଧିକାର ନାହିଁ ଯେ ସେ ଜଣେ କୁଶଳୀ ରାଜମିସ୍ତ୍ରୀକୁ ସମାଲୋଚନା କରିବ ।

*(ନୁଜୁଲୁଲ୍ ମସିହ୍, ରୁହାନି ଖଜାୟିନ୍, ଗ୍ରନ୍ଥଖଣ୍ଡ ୧୮, ପୃ-୪୪୦)*

### ଯେଉଁ ବ୍ୟକ୍ତି ଧାଡ଼ିଟିଏ ହେଲେ ବି ଆରବୀ ଲେଖି ପାରିବ ନାହିଁ, ତାହାର ଆରବୀ ଭାଷାଗତ ତ୍ରୁଟି ବାହାର କରିବାର କି ଅଧିକାର ଅଛି ?

ପୁଣ୍ୟଶ୍ଳୋକ ହଜରତ ମସିହ୍ ମଉଦ୍ ଆ:ସ କହିଛନ୍ତି:-

ଆପଣଙ୍କର ବ୍ୟକ୍ତିଗତ ଦକ୍ଷତା ତ ଏପରି ଯେ ଗୋଟିଏ ଧାଡ଼ି ବି ଆରବୀ ଲେଖି ପାରିବ ନାହିଁ । ସୁତରାଂ ସୈଫେ ଚିଶତୀୟାଇ ପୁସ୍ତକରେ ଆପଣ ଚୋରିର ମାଲକୁ ନିଜ ମାଲ ବୋଲି ଆଖ୍ୟା ଦେଇଛନ୍ତି । ତା’ହେଲେ ପୁଣି ଏହି ଦକ୍ଷତା ଥାଇ ଆପଣଙ୍କୁ ଟିକେ ଲାଜ ମାଡୁନାହିଁ । ହେ ଭଦ୍ର ଲୋକ ! ପ୍ରଥମେ ଆରବୀ ଭାଷାବିତ ହେବାର ସାବ୍ୟସ୍ତ କର, ତା’ପରେ ଯାଇ ଭୁଲ ବାହାର କର ଏବଂ ପ୍ରତି ଭୂଲ ପାଇଁ ଆମଠାରୁ ପାଂଚ ଟଙ୍କା ନିଅ । ତତସହିତ ମୋ ସହିତ ପ୍ରତିଦ୍ୱନ୍ଦିତା କରି ଆରବୀ ପ୍ରବନ୍ଧ ଲେଖି ମୋର ଏହି ରଚନାର ଚମତ୍କାରୀତା ମିଥ୍ୟା ବୋଲି ଦେଖାଇଦିଅ । ଦୁଃଖ ଲାଗୁଛି ଯେ ଦଶ ବର୍ଷ ସମୟ ବିତିଗଲାଣି, କେହି ହେଲେ ଶିଷ୍ଟାଚାର ଉପାୟରେ ମୋ ମୁକାବିଲା କରି ନାହାନ୍ତି । ଅଧିକରୁ ଅଧିକ ଏଇୟା କଲେ ଯେ ତୁମର ଅମୁକ ଶବ୍ଦରେ ଅମୁକ ଭୁଲ ଅଛି ଓ ଅମୁକ ବାକ୍ୟ ଅମୁକ ବହିରୁ ଚୋରାଇ ଆଣିଥିବାର ଜଣାପଡୁଛି । କିନ୍ତୁ ସ୍ପଷ୍ଟ ଦେଖା ଯାଉଛି ଯେ ପର୍ଯ୍ୟନ୍ତ ନିଜେ ସେହି ବ୍ୟକ୍ତି ଉତମ ଜ୍ଞାନ ସମ୍ପନ୍ନ ହୋଇ ଥିବାର ପ୍ରମାଣ ନଥିବ, କାହିଁକି ତାହାର ସମାଲୋଚନା ଠିକ ଓ ଯଥାର୍ଥ ବୋଲି ମାନି ନିଅଯିବ ? କ’ଣ ଏହା ସମ୍ଭବ ନୁହେଁ ଯେ ସେ ନିଜେ ଭୂଲ କରୁଥିବ ? ସେହିପରି ଯିଏ ପ୍ରତିଯୋଗିତାକୁ ଓହ୍ଲାଇ ନିଜେ ଲେଖିବାର ସାମର୍ଥ୍ୟ ରଖେ ନାହିଁ, ସେ କାହିଁକି କହୁଛି ଯେ ତୁମ ବହିରେ କେତେକ ବାକ୍ୟ ଚୋରି କରି ଅଣାଯାଇଛି । ଯଦି ଏହା ସମ୍ଭବ, ତା’ହେଲେ ସେ କାହିଁକି ମୁକାବିଲା କରିବାକୁ ଆସୁନାହିଁ ଏବଂ କୋକିଶିଆଳି ପରି ଦୌଡ଼ି ପଳାଉଛି ? ହେ ନିର୍ବୋଧ ! ପ୍ରଥମେ କୌଣସି ବ୍ୟାଖ୍ୟାକୁ ଆରବୀ ଭାବ ପ୍ରକାଶ କରି ଲେଖିବା ଦ୍ୱାରା ତୁମେ ନିଜର ଆରବୀ ଭାଷାବିତ ହେବା ସାବ୍ୟସ୍ତ କର, ତା’ପରେ ତୁମର ସମାଲୋଚନା ଆଡ଼କୁ ସମସ୍ତଙ୍କର ଧ୍ୟାନ ଚାଲିଯିବ । ଅନ୍ୟଥା ଆରବୀ ଭାଷାବିତର ପ୍ରମାଣ ବିନା ମୋର ସମାଲୋଚନା କରିବା ଓ କେବେ ଚୋରି କରି ଲେଖିବାର ଅପବାଦ ଦେବା, ଆଉ କେବେ ବୈୟାକରଣୀୟ ଅଶୁଦ୍ଧିର ଲାଞ୍ଛନା, ଏହା କେବଳ ବିଷ୍ଠା ଖାଇବା । ହେ ଅଧମ ଅଲାଜୁକ ! ପ୍ରଥମତଃ, କୌଣସି ଅଧ୍ୟାୟର ଆରବିରେ ବିଷଦ ଭାବାର୍ଥ ମୂଳକ ବ୍ୟାଖ୍ୟା କରି ତାହାକୁ ପ୍ରକାଶିତ କର, ତା’ପରେ ତୁମକୁ ପ୍ରତ୍ୟେକଙ୍କ ନିକଟରେ ଅଧିକାର ହାସଲ ହେବ ଯେ ମୋ ପୁସ୍ତକରୁ ଭୁଲ ବାହାର କରିବା କିମ୍ବା ଚୋରାଇ ନେଇ ଥିବାର ଢ଼େଙ୍ଗୁରା ପିଟିବ । ଯେଉଁ ବ୍ୟକ୍ତି ହଜାରେ ଥର ଆରବୀ ଭାବାର୍ଥ ଲେଖି ସାରିଛି, ନା କେବଳ ଅଭଦ୍ରାମି ଭାବରେ ବରଂ ସତ୍ୟର ତାତ୍ତ୍ୱିକ ବିଶ୍ଳେଷଣକୁ ବର୍ଣ୍ଣନା କରିବାରେ । ତେବେ କଣ ଅସ୍ୱୀକାର କରିଦେବା ତାହାର ଉତର ହୋଇପାରେ ? ଅଥବା ଯେପର୍ଯ୍ୟନ୍ତ କାମର ମୁକାବିଲାରେ କାମ ନ ଦେଖାଇବ ? କେବଳ ମୁହଁରେ ବକ ବକ ହୋଇ ଅନାବଶ୍ୟକ ଜିଦି କରିବା । ଏବଂ ଏହି କଥାରେ କଣ ବା ପାରିବା ପଣ ସାବ୍ୟସ୍ତ ହୋଇପାରିବ ଯେ କେବଳ ମୁହଁରେ ଏତିକି କହିଦେବ କି ଏହି ପୁସ୍ତକ ଭୂଲ ଓ ତ୍ରୁଟିପୂର୍ଣ୍ଣ କିମ୍ବା ଅମୁକ ବହିରୁ କେତେକ ବାକ୍ୟ ଚୋରି କରାଯାଇଛି । ଭଲା ଏଥିରୁ ପାରିବା ପଣ କଣ ସାବ୍ୟସ୍ତ ହେଲା ଏବଂ ଯଦି ପାରିବା ପଣ ସିଦ୍ଧ ହେଉନାହିଁ, ତା’ହେଲେ କେଉଁଥି ପାଇଁ ଏହା ଗ୍ରହଣ କରାଯିବ ଯେ ସମାଲୋଚନା ଯଥାର୍ଥ ବୋଲି । ବରଂ ଯେଉଁ ବ୍ୟକ୍ତି ଏପରି ଯୋଗ୍ୟ ଓ ପାରଙ୍ଗମ ମନୁଷ୍ୟ ପ୍ରତି ଅଭିଯୋଗ କରୁଛି ଯେ ଏମିତି ଯେଉଁ ଲୋକ ନିଜ ପାରଦର୍ଶିତାର କିଛି ନମୁନା ଦେଖାଇ ଦେଉଛନ୍ତି, ତା’ଠାରୁ ବଳି ପାଗଳ ଆଉ କେହି ନାହିଁ ।

*(ଦ୍ରଷ୍ଟବ୍ୟ ପୁସ୍ତକ, ପୃଷ୍ଠା ୪୪୧)*

*ଅବଶିଷ୍ଟାଂଶ ପୃଷ୍ଠା- ୧୮ ରେ ଦେଖନ୍ତୁ......*

# ଦରସୁଲ୍ କୁରଆନ୍

يُسَبِّحُ لِلّٰهِ مَا فِي السَّمٰوٰتِ وَمَا فِي الْاَرْضِ الْمَلِكِ الْقُدُّوْسِ الْعَزِيْزِ الْحَكِيْمِ ○
هُوَ الَّذِيْ بَعَثَ فِي الْاُمِّيّٖنَ رَسُوْلًا مِّنْهُمْ يَتْلُوْا عَلَيْهِمْ اٰيٰتِهٖ وَيُزَكِّيْهِمْ
وَيُعَلِّمُهُمُ الْكِتٰبَ وَالْحِكْمَةَ ۚ وَاِنْ كَانُوْا مِنْ قَبْلُ لَفِيْ ضَلٰلٍ مُّبِيْنٍ ○
وَّاٰخَرِيْنَ مِنْهُمْ لَمَّا يَلْحَقُوْا بِهِمْ ۚ وَهُوَ الْعَزِيْزُ الْحَكِيْمُ ○ ذٰلِكَ فَضْلُ اللّٰهِ
يُؤْتِيْهِ مَنْ يَّشَآءُ ۚ وَاللّٰهُ ذُو الْفَضْلِ الْعَظِيْمِ ○

ଅନୁବାଦ:- ଆକାଶ ଓ ପୃଥିବୀରେ ଯାହା ଅଛି, ସେ ସବୁ ଅଲ୍ଲାଃଙ୍କର ଗୁଣଗାନ କରୁଛନ୍ତି, ତାହାଙ୍କର (ଅର୍ଥାତ ସେହି ଅଲ୍ଲାଃଙ୍କର) ଯିଏ ହେଉଛନ୍ତି (ପ୍ରକୃତ) ସମ୍ରାଟ ଏବଂ ପବିତ୍ର, (ଓ ସମସ୍ତ ଗୁଣର ସମାହାର ଅଟନ୍ତି), ପରାକ୍ରମୀ (ଓ) ତତ୍ୱଜ୍ଞ । ସେ (ଅଲ୍ଲାଃ) ହିଁ ଏକ ନିରକ୍ଷର ସମ୍ପ୍ରଦାୟ ପ୍ରତି ତାହାରି ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ରସୁଲ୍ ଭାବରେ ପ୍ରେରଣ କରିଛନ୍ତି; (ସେ ନିରକ୍ଷର ହେବା ସତ୍ୱେ) ସେମାନଙ୍କୁ ପବିତ୍ର କରାଉଛନ୍ତି, ଓ ସେମାନଙ୍କୁ (ଧର୍ମ)ଗ୍ରନ୍ଥ ଓ ତତ୍ୱଶିକ୍ଷା ଦେଉଛନ୍ତି, ଅଥଚ ସେମାନେ ଏଥିପୂର୍ବରୁ ସ୍ପଷ୍ଟ ବିଭ୍ରାନ୍ତ ମଧ୍ୟରେ ରହିଥିଲେ । ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସମ୍ପ୍ରଦାୟରେ ମଧ୍ୟ ସେ ତାହାଙ୍କୁ ପ୍ରେରଣ କରିବେ ଯେଉଁମାନେ ଅଦ୍ୟାବଧି ସେମାନଙ୍କ ସହିତ ଯୋଗଦାନ କରିନାହାନ୍ତି; ଏବଂ ସେ ହିଁ ପରାକ୍ରମୀ (ଓ) ତତ୍ୱଜ୍ଞ । ଏହା ହିଁ ଅଲ୍ଲାଃଙ୍କର କୃପା, ସେ ଯାହାକୁ ଇଚ୍ଛା କରନ୍ତି ତାହାକୁ ଦେଇଥାନ୍ତି; ଅଲ୍ଲାଃ ହିଁ ଅତ୍ୟନ୍ତ କୃପାଶୀଳ । *(ସୁରଃ ଅଲ୍-ଜୁମା: ୨-୫)*

ସୁରଃ ଜୁମାର ଉପରୋକ୍ତ ଆୟତଗୁଡ଼ିକରେ ଆଁ ହଜରତ ସ:ଆ:ସଙ୍କର ଦୁଇଟି ପ୍ରକାଶ (ଅର୍ଥାତ ଆଁ ହଜରତ ସ:ଆ:ସଙ୍କର ଦୁଇଥର ଆବିର୍ଭୁତ) ହେବା ବିଷୟରେ ଉଲ୍ଲେଖ କରାଯାଇଅଛି । ମହାଭାଗ ସ:ଆ:ସଙ୍କ ପ୍ରଥମ ପ୍ରକାଶ୍ୟ ଆରବର ନିରକ୍ଷର ସମ୍ପ୍ରଦାୟ ମଧ୍ୟରେ ହୋଇଥିଲା ଏବଂ ଦ୍ୱିତୀୟ ପ୍ରକାଶ୍ୟ **ଓ୍ୱ ଆଖରିନା ମିନ୍‌ହୁମ୍ ଲମ୍ମା ୟଲହକୁବିହିମ୍** ମୁତାବକ ଆଖିରୀନ୍ (ଅର୍ଥାତ ଇସ୍‌ଲାମ୍‌ର ପରବର୍ତୀ ସମୟରେ, ଶେଷ ଯୁଗରେ- ଅନୁବାଦକ) ରେ ହେବା ବିଧିର ବିଧାନ ଥିଲା । ଯେତେବେଳେ ଏହି ଆୟତଗୁଡ଼ିକ ଅବତୀର୍ଣ୍ଣ ହେଲେ, ସେତେବେଳେ ସମ୍ମାନୀୟ ସାହାବାମାନେ ଆଁ ହଜରତ ସ:ଆ:ସଙ୍କଠାରୁ ଏହା ଜାଣିବାକୁ ଇଚ୍ଛା କଲେ ଯେ ଏହି "ଆଖିରୀନ୍" ରୁ କେଉଁ ଲୋକମାନଙ୍କୁ ବୁଝାଯିବ, ଯେଉଁମାନଙ୍କ ମଧ୍ୟରେ ହଜୁର ସ:ଆ:ସଙ୍କ ଦ୍ୱିତୀୟ ପ୍ରକାଶ୍ୟ ହେବ ? ଏଥିରେ ଆଁ ହଜରତ ସ:ଆ:ସ ସେହି ମଜ୍‌ଲିସ୍‌ରେ ଉପସ୍ଥିତ ଥିବା ହଜରତ ସଲ୍‌ମାନ୍ ଫାର୍‌ସି ର:ଅଙ୍କ କାନ୍ଧରେ ହାତ ରଖି କହିଲେ:- **ଲୌ କାନଲ୍ ଇମାନୁ ମୁଅଲ୍ଲକନ୍ ବିସ୍ ସୁରୟା ଲନା ଲହୁ ରଜୁଲୁନ୍ ଅଓ ରିଜାଲୁନ୍ ମିନ୍ ହାଉଲାଇ *(ବୁଖାରୀ କିତାବୁଲ୍ ତଫ୍‌ସୀର୍ ସୁରଃ ଜୁମା)*** ଅର୍ଥାତ ଯଦି ଇମାନ୍ (ଅର୍ଥାତ ବିଶ୍ୱାସ) ସୁରୟା ନାମକ ନକ୍ଷତ୍ର ନିକଟକୁ ବି ଚାଲିଯାଇଥିବ, ତେବେ ମଧ୍ୟ ଜଣେ ଫାର୍‌ସୀ ବଂଶୀୟ ବ୍ୟକ୍ତି ବା କିଛି ଲୋକେ ସେହି ବିଶ୍ୱାସକୁ ପୂନର୍ବାର ଏ ଦୁନିଆରେ ସ୍ଥାପନ କରିଦେବେ ।

ଏହି ଆୟତଗୁଡ଼ିକରେ ଶେଷ ଯୁଗରେ ପ୍ରକାଶ ହେବାକୁ ଥିବା ଫାର୍‌ସୀ ବଂଶୀୟ ବ୍ୟକ୍ତିଙ୍କ ପ୍ରକାଶ ହେବା କଥାକୁ ଆଁ ହଜରତ ସ:ଆ:ସଙ୍କର ପ୍ରକାଶ୍ୟ ଭାବରେ ଅଭିହିତ କରାଯାଇଅଛି । ଅର୍ଥାତ ଆସିବାକୁ ଥିବା ପ୍ରତିଶ୍ରୃତ (ବ୍ୟକ୍ତି ବିଶେଷ) ଆଁ ହଜରତ ସ:ଆ:ସଙ୍କ ପୂର୍ଣ୍ଣ ପ୍ରତିଛବି ହେବେ ।

وَعَدَ اللّٰهُ الَّذِيْنَ اٰمَنُوْا مِنْكُمْ وَعَمِلُوا الصّٰلِحٰتِ لَيَسْتَخْلِفَنَّهُمْ فِي الْاَرْضِ كَمَا اسْتَخْلَفَ
الَّذِيْنَ مِنْ قَبْلِهِمْ ۖ وَلَيُمَكِّنَنَّ لَهُمْ دِيْنَهُمُ الَّذِي ارْتَضٰى لَهُمْ وَلَيُبَدِّلَنَّهُمْ مِّنْۢ بَعْدِ
خَوْفِهِمْ اَمْنًا ۚ يَعْبُدُوْنَنِيْ لَا يُشْرِكُوْنَ بِيْ شَيْـًٔا ۚ وَمَنْ كَفَرَ بَعْدَ ذٰلِكَ فَاُولٰٓئِكَ هُمُ
الْفٰسِقُوْنَ ○

ଅନୁବାଦ:- ତୁମମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ଉଚିତ କର୍ମ କରୁଛନ୍ତି ସେମାନଙ୍କ ସହିତ ଅଲ୍ଲାଃ ଅଙ୍ଗୀକାର କରିଛନ୍ତି ଯେ ସେ ସେମାନଙ୍କୁ ଭୂପୃଷ୍ଠରେ ଖଲିଫା କରିବେ ଯେପରି ସେ ସେମାନଙ୍କ ପୂର୍ବବର୍ତୀ ଲୋକମାନଙ୍କ ଖଲିଫା କରିଥିଲେ; ଏବଂ ଯେଉଁ ଧର୍ମକୁ ସେ ସେମାନଙ୍କ ପାଇଁ ପସନ୍ଦ କରିଛନ୍ତି ସେ ସେମାନଙ୍କ ପାଇଁ ତାହାକୁ ଦୃଢ଼ଭାବରେ ସ୍ଥାପନ କରିଦେବେ: ଏବଂ ସେମାନଙ୍କ ଭୟପ୍ରଦ ଅବସ୍ଥାକୁ ପରେ ସେ ସେମାନଙ୍କ ପାଇଁ ଶାନ୍ତି ପ୍ରଦ ଅବସ୍ଥାରେ ପରିଣତ କରିଦେବେ; ସେମାନେ ଆମ୍ଭର ଉପାସନା କରିବେ (ଓ) କୌଣସି ବସ୍ତୁକୁ ଆମ୍ଭର ସମକକ୍ଷ କରିବେ ନାହିଁ; ଏବଂ ଯେଉଁମାନେ ଏହାପରେ ମଧ୍ୟ ଅମାନ୍ୟ କରିବେ, ସେମାନେ ଅବଜ୍ଞାକାରୀମାନଙ୍କ ମଧ୍ୟରେ ଗଣ୍ୟ ହେବେ । *(ସୁରଃ ନୂର୍:୫୬)*

ଏହି ଆୟତ ସମ୍ୱନ୍ଧରେ ହଜରତ ଅଲୀ ବିନ୍ ହୁସୈନ୍ କହିଛନ୍ତି:- **ନଜଲତ୍ ଫିଲ୍ ମହ୍‌ଦିୟି** ଅର୍ଥାତ ଏହି ଆୟତ ଇମାମ୍ ମେହେଦୀଙ୍କ ସମ୍ୱନ୍ଧରେ ଅବତୀର୍ଣ୍ଣ ହୋଇଛି । ସେହିପରି ଅବୁ ଅବ୍‌ଦୁଲ୍ଲାଃଙ୍କଠାରୁ ବର୍ଣ୍ଣିତ ଅଛି ଯେ ଏହାର ଅର୍ଥ ହେଉଛି ମେହେଦୀ ଓ ତାଙ୍କ ଜମାଅତ । *(ବହାରୁଲ୍ ଅନ୍‌ଓ୍ୱାର୍, ଖଣ୍ଡ-୧୩, ପୃ-୧୩)*

# ଦରସୁଲ୍ ହଦିସ୍

**ଇମାମ୍ ମେହେଦୀ ତଥା ପ୍ରତିଶ୍ରୃତ ମସିହଙ୍କ ପ୍ରକାଶ ହେବାର ଖବର**

يُوْشِكُ مَنْ عَاشَ مِنْكُمْ اَنْ يَّلْقٰى عِيْسَى بْنَ مَرْيَمَ اِمَامًا مَهْدِيًّا حَكَمًا عَدْلًا
يَكْسِرُ الصَّلِيْبَ وَيَقْتُلُ الْخِنْزِيْرَ۔
(مسند احمد جلد ۲، صفحہ ۱۵۶)

ଅର୍ଥାତ:- ଯିଏ ତୁମମାନଙ୍କ ମଧ୍ୟରୁ ଜୀବିତ ଥିବ, ସେ (ଇନ୍‌ଶାଅଲ୍ଲାଃ ତାଲା) ଇସା ଇବ୍‌ନେ ମରିୟମ୍ (ମରିୟମ୍ ପୁତ୍ର ଯୀଶୁ)ଙ୍କ ଯୁଗକୁ ପାଇବ, ସେ ହିଁ ଇମାମ୍ ମେହେଦୀ ଏବଂ ହକମ୍ ଓ୍ୱ ଅଦଲ୍ (ଅର୍ଥାତ:- ନ୍ୟାୟ ଓ ନିଷ୍ପତି ପ୍ରଦାନକାରୀ) ହେବେ, ଯିଏ କୃଶକୁ ଭଙ୍ଗ କରିବେ ଓ ଘୁଷୁରୀକୁ ବଧ କରିବେ । *(ମସ୍‌ନଦ୍ ଅହ୍‌ମଦ୍ ଖଣ୍ଡ-୨, ପୃ-୧୫୬)*

عَنْ اَبِيْ هُرَيْرَةَ رَضِيَ اللّٰهُ عَنْهُ قَالَ : قَالَ رَسُوْلُ اللّٰهِ صَلَّى اللّٰهُ عَلَيْهِ
وَسَلَّمَ : كَيْفَ اَنْتُمْ اِذَا نَزَلَ ابْنُ مَرْيَمَ فِيْكُمْ وَاِمَامُكُمْ مِنْكُمْ وَفِيْ رِوَايَةٍ
فَاَمَّكُمْ مِنْكُمْ

ଅର୍ଥାତ:- ହଜରତ ଅବୁ ହୁରୈରାଃ ର:ଅ ବର୍ଣ୍ଣନା କରିଛନ୍ତି ଯେ ଆଁ ହଜରତ ସ:ଆ:ସ କହିଛନ୍ତି:- ତୁମମାନଙ୍କର ଅବସ୍ଥା କେଡ଼େ ସଙ୍ଗିନ ହେବ, ଯେତେବେଳେ ଇବ୍‌ନେ ମରିୟମ୍ (ଅର୍ଥାତ ମସିହ୍‌ଙ୍କ ଅନୁରୁପ) ତୁମମାନଙ୍କ ମଧ୍ୟରେ ପ୍ରକାଶ ହେବେ । ଯିଏ ତୁମମାନଙ୍କର ଇମାମ୍ ହେବେ ଓ ତୁମମାନଙ୍କ ମଧ୍ୟରୁ ହିଁ ହେବେ । ଆଉ ଏକ ରିଓ୍ୱାୟତ୍‌ରେ ଆସିଛି ଯେ ତୁମମାନଙ୍କ ମଧ୍ୟରୁ ହୋଇଥିବା ଯୋଗୁଁ ସେ ତୁମମାନଙ୍କ ଇମାମତ୍ (ନେତୃତ୍ୱ)ର କର୍ତବ୍ୟକୁ ସମ୍ପାଦନ କରିବେ । *(ବୁଖାରୀ କିତାବୁଲ୍ ଅମ୍ବିୟା ବାବ୍ ନୁଜୁଲେ ଇସା ବିନ୍ ମରିୟମ୍ ଆ:ସ)*

**ନୁବଓ୍ୱତ୍‌ର ଶୈଳୀରେ ଖିଲାଫତ୍ ସ୍ଥାପନ ହେବାର ସୁସମାଚାର**

عَنْ حُذَيْفَةَ رَضِيَ اللّٰهُ عَنْهُ قَالَ: قَالَ رَسُوْلُ اللّٰهِ صَلَّى اللّٰهُ عَلَيْهِ وَسَلَّمَ :
تَكُوْنُ النُّبُوَّةُ فِيْكُمْ مَا شَآءَ اللّٰهُ اَنْ تَكُوْنَ ثُمَّ يَرْفَعُهَا اللّٰهُ تَعَالٰى ثُمَّ تَكُوْنُ
خِلَافَةٌ عَلٰى مِنْهَاجِ النُّبُوَّةِ مَا شَآءَ اللّٰهُ اَنْ تَكُوْنَ ثُمَّ يَرْفَعُهَا اللّٰهُ تَعَالٰى ثُمَّ
تَكُوْنُ مُلْكًا عَاضًّا فَتَكُوْنُ مَا شَآءَ اللّٰهُ اَنْ تَكُوْنَ ثُمَّ يَرْفَعُهَا اللّٰهُ تَعَالٰى ثُمَّ
تَكُوْنُ مُلْكًا جَبْرِيَّةً فَيَكُوْنُ مَا شَآءَ اللّٰهُ اَنْ يَكُوْنَ ثُمَّ يَرْفَعُهَا اللّٰهُ تَعَالٰى ثُمَّ
تَكُوْنُ خِلَافَةٌ عَلٰى مِنْهَاجِ النُّبُوَّةِ ثُمَّ سَكَتَ۔

ଅର୍ଥାତ:- ହଜରତ ହୁଜୈଫାଃ ର:ଅ ବର୍ଣ୍ଣନା କରିଛନ୍ତି ଯେ ଆଁ ହଜରତ ସ:ଆ:ସ କହିଛନ୍ତି:- ତୁମମାନଙ୍କ ମଧ୍ୟରେ ସେପର୍ଯ୍ୟନ୍ତ ନବୁଓ୍ୱତ୍ କାଏମ୍ ରହିବ ଯେପର୍ଯ୍ୟନ୍ତ ଅଲ୍ଲାଃ ଚାହିଁବେ । ପୁଣି ସେ ତାକୁ ଉଠାଇନେବେ ଏବଂ ଖିଲାଫତେ ଅଲା ମିନ୍‌ହାଜେ ନବୁଓ୍ୱତ୍ (ଅର୍ଥାତ ନବୁଓ୍ୱତ୍‌ର ଶୈଳୀରେ ଖିଲାଫତ୍- ଅନୁବାଦକ) ସ୍ଥାପନ ହେବ । ପୁଣି ଅଲ୍ଲାଃ ତାଲା ଯେବେ ଚାହିଁବେ ସେହି ଆର୍ଶୀବାଦକୁ ବି ଛଡ଼ାଇ ନେବେ । ପୁଣି ତାହାର ବିଧାନ ଅନୁଯାୟୀ ନିର୍ଯ୍ୟାତନା ଦେଉଥିବା ସାମ୍ରାଜ୍ୟ ଜାରି ହୋଇଯିବ । (ଯଦ୍ୱାରା ଲୋକମାନଙ୍କ ହୃଦୟ ବ୍ୟଥିତ ହେବ ଓ ସେମାନେ କଷ୍ଟ ଅନୁଭବ କରିବେ) ଯେତେବେଳେ ଏହି ଅବଧି (ଯୁଗ)ର ପରିସମାପ୍ତି ଘଟିବ, ତାହାର ଦ୍ୱିତୀୟ ତକ୍‌ଦିର୍ (ଅର୍ଥାତ ବିଧାନ) ଅନୁଯାୟୀ ତା'ଠାରୁ ବଳି ଅତ୍ୟାଚାରୀ ରାଜତନ୍ତ୍ର କାଏମ୍ ହେବ । ପୁଣି ଅଲ୍ଲାଃଙ୍କ ଦୟା ଓ କରୁଣା ଉଚ୍ଛୁଳି ପଡ଼ିବ ଓ ସେ ଏହି ଅତ୍ୟାଚାରରେ ଭରି ରହିଥିବା ଯୁଗକୁ ଶେଷ କରିଦେବେ । ତା'ପରେ ପୁଣି ଖିଲାଫତେ ଅଲା ମିନ୍‌ହାଜେ ନବୁଓ୍ୱତ ପ୍ରତିଷ୍ଠା ହେବ । ଏତିକି କହି ମହାଭାଗ ସ:ଆ:ସ ନୀରବ ହୋଇଗଲେ । *(ମିଶ୍‌କାତ୍, ବାବ୍ ଇନ୍‌ଜାର୍ ଓ୍ୱ ତହ୍‌ଜିର୍)*

**ଯେବେ ମସିହ୍ ମଉଦ୍ ଆ:ସଙ୍କ ଯୁଗକୁ ପାଇବ,**
**ତାଙ୍କୁ ମୋର ସଲାମ୍ ପହଂଚାଇ ଦେବ**

اَلَا اِنَّ عِيْسَى بْنَ مَرْيَمَ لَيْسَ بَيْنِيْ وَبَيْنَهٗ نَبِيٌّ وَلَا رَسُوْلٌ، اَلَا اِنَّهٗ خَلِيْفَتِيْ
فِيْ اُمَّتِيْ مِنْ بَعْدِيْ، اَلَا اِنَّهٗ يَقْتُلُ الدَّجَّالَ وَيَكْسِرُ الصَّلِيْبَ وَيَضَعُ الْجِزْيَةَ
وَتَضَعُ الْحَرْبُ اَوْزَارَهَا اَلَا مَنْ اَدْرَكَهٗ فَلْيَقْرَاْ عَلَيْهِ السَّلَامَ ۔

ଅର୍ଥାତ:- ସଚେତ ରୁହ ଯେ ଇସା ଇବ୍‌ନେ ମରିୟମ୍ (ମସିହ୍ ମଉଦ) ଏବଂ ମୋ ମଧ୍ୟରେ କୌଣସି ନବି ତଥା ରସୁଲ୍ ଆସିବେ ନାହିଁ । ଖୁବ୍ ଶୁଣିନିଅ ଯେ ସେ ମୋ ପରେ ଏହି ଉମ୍ମତ୍‌ରେ ମୋ ଖଲିଫା (ଉତରାଧିକାରୀ-ଅନୁବାଦକ) ହେବେ । ସେ ନିଶ୍ଚିତ ରୂପେ ଦଜ୍ଜାଲ୍‌କୁ ବଧ କରିବେ । କୃଶ (ଅର୍ଥାତ କୃଶୀୟ ବିଶ୍ୱାସ ଓ ଆସ୍ଥା)କୁ ଖଣ୍ଡ ଖଣ୍ଡ କରିଦେବେ ଏବଂ ଜିଜିୟାକୁ ଶେଷ କରିଦେବେ । (ଅର୍ଥାତ ସେହି ପ୍ରଥା ଉଠିଯିବ କାରଣ) ସେ ସମୟରେ (ଧର୍ମ) ଯୁଦ୍ଧ ଶେଷ ହୋଇଯିବ । ମନେରଖ ! ଯାହାଙ୍କୁ ବି ତାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ମିଳିବ, ସେ ତାଙ୍କୁ ମୋର ସଲାମ୍ ନିଶ୍ଚିତ ପହଂଚାଉ ।

# ସୟଦନା ହଜରତ ମିର୍ଜା ଗୁଲାମ୍ ଅହ୍ମଦ୍ କାଦିୟାନୀ ମସିହ୍ ମଉଦ୍ ଏବଂ ମେହେଦୀ ମାହ୍ଦୁଦ୍ (ପ୍ରତିଶ୍ରୁତ ମସିହ୍ ଏବଂ ମେହେଦୀ) ଆ:ସଙ୍କ ପବିତ୍ର ବାଣୀ

ଆମ ଈଶ୍ୱର ହେଉଛନ୍ତି ଆମର ସ୍ୱର୍ଗ । ଆମ ଈଶ୍ୱରଙ୍କଠାରେ ହିଁ ରହିଛି ଆମର ପରମ ଆନନ୍ଦ । କାରଣ ଆମେ ତାହାଙ୍କୁ ଦର୍ଶନ କରିଛୁ ଓ ତାହାଙ୍କ ଠାରୁ ହିଁ ପ୍ରତ୍ୟେକ ସୌନ୍ଦର୍ଯ୍ୟ ପାଇଛୁ । ଏହି ଅମୁଲ୍ୟ ସଂପଦକୁ ପାଇବା ଲାଗି ଜୀବନ ଦେବାକୁ ପଡ଼ିଲେ ମଧ ତାହା ଲାଭଯୋଗ୍ୟ । ଏହି ପଦ୍ମରାଗ ମଣିକୁ ପାଇବା ଲାଗି ନିଜର ସର୍ବାଙ୍ଗ ଅସ୍ତିତ୍ୱକୁ ଉର୍ସ୍ଗ କରିବାକୁ ପଡ଼ିଲେ ମଧ ତାହା କ୍ରୟ ଯୋଗ୍ୟ । ତୁମେ ଯେଉଁମାନେ ଏଥିରୁ ବଂଚିତ ଏହି ନିର୍ଝର ନିକଟକୁ ଦଉଡ଼ି ଆସ । ଏହା ତୁମର ତୃଷ୍ଣା ନିବାରଣ କରିବ । ମୁଁ କ'ଣ କରିବି, କିପରି ଏହି ଶୁଭ ସମ୍ବାଦକୁ (ଲୋକମାନଙ୍କ) ହୃଦୟରେ ବସାଇବି ? କେଉଁ ଢ଼ୋଲ ବାଦ୍ୟ ସାହାଯ୍ୟରେ ଢ଼େଙ୍ଗୁରା ପିଟି ଜନଗହଳି ପୂର୍ଣ୍ଣ ବଜାରରେ ଏହି ଘୋଷଣା କରିବି ଯେ ତୁମର ପ୍ରଭୁ ହେଉଛନ୍ତି ଏହିପରି । ଯଦ୍ୱାରା ଲୋକମାନେ ସରାଗରେ ମୋ କଥାକୁ କାନପାତି ଶୁଣିବେ ଏବଂ କେଉଁ ମହୌଷଧି ଦେଇ ମୁଁ ଏହାର ଉପଚାର କରିବି, ଯାହା ଫଳରେ ଶୁଣିବା ପାଇଁ ଲୋକମାନଙ୍କର କାନ ଖୋଲିଯିବ । ଯଦି ତୁମେ ଈଶ୍ୱରଙ୍କର ହୋଇଯିବ, ନିଶ୍ଚିତ ରୂପେ ଜାଣିରଖ ଯେ ଈଶ୍ୱର ମଧ ତୁମର ହୋଇଯିବେ । ତୁମେ ଶୋଇ ରହିଥିବ, ଅଲ୍ଲାଃ ତାଲା ତୁମମାନଙ୍କ ପାଇଁ ଜାଗ୍ରତ ରହିବେ । ତୁମେ ଶତ୍ରୁଙ୍କ ପ୍ରତି ଅମନଯୋଗୀ ଥିବ, କିନ୍ତୁ ପ୍ରଭୁ ତାଙ୍କ ପ୍ରତି ସତର୍କ ଦୃଷ୍ଟି ରଖିବେ । ଶତ୍ରୁର ସମସ୍ତ ମନ୍ଦ ଯୋଜନାକୁ ପଣ୍ଡ କରିଦେବେ । ....... ଈଶ୍ୱର ହେଉଛନ୍ତି ଏକ ପ୍ରିୟ ଦୁର୍ଲଭ ଭଣ୍ଡାର । ତାହାଙ୍କ ଆଦର ସମ୍ମାନ କର ଫଳତଃ ସେ ତୁମକୁ ପାଦେ ପାଦେ ସାହାଯ୍ୟ କରିବେ । ତାହାଙ୍କ ବିନା ତୁମେ କିଛି ବି ନୁହଁ । *(କଶ୍‌ତି ନୁହ୍, ପୃ-୩୦, ରୁହାନୀ ଖଜାଇନ୍ ଖଣ୍ଡ-୧୯)*

ଆମ ଜୀବନ୍ତ ହୟୁ ଓ୍ୱ କୟୁମ୍ (ଅର୍ଥାତ ସର୍ବଦା ଜୀବନ୍ତ ତଥା ସର୍ବଦା ଅବସ୍ଥାପିତ-ଅନୁବାଦକ) ଈଶ୍ୱର ଆମ ସହିତ ମଣିଷଙ୍କ ପରି କଥା ହୁଅନ୍ତି । ଆମେ ଯାହା ପଚାରିଥାଉଁ ବା ପ୍ରାର୍ଥନା କରିଥାଉଁ, ସେ ଶକ୍ତିଶାଳୀ ସମ୍ପନ୍ନ ଶବ୍ଦରେ ତାହାର ଉତର ଦେଇଥାନ୍ତେ । ଯଦି ଏହି ଧାରା/କ୍ରମ ହଜାର ଥର ବି ହୁଏ ତେବେ ମଧ ସେ ଉତର ଦେବାକୁ ପଛାନ୍ତି ନାହିଁ । ସେ ନିଜ ବାଣୀରେ ଆଶ୍ଚର୍ଯ୍ୟଜନକ ଭାବରେ ଅଦୃଶ୍ୟ/ଭବିଷ୍ୟତ କଥା ପ୍ରକାଶ କରିଥାନ୍ତି ଏବଂ ଆଲୌକିକ ଶକ୍ତିର ପ୍ରଦର୍ଶନ କରିଥାନ୍ତି । ଏପରି କି ସେ ଏ ବିଶ୍ୱାସ ଜନ୍ମାଇ ଦେଇଥା'ନ୍ତି ଯେ (ଅର୍ଥାତ ନିଶ୍ଚିତ କରାଇଥାନ୍ତି-ଅନୁବାଦକ) ସେ ହେଉଛନ୍ତି ସେହି (ଅସ୍ତିତ୍ୱ) ଯାହାଙ୍କୁ ଖୁଦା/ଈଶ୍ୱର କହିବା ଉଚିତ । ସେ ଦୁଆ/ ପ୍ରାର୍ଥନା ଗ୍ରହଣ କରିଥାନ୍ତି ଏବଂ ଗ୍ରହଣୀୟ ହେବାର ଖବର ଦେଇଥାନ୍ତି । ସେ ବଡ଼ ବଡ଼ ଅସୁବିଧାର ସମାଧାନ କରିଥାନ୍ତି । ଯଦି ଜଣେ ମୃତମାନଙ୍କ ପରି ବେମାର ପଡ଼ିଥାଏ, ବହୁମାତ୍ରାରେ ପ୍ରାର୍ଥନା କରିବା ଯୋଗୁଁ ତାକୁ ମଧ ସେ ଜୀବନ ଦେଇଥାନ୍ତି । ଏହି ସମସ୍ତ ଉଦ୍ଦେଶ୍ୟକୁ ସମୟ ପୂର୍ବରୁ ନିଜ ବାଣୀ ଦ୍ୱାରା ପ୍ରକାଶ କରିଥାନ୍ତି । ଈଶ୍ୱର ହେଉଛନ୍ତି ସେହି ଈଶ୍ୱର । ଆମ ଈଶ୍ୱର ହେଉଛନ୍ତି ଏପରି ଈଶ୍ୱର ଯିଏ ନିଜ ବାଣୀ ସାହାଯ୍ୟରେ, ଯାହା ଆସନ୍ତା ଭବିଷ୍ୟତର ଘଟଣାବଳୀ ଉପରେ ପରିବେଷ୍ଟିତ ଥାଏ, ଆମ ଉପରେ ପ୍ରମାଣ କରିଦିଏ ଯେ ପୃଥିବୀ ଓ ଆକାଶର ଈଶ୍ୱର ହେଉଛନ୍ତି ସେ ନିଜେ ସ୍ୱୟଂ । ସେ ହିଁ ମତେ ସମ୍ବୋଧନ କରି କହିଛନ୍ତି ଯେ ମୁଁ ତୁମକୁ ତାଉନ୍ (ଅର୍ଥାତ ପ୍ଲେଗ୍ ମହାମାରୀ)ର ମୃତ୍ୟୁରୁ ବଂଚାଇବି । ଏ ଯୁଗରେ ଆଉ କିଏ ଏପରି ଅଛି ଯିଏ ମୋ ବ୍ୟତୀତ ଏମିତି ଐଶିବାଣୀ ପ୍ରକାଶ କରିଥିବ ଏବଂ ନିଜ ପାଇଁ, ନିଜ ପତ୍ନୀଙ୍କ ପାଇଁ, ନିଜ ପିଲାମାନଙ୍କ ପାଇଁ ତଥା ପୂଣ୍ୟବାନ ଲୋକମାନଙ୍କ ପାଇଁ, ଯେଉଁମାନେ ଏହି ଚାରିକାନ୍ଥ ଭିତରେ ରହୁଛନ୍ତି, ଈଶ୍ୱରଙ୍କ ସୁରକ୍ଷା ଦାୟିତ୍ୱ (ବଳୟ ମଧରେ ରହିଥିବାର) ପ୍ରକାଶ କରିଥିବ ।
*(ନସିମେ ଦାଓ୍ୱତ୍, ପୃ-୮୨ ରୁହାନୀ ଖଜାଇନ୍ ଖଣ୍ଡ-୧୯)*

ମୁଁ ସର୍ବଦା ଆଶ୍ଚର୍ଯ୍ୟଜନିତ ଦୃଷ୍ଟିରେ ଅବଲୋକନ କରୁଛି ଯେ ଏହି ଆରବୀ ନବି, ଯାହାଙ୍କ ନାମ ହେଉଛି ହଜରତ ମୁହମ୍ମଦ ସ:ଆ:ସ (ହଜାର ହଜାର ଦରୁଦ ଓ ସଲାମ୍ ତାଙ୍କ ଉପରେ ଅବତୀର୍ଣ୍ଣ ହେଉ) । ସେ କେଡ଼େ ଉଚ୍ଚ କୋଟିର ନବି ଅଟନ୍ତି, ଯାହାଙ୍କ ଉଚ୍ଚ ପଦମର୍ଯ୍ୟାଦାର ସୀମା ନିର୍ଦ୍ଧାରଣ କରାଯାଇପାରିବ ନାହିଁ ଏବଂ ତାଙ୍କ ଆଧାତ୍ମିକ ପ୍ରଭାବକୁ ମୂଲ୍ୟାଙ୍କନ କରିବା ମଣିଷ ପକ୍ଷେ ସମ୍ଭବ ନୁହେଁ । ପରିତାପର ବିଷୟ ଏହା କି ତାଙ୍କ ପଦମର୍ଯ୍ୟାଦାକୁ ଯେପରି ସମ୍ମାନ/ପରିଚୟ ମିଳିବା କଥା ସେପରି ପରିଚୟ ମିଳିପାରିନାହିଁ । ଯେଉଁ ଏକେଶ୍ୱରବାଦ ପୃଥିବୀ ପୃଷ୍ଠରୁ ଲୋପ ପାଇ ଯାଇଥିଲା, ସେ ହିଁ ଏପରି ଜଣେ ଯୋଦ୍ଧା ଥିଲେ, ଯିଏ ପୁଣି ତାକୁ ପୃଥିବୀ ପୃଷ୍ଠରେ ପୁନଃ ପ୍ରତିଷ୍ଠା କରିପାରିଥିଲେ । ସେ ଈଶ୍ୱରଙ୍କୁ ପ୍ରଗାଢ଼ ପ୍ରେମ କରୁଥିଲେ ଏବଂ ମାନବଜାତିର ଅଶେଷ କଲ୍ୟାଣ ନିମନ୍ତେ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ । ସେଥିସକାଶେ ଅଲ୍ଲାଃ, ଯିଏ ତାଙ୍କ ହୃଦୟର ରହସ୍ୟକୁ ଭଲ ଭାବରେ ଜାଣିଥିଲେ, ତାଙ୍କୁ ସମସ୍ତ ପୂର୍ବ ଓ ପର ନବିମାନଙ୍କ ଉପରେ ଶ୍ରେଷ୍ଠତା ପ୍ରଦାନ କଲେ ଏବଂ ତାଙ୍କ ଜୀବଦ୍ଦଶାରେ ହିଁ ତାଙ୍କର ସମସ୍ତ ମନୋକାମନା ପୂରଣ କରିଦେଲେ । ସେ ହିଁ ସମସ୍ତ ଅନୁଗ୍ରହର ଉତ୍ସ ଅଟନ୍ତି । ଯଦି କୌଣସି ବ୍ୟକ୍ତି ତାଙ୍କର ଏହି ଅନୁଗ୍ରହର ସ୍ୱୀକାର ନ କରି କୌଣସି ଶ୍ରେଷ୍ଠତ୍ୱର ଦାବି କରେ, ସେ ମଣିଷ ନୁହେଁ ସଇତାନର ବଂଶଧର । କାରଣ ପ୍ରତ୍ୟେକ ସୁଗୁଣର ଚାବିକାଠି ତାଙ୍କୁ ଦିଆଯାଇଅଛି । ସମସ୍ତ ଜ୍ଞାନର ଭଣ୍ଡାର ତାଙ୍କୁ ପ୍ରଦାନ କରାଯାଇଅଛି । ଯିଏ ତାଙ୍କ ଜରିଆରେ କିଛି ପ୍ରାପ୍ତ କରୁନାହିଁ, ସେ ଚୀର ଅଭାବୀ ରହିବ । ଆମେ କ'ଣ ତଥା ଆମର ବାସ୍ତବତା କ'ଣ ? ଯଦି ଆମେ ଏକଥା ଅସ୍ୱୀକାର କରିବୁ ଯେ ଆମେ ପ୍ରକୃତ ଏକେଶ୍ୱରବାଦକୁ ସେହି ନବିଙ୍କ ଦ୍ୱାରା ପାଇଛୁ ତଥା ଆମେ ସେହି ସିଦ୍ଧ/ପୂର୍ଣ୍ଣ ନବି ଓ ତାଙ୍କ ଜ୍ୟୋତି ଦ୍ୱାରା ଜୀବନ୍ତ ଈଶ୍ୱରଙ୍କୁ ଚିହ୍ନିଛୁ ଓ ଅଲ୍ଲାଃଙ୍କ ସହିତ ବାର୍ତ୍ତାଳାପ କରିବାର ସୌଭାଗ୍ୟ ମଧ ପ୍ରାପ୍ତ କରିଛୁ ବୋଲି ତା'ହେଲେ ଆମେ ତାଙ୍କର ସେହି ଉପକାରକୁ ଅସ୍ୱୀକାର କରିବୁ । ସେହି ପୂଣ୍ୟଶ୍ଲୋକ ନବିଙ୍କ ଜରିଆରେ ହିଁ ଆମେ ତାହାଙ୍କ (ଅର୍ଥାତ ଈଶ୍ୱରଙ୍କ-ଅନୁବାଦକ) ଚେହେରାକୁ ଦେଖିବାର ସୌଭାଗ୍ୟ ମିଳିଲା । ସେହି ସୂର୍ଯ୍ୟରୂପି ପଥ ପଦର୍ଶକଙ୍କ ରଶ୍ମି ସୂର୍ଯ୍ୟାଲୋକ ସଦୃଶ ଆମ ଉପରେ ପଡ଼ିଚାଲିଛି । ଆମେ ଯେ ପର୍ଯ୍ୟନ୍ତ ତାଙ୍କ ସମ୍ମୁଖରେ ଛିଡ଼ା ହୋଇଥିବୁ ସେ ପର୍ଯ୍ୟନ୍ତ ଆମେ ଆଲୋକିତ ହୋଇପାରିବା ।" *(ହକିକତୁଲ୍ ଓ୍ୱହି ପୃ-୧୧୫-୧୧୬)*

ଏ ପୃଥିବୀ ପୃଷ୍ଠରେ ବାସ କରୁଥିବା ହେ ସମସ୍ତ ଲୋକମାନେ ତଥା ପୂର୍ବ ଏବଂ ପାଶ୍ଚାତ୍ୟରେ ବାସ କରୁଥିବା ହେ ସମସ୍ତ ମାନବ ଆତ୍ମା । ମୁଁ ତୁମ ସମସ୍ତଙ୍କୁ ବହୁତ ଜୋର୍ ଦେଇ ଅନୁରୋଧ କରୁଅଛି ଯେ ବର୍ତମାନ ପୃଥିବୀରେ ଏକମାତ୍ର ପ୍ରକୃତ ଧର୍ମ ହେଉଛି ଇସ୍‌ଲାମ୍ ଧର୍ମ ଏବଂ ପ୍ରକୃତ ଈଶ୍ୱର ହେଉଛନ୍ତି ସେହି ଈଶ୍ୱର, ଯାହାଙ୍କ ବିଷୟରେ ପବିତ୍ର କୁର୍‌ଆନ୍ ହିଁ ବର୍ଣ୍ଣନା କରିଅଛି । ଅନନ୍ତ ଆଧାତ୍ମିକ ଜୀବନ ପ୍ରାପ୍ତ କରିଥିବା, ଗୌରବ ଓ ପବିତ୍ରତାର ସିଂହାସନରେ ଅଧିଷ୍ଠିତ ଥିବା ନବୀ ହେଉଛନ୍ତି ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ । ଯାହାଙ୍କ ଆଧାତ୍ମିକ ଜୀବନ ତଥା ପବିତ୍ର ଗୌରବର ଏ ପ୍ରମାଣ ଆମକୁ ମିଳିଅଛି ଯେ ତାଙ୍କୁ ଅନୁସରଣ କରିବା ଦ୍ୱାରା ଓ ତାଙ୍କୁ ଭଲ ପାଇବା ଦ୍ୱାରା ଆମେ ରୁହୁଲ୍ କୁଦୁସ୍ (ଅର୍ଥାତ ପବିତ୍ର ଆତ୍ମା-ଅନୁବାଦକ), ଈଶ୍ୱରଙ୍କ ସହିତ ବାର୍ତାଳାପ ଏବଂ ସ୍ୱର୍ଗୀୟ ସଂକେତ / ନିଦର୍ଶନର ଐଶି ପୁରସ୍କାର ପାଇଚାଲିଛୁ । *(ତର୍‌ୟାକୁଲ୍ କୁଲୁବ୍ ପୃ-୧୧, ରୁହାନୀ ଖଜାଇନ୍ ଖଣ୍ଡ-୧୫)*

ମୁଁ ତୁମକୁ ସତ୍ୟ କହୁଅଛି ଯେ ଯେଉଁ ବ୍ୟକ୍ତି ପବିତ୍ର କୁର୍‌ଆନ୍‌ର ସାତ ଶହ ଧର୍ମାଦେଶ ମଧରୁ ଗୋଟିଏ ଛୋଟ ଆଦେଶକୁ ମଧ ଅମାନ୍ୟ କରେ, ସେ ନିଜ ମୋକ୍ଷର ଦ୍ୱାରକୁ ନିଜ ହାତରେ ବନ୍ଦ କରିଥାଏ । ବାସ୍ତବ ପକ୍ଷେ ସମ୍ପୂର୍ଣ୍ଣ ମୁକ୍ତିର ମାର୍ଗ ପବିତ୍ର କୁର୍‌ଆନ୍ ହିଁ ସ୍ପଷ୍ଟ ରୂପେ ଉନ୍ମୋଚନ କରିଦେଇଛି । ଅନ୍ୟ ସବୁ ଶାସ୍ତ୍ର ଏହାର ପ୍ରତିଫଳନ ତେଣୁ ତୁମେ ପବିତ୍ର କୁର୍‌ଆନ୍‌କୁ ଗଭୀର ମନ ଧ୍ୟାନ ଦେଇ ପାଠକର ଓ ତାକୁ ବହୁତ ପ୍ରେମ କର । ଏପରି ପ୍ରେମ ଯାହା ତୁମେ କାହାକୁ ବି କରିନଥିବ । କାରଣ ଯେପରି ଈଶ୍ୱର ମୋତେ ସମ୍ବୋଧନ କରି କହିଛନ୍ତି: **ଅଲ୍‌ଖୈରୁ କୁଲ୍ଲୁହୁ ଫିଲ୍ କୁର୍‌ଆନ୍** ଅର୍ଥାତ ସମସ୍ତ ପ୍ରକାରର କଲ୍ୟାଣ ପବିତ୍ର କୁର୍‌ଆନ୍ ମଧରେ ଭରି ରହିଛି ଓ ଏହା ହିଁ ହେଉଛି ଉତ୍କୃଷ୍ଟ ଶିକ୍ଷା । ଏପରି ଲୋକମାନଙ୍କ ପାଇଁ ଦୁଃଖ

*ଅବଶିଷ୍ଟାଂଶ ପୃଷ୍ଠା- ୧୭ ରେ ଦେଖନ୍ତୁ......*

ତକ୍‌ରିର୍ ଜଲ୍‌ସା ସାଲାନା କାଦିଆନ୍ ୨୦୨୧

# ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରାର୍ଥନା ଗ୍ରହଣୀୟ ହେବା ଆଲୋକରେ

**(ମୁହମ୍ମଦ କରିମୁଦ୍ଦିନ୍ ଶାହିଦ୍, ସଭାପତି ସଦର୍ ଅଞ୍ଜୁମନ୍ ଅହ୍‌ମଦୀୟା କାଦିଆନ୍)**

ଅଲ୍ଲାଃ ତାଲା ପବିତ୍ର କୁର୍‌ଆନ୍‌ରେ ଭାଷିଛନ୍ତି:

وَإِذَا سَأَلَكَ عِبَادِي عَنِّي فَإِنِّي
قَرِيبٌ ۖ أُجِيبُ دَعْوَةَ الدَّاعِ إِذَا دَعَانِ ۖ
فَلْيَسْتَجِيبُوا لِي وَلْيُؤْمِنُوا بِي لَعَلَّهُمْ
يَرْشُدُونَ (البقرة:187)

ଅର୍ଥାତ:- ଏବଂ (ହେ ରସୁଲ୍!) ଯେବେ ଆମ୍ଭ ଭକ୍ତମାନେ ତୁମକୁ ଆମ୍ଭ ସଂକ୍ରାନ୍ତରେ ପ୍ରଶ୍ନ କରିବେ ତେବେ (ସେମାନଙ୍କୁ କହିଦିଅ) ଆମ୍ଭେ ସେମାନଙ୍କ ନିକଟରେ ଅଛୁ; ପ୍ରାର୍ଥନାକାରୀ ଯେବେ ବି ଆମ୍ଭକୁ ପ୍ରାର୍ଥନା କରେ ଆମ୍ଭେ ତାହାର ପ୍ରାର୍ଥନାକୁ ଗ୍ରହଣ କରିଥାଉ; ସୁତରାଂ ଆମ୍ଭର ଆଦେଶ ଗ୍ରହଣ କରିବା ଓ ଆମ୍ଭ ଉପରେ ବିଶ୍ୱାସ ସ୍ଥାପନ କରିବା ସେମାନଙ୍କ ପକ୍ଷେ ବିଧେୟ, ଫଳତଃ ସେମାନେ ସତ୍‌ପଥଗାମୀ ହେବେ। *(ସୁରଃ ଅଲ୍‌ବକ୍‌ରାଃ: ୧୮୭)*

ମୋ ବକ୍ତବ୍ୟର ବିଷୟବସ୍ତୁ ହେଉଛି "ହସ୍ତିବାରି ତାଲା କୁବୁଲିୟତେ ଦୁଆ କି ରୌଶନ୍ ମେଁ" ଅର୍ଥାତ:- ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରାର୍ଥନା ଗ୍ରହଣୀୟ ହେବାର ଆଲୋକରେ। ଏ ଅଧମ ଆରମ୍ଭରେ ସୁରଃ ବକ୍‌ରାଃର ଯେଉଁ ଆୟତ ଓ ତାହାର ଅନୁବାଦ ପାଠ କରିଛି, ସେଥିରେ ଅଲ୍ଲାଃ ତାଲା ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କୁ ସମ୍ବୋଧନ କରି କହିଛନ୍ତି ଯେ ହେ ମୁହମ୍ମଦ ସ:ଆ:ସ! ଯେତେବେଳେ ମୋ ଭକ୍ତମାନେ ମୋ ଅସ୍ତିତ୍ୱ ସମ୍ବନ୍ଧରେ ଓ ମୋ ସଂକ୍ରାନ୍ତରେ ତୁମକୁ ପଚାରିବେ ଯେ ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ କଣ? ସେତେବେଳେ ତୁମେ ସେମାନଙ୍କୁ ଉତର ଦେବ ଯେ ମୁଁ ତ ସେମାନଙ୍କ ଅତି ନିକଟରେ ଅଛି। ଏହାର ଲକ୍ଷଣ ହେଉଛି ଏହା କି ଯେତେବେଳେ ସେମାନେ ମତେ ଡ଼ାକିଥାନ୍ତି, ମୁଁ ସେମାନଙ୍କର ଡ଼ାକ ଶୁଣି ସେମାନଙ୍କ ପ୍ରାର୍ଥନାର ଉତର ଦେଇଥାଏ ଏବଂ ଏହା ହେଉଛି ତାହାର ପ୍ରମାଣ ଯେ ମୁଁ ବିଦ୍ୟମାନ ଅଛି। ମୋ ଅସ୍ତିତ୍ୱ କୌଣସି ଭ୍ରାନ୍ତି ନୁହେଁ ବରଂ ଏକ ଜୀବନ୍ତ ସତ୍ୟ। ମୁଁ ହିଁ ଏହି ବିଶ୍ୱ ବ୍ରହ୍ମାଣ୍ଡର ସ୍ରଷ୍ଟା ଓ ମାଲିକ ଯିଏ ଏହି ସମଗ୍ର ସଂସାରର କରାଖାନାକୁ ପରିଚାଳିତ କରୁଅଛି। ଅର୍ଥାତ ଖୁଦାତାଲା ଏହି ପବିତ୍ର ଆୟତରେ ଏକଥା ପ୍ରକାଶ କରିଛନ୍ତି ଯେ ସେହି ଈଶ୍ୱର କେବଳ ନାମକୁ ମାତ୍ର ସମ୍ରାଟ ନୁହନ୍ତି ଏବଂ ନା ସେ ନିଜ ଦ୍ୱାରା ସୃଷ୍ଟି କାନୁନ୍‌ର ଗୁଲାମ୍ (ଦାସ) ଯେ ସେଥିରେ କୌଣସି ପ୍ରକାରେ କେବେ ବି ପରିବର୍ତନ କରିପାରିବ ନାହିଁ। ଅବଶ୍ୟ ସେ ନିଜ ସୁନ୍ନତ (କାର୍ଯ୍ୟ ପଦ୍ଧତି) ଏବଂ ପ୍ରତିଶୃତି ବିପରୀତ କୌଣସି କାମ କରନ୍ତି ନାହିଁ କିନ୍ତୁ ସେ ହେଉଛନ୍ତି ଜୀବନ୍ତ ଓ ନିୟନ୍ତ୍ରଣକାରୀ ଈଶ୍ୱର ଯିଏ ନିଜ ଭକ୍ତମାନଙ୍କର ଦୁଆ (ପ୍ରାର୍ଥନା)କୁ ଶୁଣିଥାନ୍ତି ଏବଂ ସେ ସବୁର ନିଶ୍ଚିତ ଫଳାଫଳ ବାହାର କରିଥାନ୍ତି।

ଜମାତ ଅହେମଦୀୟାର ସଂସ୍ଥାପକ ହଜରତ ମସିହ୍ ମଉଦ୍ ଆ:ସ କେଡ଼େ ସୁନ୍ଦର ଭାବରେ ଏହା କହିଛନ୍ତି ଯେ:-

**ତୁଝେ ଦୁନୟା ହୈ କିସ୍‌ନେ ପୁକାରା**
**କେ ଫିର୍ ଖାଲି ଗୟା କିସ୍‌ମତ୍ କା ମାରା**
**ତୋ ଫିର୍ ହୈ କିସ୍ କଦ୍ର ଉସ୍‌କେ ସାହାରା**
**କେ ଜିସ୍‌କା ତୁ ହି ହୈ ସବ୍ ସେ ପ୍ୟାରା**
**ହୁଆ ମୈଁ ତେରେ ଫଜ୍‌ଲୋଁ କା ମୁନାଦି**
**ଫସୁବ୍‌ହାନଲ୍ ଲଜ୍ଜି ଅଖ୍‌ଜଲ୍ ଆଆଦି**

ଇସ୍‌ଲାମ୍ ନା କେବଳ ଦୁଆ (ପ୍ରାର୍ଥନା) କରିବା ପ୍ରସଙ୍ଗକୁ ବ୍ୟାଖ୍ୟା ତଥା ବିସ୍ତୃତ ଭାବରେ ବର୍ଣନା କରି ତା' ଉପରେ ବିଶେଷ ରୂପେ ଜୋର୍ ଦେଇଛି ବରଂ ମୁସଲମାନମାନଙ୍କୁ ଦୁଆ (ପ୍ରାର୍ଥାନ)ର ବ୍ୟବହାରିକ ଶିକ୍ଷା ଦେବା ପାଇଁ ତଥା ଦୁଆ ର ଅଭ୍ୟସ୍ତ କରାଇବା ପାଇଁ ମଣିଷର ପ୍ରତ୍ୟେକ ଅବସ୍ଥା, ତାହା ଗତିଶୀଳ ହେଉ ବା ସ୍ଥିର, ସହିତ କୌଣସି ନା କୌଣସି ଦୁଆ ନିର୍ଦ୍ଧାରଣ କରିଛନ୍ତି ଯଦ୍ୱାରା ମଣିଷର କୌଣସି ବି କ୍ଷଣ ଈଶ୍ୱରଙ୍କୁ ଜପିବାରେ ହାତଛଡ଼ା ନ ହେଉ ଏବଂ ଏହି ଅଭ୍ୟାସ ତାକୁ ସବୁବେଳେ ଏହା ମନେପକାଇଦେଉ ଯେ ଆମର ଜଣେ ଜୀବନ୍ତ ଓ ଶକ୍ତିଶାଳୀ ଈଶ୍ୱର ଅଛନ୍ତି ଯିଏ ଆମର ପ୍ରାର୍ଥନାକୁ ଶୁଣୁଛନ୍ତି ତଥା ତାହାର ସକାରାତ୍ମକ ଓ ଉତମ ଫଳ ପ୍ରଦାନ କରୁଛନ୍ତି।

ବର୍ତମାନ ଯୁଗର ଶେଷ ଇମାମ୍ ସୟଦନା ହଜରତ ମିର୍ଜା ଗୁଲାମ୍ ଅହ୍‌ମଦ୍ କାଦିୟାନୀ ମସିହ୍ ମଉଦ୍ ଓ୍ୱ ମେହ୍‌ଦୀ ମାହୁଦ୍ ଆଲୈହିସ୍ ସଲାମ୍ କହିଛନ୍ତି;-

"ଅବୋଧ ଏକଥା ଭାବିଥାଏ ଯେ ଦୁଆ (ଅର୍ଥାତ ଈଶ୍ୱରଙ୍କୁ ପ୍ରାର୍ଥନା କରିବା) ଏକ ନିରର୍ଥକ ଓ ବୃଥା ବିଷୟ ଅଟେ। କିନ୍ତୁ ତାକୁ ଜଣାନାହିଁ ଯେ କେବଳ ଦୁଆ ହିଁ ଗୋଟିଏ ଜିନିଷ ଯାହା ଦ୍ୱାରା ଈଶ୍ୱର ଅନ୍ୱେଷଣ କରୁଥିବା ଲୋକମାନଙ୍କ ଉପରେ ପ୍ରକାଶ କରିଥାନ୍ତି ଏବଂ **ଅନଲ୍ କାଦିରୁ** (ଅର୍ଥାତ:- ମୁଁ ହିଁ ସର୍ବଶକ୍ତିମାନ ଅନୁବାଦକ) ଐଶିବାଣୀ ସେମାନଙ୍କ ହୃଦୟରେ ଅବତୀର୍ଣ୍ଣ କରିଥାନ୍ତି। ବିଶ୍ୱାସର ପ୍ରତ୍ୟେକ କ୍ଷୁଧାର୍ଥ ଓ ତୃଷାର୍ତ ଏକଥା ମନେରଖୁ ଯେ ଏହି ଜୀବନରେ ଆଧାତ୍ମିକ ଆଲୋକ ଚାହୁଁଥିବା ଲୋକମାନଙ୍କ ପାଇଁ କେବଳ ଦୁଆ ହିଁ ଏକ ମାଧ୍ୟମ ଯାହା ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ଜନ୍ମାଇଥାଏ ଓ ସମସ୍ତ ସନ୍ଦେହ ଓ ଶଙ୍କାକୁ ଦୂର କରିଦେଇଥାଏ।" *(ଅୟାମୁସ୍ ସୁଲହ୍, ରୁହାନୀ ଖଜାଇନ୍, ଖଣ୍ଡ-୧୪, ପୃ-୨୩୯)*

ପୁଣି ହଜରତ ମସିହ୍ ମଉଦ୍ ଆ:ସ କହିଲେ:-

"ଦୁଃଖ ଓ ବିପତି ସମୟରେ ହିଁ ଦୁଆ (ପ୍ରାର୍ଥନା)ର ଅଦ୍ଭୁତ ବିଶେଷତା ଓ ପ୍ରଭାବ ପ୍ରକାଶ ହୋଇଥାଏ। ସତ୍ୟ ହେଉଛି ଏହା କି ଆମର ଭଗବାନ ତ ପ୍ରାର୍ଥନା ଦ୍ୱାରା ଜଣାଶୁଣା" (ଅର୍ଥାତ ଚିହ୍ନିତ)। *(ମଲ୍‌ଫୁଜାତ୍, ଖଣ୍ଡ-୨, ପୃ-୧୪୭, ମୁଦ୍ରିତ କାଦିଆନ୍ ୨୦୦୩)*

ସେହିପରି ହଜରତ ମସିହ୍ ମଉଦ ଆ:ସ କହିଛନ୍ତି:- "ଖୁଦାତାଲା ପବିତ୍ର କୁର୍‌ଆନ୍‌ରେ ଗୋଟିଏ ସ୍ଥାନରେ ନିଜକୁ ଚିହ୍ନିବାର ଏ ଲକ୍ଷଣ ବତାଇଛନ୍ତି ଯେ ତୁମର ଖୁଦା (ପ୍ରଭୁ) ହେଉଛନ୍ତି ଏପରି ପ୍ରଭୁ ଯିଏ ବ୍ୟାକୁଳ ଲୋକମାନଙ୍କର ପ୍ରାର୍ଥନା ଶୁଣିଥାନ୍ତି। ଯେମିତି କି ସେ କହିଛନ୍ତି:- **ଅମ୍ମନ୍ ୟୁଜିବୁଲ୍ ମୁଜ୍‌ତର୍‌ରା ଇଜା ଦଆହୁ** ପୁଣି ଯେତେବେଳେ ଈଶ୍ୱର ନିଜର ଅସ୍ତିତ୍ୱର ସନ୍ତକ/ଚିହ୍ନ / ଲକ୍ଷଣ ନିମନ୍ତେ ଦୁଆ ଗ୍ରହଣୀୟ ହେବାକୁ ଅଭିହିତ କରିଛନ୍ତି ଏପରି ସ୍ଥଳେ କିପରି ଜଣେ ବୁଦ୍ଧିମାନ ଓ ବିନମ୍ର ବ୍ୟକ୍ତି ଏହା ଭାବିପାରିବ ଯେ ଦୁଆ କରିବା ଦ୍ୱାରା କୌଣସି ପ୍ରକାରର ସ୍ପଷ୍ଟ ଫଳ ପ୍ରାପ୍ତ ହୁଏନାହିଁ ଓ ଏହା କେବଳ ଏକ ପ୍ରଥା ଯେଉଁଥିରେ କିଛି ବି ଆଧାତ୍ମିକତା ହିଁ ନାହିଁ? ମୋ ମତରେ ଏପରି ଅଭଦ୍ରାମି କୌଣସି ସତ୍‌ବିଶ୍ୱାସୀ ବ୍ୟକ୍ତି କଦାପି କରିବନାହିଁ କାରଣ ପରମ ପ୍ରତାପି ଅଲ୍ଲାଃ କହିଛନ୍ତି ଯେ ଯେଉଁଭଳି ପୃଥିବୀ ଓ ଆକାଶର ବିଶେଷ ଗୁଣ/ ପ୍ରକୃତି ଉପରେ ଅନୁଧ୍ୟାନ କଲେ ବାସ୍ତବିକ ଈଶ୍ୱରଙ୍କୁ ଚିହ୍ନି ହୋଇଥାଏ ସେହିପରି ଦୁଆ ର ଗ୍ରହଣୀୟତାକୁ ଅବଲୋକନ କରିବା ଦ୍ୱାରା ଅଲ୍ଲାଃଙ୍କ ଉପରେ ବିଶ୍ୱାସ ଆସିଥାଏ।" *(ଅୟାମୁସ୍ ସୁଲାହ୍, ରୁହାନି ଖଜାଇନ୍, ଖଣ୍ଡ-୧୪, ପୃ-୨୫୯)*

ପ୍ରିୟ ଶ୍ରୋତାଗଣ! ବିଶ୍ୱ ଧର୍ମର ଇତିହାସ ଏବଂ ପରମ୍ପରାରୁ ଆମକୁ ଏକଥା ବହୁତ ସ୍ପଷ୍ଟ ଭାବରେ ଦେଖାଯାଉଅଛି ଯେ ଖୁଦାଙ୍କ ତରଫରୁ ପ୍ରେରିତ ପ୍ରତ୍ୟେକ ନବୀ ଦୁଆ (ପ୍ରାର୍ଥନା) ଗ୍ରହଣୀୟ ହେବା ଜରିଆରେ ଜୀବନ୍ତ ଈଶ୍ୱରଙ୍କ ଅସ୍ତିତ୍ୱକୁ ପ୍ରମାଣିତ କରିଛନ୍ତି। ପବିତ୍ର କୁର୍‌ଆନ୍ ବିଭିନ୍ନ ନବୀ (ଅର୍ଥାତ ଭବିଷ୍ୟତ୍ ବକ୍ତା) ଏବଂ ସେମାନଙ୍କ ବିରୋଧିମାନଙ୍କ ବିଷୟରେ ଚର୍ଚ୍ଚା କରି ଦୁଆ ଗ୍ରହଣୀୟ ହେବାର ଅନେକ ଘଟଣା ବର୍ଣ୍ଣନା କରିଛି। ଏହା ହଜରତ ଆଦମ୍ ଆ:ସଙ୍କ ଦୁଆ (ଅର୍ଥାତ ପ୍ରାର୍ଥନା) ତଥା ଈଶ୍ୱରଙ୍କ ପ୍ରତି ସଂଲଗ୍ନତାର ଫଳାଫଳ ଥିଲା ଯେ ସେ ଯୁଗର ଦୁଷ୍ଟ ଏବଂ ଅହଙ୍କାରୀ ସର୍‌ଦାର୍ ଇବ୍‌ଲିସ୍ ଓ ତା ଅନୁଗାମୀମାନଙ୍କର ପରିଣାମ ବହୁତ ମନ୍ଦ ହୋଇଥିଲା। ପରିଶେଷରେ ସେମାନଙ୍କୁ ଈଶ୍ୱରଙ୍କ ଦରବାରରୁ ପ୍ରତାଡ଼ିତ କରାଗଲା। ହଜରତ ନୁହ୍ ଆ:ସଙ୍କ ସମ୍ପ୍ରଦାୟ ତାଙ୍କୁ ଅସ୍ୱୀକାର କଲେ (ଅର୍ଥାତ ନୁହ୍ ଆ:ସଙ୍କୁ ଅସ୍ୱୀକାର କଲେ) ଏବଂ ବହୁତ ନିର୍ଯ୍ୟାତନା ଦେବା ସହିତ ତାଙ୍କୁ ବହୁତ ପରିହାସ କରୁଥିଲେ। ହଜରତ ନୁହ୍ ଆ:ସ ପ୍ରାର୍ଥନା କଲେ ଯେ:- **ରବ୍‌ବି ଲା ତଜର୍ ଅଲଲ୍ ଅର୍‌ଜି ମିନଲ୍ କାଫିରନ୍ ଦୟାରନ୍ (ସୁରଃ ନୁହ:୨୭)** ଅର୍ଥାତ:- ହେ ଆମର ପାଳନକର୍ତାଃ ଏପରି ଅକୃତଜ୍ଞ, ଦୁର୍ଭାଗ୍ୟଜନକ ଦୁଷ୍ଟ ତଥା ଅହଙ୍କାରୀ ଲୋକମାନଙ୍କୁ ଏ ଜଗତରୁ ବିଲୋପ କରିଦିଅ। ଏପରି ଦୁଆ କରିବା ଫଳରେ ଏପରି ବନ୍ୟା ଆସିଲା ଯେ ଗାଁ ଗାଁ ବସ୍ତି ବସ୍ତି ଉଜୁଡ଼ି ଗଲା, ଧ୍ୱଂସ ହୋଇଗଲା। କେବଳ ସେହି ଲୋକମାନେ ହିଁ ବଂଚିରହିଲେ ଯେଉଁମାନେ ନୁହ୍ ଆ:ସଙ୍କ ଡ଼ଙ୍ଗାରେ ଆରୋହଣ କରିଥିଲେ। ହଜରତ ଇବ୍ରାହିମ୍ ଆ:ସଙ୍କ ଦୁଆ ର ଫଳାଫଳ ଏହା ଥିଲା ଯେ ନମ୍‌ରୁଦ୍‌ର ନିଆଁ ଫୁଲ ବଗିଚାରେ ପରିବର୍ତନ ହୋଇଗଲା ଏବଂ ତାଙ୍କ ପ୍ରାର୍ଥନାର

ଚମତ୍କାର ଏହା ଥିଲା ଯେ ତାଙ୍କ ସନ୍ତାନମାନଙ୍କ ମଧ୍ୟରେ ଅଲ୍ଲାଃ ତାଲା ପିଢ଼ି ପରେ ପିଢ଼ି ଅନେକ ନବୀ ପ୍ରେରଣ କଲେ । ସେମାନଙ୍କ ମଧ୍ୟରେ ଉଲ୍ଲେଖନୀୟ ହଜରତ ମୁସା, ହଜରତ ଇସା ଏବଂ ଶେଷରେ ଆମ ପ୍ରୀୟ ମୁନିବ ହଜରତ ମୁହମ୍ମଦ ଆରବୀ ସ:ଆ:ସ ଖାତମୁନ୍ ନବୀୟିନ୍‌ର ମୁକୁଟ ନିଜ ଶିରରେ ସୁସଜ୍ଜିତ କରି ଏ ସଂସାରରେ ଆବିର୍ଭୂତ ହେଲେ । ହଜରତ ମୁସା ଆ:ସଙ୍କ ପ୍ରାର୍ଥନାର ଚମତ୍କାର ଏହା ଥିଲା ଯେ ତାଙ୍କ ହାତର ଗୋଟିଏ ମାମୁଲି ବାଡ଼ି ଯାଦୁଗରମାନଙ୍କର ଯାଦୁ ମୁକାବିଲାରେ ଅଜଗର ସାପ ହୋଇଗଲା, ଯାହା ଯାଦୁଗରମାନଙ୍କୁ ବିଶ୍ୱାସ ଆଣିବାର କାରଣ ହେଲା । ଯେତେବେଳେ ଫିର୍‌ଔନ୍ ପରି ଜଣେ ଅତ୍ୟାଚାରୀ ରାଜା ନିଜ ସୈନ୍ୟସାମନ୍ତ ସମେତ ବନି ଇସ୍ରାଇଲ୍‌ଙ୍କ ପଛେ ପଛେ ଅନୁଧାବନ କଲେ, ସେତେବେଳେ ହଜରତ ମୁସା ଆ:ସଙ୍କ କୌମ୍ (ସମ୍ପ୍ରଦାୟ) ଭୟଭୀତ ହୋଇ ଚିତ୍କାର କରିଥିଲେ କି **ଇନ୍ନା ଲମୁଦ୍‌ରକୁନା** ଅର୍ଥାତ ହେ ମୁସା ! ଏବେ ତ ଆମେ ଧରାପଡ଼ିଯିବୁ । କିନ୍ତୁ ଅଲ୍ଲାଃ ତାଲା ହଜରତ ମୁସା ଆ:ସଙ୍କ ଦୁଆ ଗ୍ରହଣ କଲେ ଏବଂ ନିଜ କୌମ୍‌ର ଲୋକମାନଙ୍କୁ ସାନ୍ତ୍ୱନା ଦେଲେ ଯେ **କଲ୍ଲା ଇନ୍ନା ମଈୟା ରବ୍‌ବି ସୟହ୍‌ଦୀନି (ଅଶ୍‌ଶୋରାଆ:୬୩)** ଅର୍ଥାତ:- ନା ନା ଏପରି କଦାପି ହେବନାହିଁ । ମୋ ପାଳନକର୍ତ୍ତା ମୋ ସହିତ ଅଛନ୍ତି ଓ ସେ ମତେ ସଫଳତାର ମାର୍ଗ ପ୍ରଦର୍ଶନ କରାଇବେ । ଦେଖନ୍ତୁ ପରିଣାମ କଣ ବାହାରିଲା ? ଫିର୍‌ଔନ୍ ଏବଂ ତା ସୈନ୍ୟସାମନ୍ତ ବୁଡ଼ି ମରିଲେ କିନ୍ତୁ ମୁସାଙ୍କ କୌମ୍ ସୁରକ୍ଷିତ କନ୍‌ଆନ୍ ଦେଶକୁ ଚାଲିଗଲେ । ହଜରତ ଇସା ଆ:ସଙ୍କୁ ଇହୁଦୀମାନେ ମିଥ୍ୟାବାଦୀ ବୋଲି ଅଭିହିତ କରି କୃଶ ଉପରେ ଲଟକାଇ ମାରିବାକୁ ଚାହିଁଲେ ଯଦ୍ୱାରା ସେ ଅଭିଶାପିତ ମୃତ୍ୟୁବରଣ କରି ଅଭିଶପ୍ତ ହୋଇ ମିଥ୍ୟାବାଦୀ ଭାବରେ ଅଭିଷିକ୍ତ ହେବେ । କିନ୍ତୁ ହଜରତ ମସିହ୍ ଗତ୍‌ସମ୍‌ନେ ର ବଗିଚାରେ ରାତିବେଳା କାନ୍ଦି କାନ୍ଦି ପ୍ରାର୍ଥନା କଲେ ଯେ ହେ ଈଶ୍ୱର ! ଯଦି ହୋଇପାରେ ତ ଏହି ବିପତିକୁ ଟାଳିଦିଅ । ଯେତେବେଳେ କୃଶ ଉପରେ ତାଙ୍କୁ ଲଟକାଇ ଦିଆଗଲା, ସେତେବେଳେ ପୁଣି ପ୍ରାର୍ଥନା କଲେ **ଏଲି ଏଲି ଲିମା ସବକ୍ତନି** ଅର୍ଥାତ ହେ ମୋର ପ୍ରଭୁ ! ତୁମ୍ଭେ ମତେ କାହିଁକି ଛାଡ଼ିଦେଲ ? ଏହା ସେହି ପ୍ରାର୍ଥନାର ଗ୍ରହଣୀୟ ହେବାର ଫଳାଫଳ ଯେ ହଜରତ ଇସା ଆ:ସଙ୍କୁ ଅଲ୍ଲାଃ ତାଲା ନା କେବଳ କୃଶର ଅଭିଶପ୍ତ ମୃତ୍ୟୁରୁ ବଂଚାଇଲେ ବରଂ କୃଶ ଉପରୁ ତାଙ୍କୁ ଜୀବିତ ଅବସ୍ଥାରେ ଓହ୍ଲାଇ ଦିଆଗଲା । ପୁଣି କ୍ଷତଗୁଡ଼ିକର ଉପଚାର ହେବା ପରେ ହଜରତ ଇସା ଆ:ସ ଯେରୁଜେଲମ୍‌ରୁ ହିଜ୍‌ରତ୍ କରି କାଶ୍ମୀର ପର୍ଯ୍ୟନ୍ତ ବହୁତ ଲମ୍ୱା ଯାତ୍ରା କରିଲେ ।

ପ୍ରୀୟ ଶ୍ରୋତାଗଣ ! ଏହି ଭାରତ ଭୂମିରେ ହଜରତ ରାମଚନ୍ଦ୍ରଜୀ ମହାରାଜାଙ୍କ ପ୍ରାର୍ଥନାର ଫଳ ଏହା ଥିଲା ଯେ ବନବାସ ଓ ନିର୍ବାସିତର ଅସହାୟ ତଥା ଅଭାବପୂର୍ଣ୍ଣ ଜୀବନ ବିତାଉଥିଲେ ବି ସେ ରାବଣପରି ଅତ୍ୟାଚାରୀ ଓ ଶକ୍ତିଶାଳୀ ରାଜାଙ୍କ ବିନାଶର କାରଣ ହେଲେ ଏବଂ ଲଙ୍କା ଉପରେ ବିଜୟ ପାପ୍ତ କଲେ । ସେହିପରି ହଜରତ ଶ୍ରୀକୃଷ୍ଣଜୀ ମହାରାଜ୍‌ଙ୍କ ପ୍ରାର୍ଥନା ଓ ଉପଦେଶର ଫଳାଫଳ ଏହା ଥିଲା ଯେ ପାଣ୍ଡବମାନଙ୍କୁ ନା କେବଳ ବିଜୟ ପ୍ରାପ୍ତ ହେଲା ବରଂ ଗୀତା ପରିକା ପବିତ୍ର ପୁସ୍ତକର ଜ୍ଞାନ ଏ ସଂସାରବାସୀଙ୍କୁ ମିଳିଲା ଏବଂ ସମସ୍ତଙ୍କଠାରୁ ବଳି ଆମ ପ୍ରୀୟ ମୁନୀବ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଅସ୍ତିତ୍ୱ ଗୋଟାପଣ ପ୍ରାର୍ଥନା ହିଁ ଥିଲା । ମହାଭାଗ ସ:ଆ:ସଙ୍କ ଦୁଆ (ପ୍ରାର୍ଥନା)ର ଫଳାଫଳ ଏହା ଥିଲା ଯେ ଏ ସଂସାରରେ ଅଲ୍ଲାଃ ତାଲା ଏପରି ମହାନ୍ ପରିବର୍ତ୍ତନ/ ବିପ୍ଳବ ସୃଷ୍ଟି କଲେ ଯେ, ଆଁ ହଜରତ ସ:ଆ:ସ ଏବଂ ତାଙ୍କ ଅନୁଗାମୀମାନଙ୍କର ଭିଷଣ ବିରୋଧ ସତ୍ତ୍ୱେ, ତଥା ଇସ୍‌ଲାମ୍‌ର ମୂଳୋତ୍ପାଟନ ପାଇଁ ପ୍ରାଣପଣେ ଚେଷ୍ଟା କରିବା ସତ୍ତ୍ୱେ ମଧ୍ୟ କିଛି ବର୍ଷ ମଧ୍ୟରେ ନା କେବଳ ଇସ୍‌ଲାମ୍ ଆରବ ଦେଶରେ ବ୍ୟାପିଗଲା ବରଂ ଧିରେ ଧିରେ ସାରା ଦୁନିଆରେ ଇସ୍‌ଲାମ୍‌ର ଜୟଗାନ ହେଲା । ଏପରି ମହାନ୍ ବିପ୍ଳବ/ପରିବର୍ତ୍ତନ ସମ୍ବନ୍ଧରେ ସୟଦନା ହଜରତ ମସିହ୍ ମଉଦ୍ ଆ:ସ କହିଛନ୍ତି;-

"ଆରବ ଭଳି ମରୁଭୂମୀ ପୂର୍ଣ୍ଣ ଦେଶରେ ଏକ ଅଜବ ଘଟଣା ଘଟିଲା ଯେ ଲକ୍ଷ ଲକ୍ଷ ମୁର୍ଦ୍ଦାର କିଛି ଦିନ ମଧ୍ୟରେ ଜିଁ ଉଠିଲେ ଏବଂ ପୀଢ଼ୀ ପରେ ପୀଢ଼ୀ ବିଗିଡ଼ି ଯାଇଥିବା ଲୋକମାନେ ଈଶ୍ୱରୀୟ ରଙ୍ଗରେ ରଙ୍ଗିନ ହୋଇଗଲେ ଏବଂ ଆଖି ରଖିଥାଇ ଅନ୍ଧ ହୋଇଯାଇଥିବା ଲୋକମାନେ ଦୃଷ୍ଟିଶକ୍ତି ପାଇଲେ । ଗୁଙ୍ଗାମାନଙ୍କ ମୁହଁରେ ଦିବ୍ୟଜ୍ଞାନ ଜାରି ହୋଇଗଲା ଏବଂ ଏ ଦୁନିଆରେ ଏକଦା ଏପରି ବିପ୍ଳବ ସୃଷ୍ଟି ହୋଇଗଲା ଯେ ନା ପୂର୍ବରୁ ଏପରି କାହାର ଆଖି ଦେଖିଥିଲା ଓ ନା କୌଣସି କାନ ଶୁଣିଥିଲା । ଜାଣିଛ କି ତାହା କଣ ଥିଲା ? ତାହା ଈଶ୍ୱରଙ୍କର ଜଣେ ଉର୍ସ୍‌ଗୀର ଅନ୍ଧକାରମୟ ରାତିର ପ୍ରାର୍ଥନା ହିଁ ଥିଲା ଯେ ତାହା ଦୁନିଆରେ ଏପରି କୋଳାହଳ ସୃଷ୍ଟି କରିଦେଲା ଏବଂ ଏପରି ଚମତ୍କାର ଦେଖାଇଲା ଯେ ତାହା ସେହି ଅସହାୟ ଓ ନିରକ୍ଷର (ଅର୍ଥାତ: ଆଁ ହଜରତ ସ:ଆ:ସ- ଅନୁବାଦକ)ଙ୍କ ନିମନ୍ତେ ଅସମ୍ଭବ ହିଁ ଦେଖାଯାଇଥିଲା । **ଅଲ୍ଲାହୁମ୍ମା ସଲ୍ଲେ ୱ ସଲ୍ଲିମ୍ ୱ ବାରିକ୍ ଆଲୈହେ ୱ ଆଲିହି ବିଅଦଦି ହମ୍ମିହି ୱ ଗମ୍ମିହି ୱ ହୁଜ୍‌ନିହି ଲିହାଜିହିଲ୍ ଉମ୍ମତି ୱ ଅନ୍‌ଜିଲ୍ ଆଲୈହେ ଅନ୍‌ୱାରା ରହ୍‌ମତକା ଇଲଲ୍ ଅବ୍‌ଦ୍ ।** ଏବଂ ମୁଁ ମୋ ନିଜସ୍ୱ ଅଭିଜ୍ଞତାରୁ ଏହା ଅବଲୋକନ କରୁଅଛି ପ୍ରାର୍ଥନାର ପ୍ରଭାବ ଜଳ ଓ ଅଗ୍ନୀର ପ୍ରଭାବଠାରୁ ଅଧିକା ବରଂ ପାର୍ଥିବ ଶୃଙ୍ଖଳାରେ ଏପରି କୌଣସି ପ୍ରଭାବଶାଳୀ ବସ୍ତୁନାହିଁ ଯେମିତି ମହାନ ପ୍ରଭାବ ଦୁଆ (ପ୍ରାର୍ଥନା) ଦ୍ୱାରା ସାଧିତ ହୋଇଥାଏ ।" *(ବରକାତୁହ୍ ଦୁଆ, ରୁହାନି ଖଜାଇନ୍, ଖଣ୍ଡ-୬, ପୃ-୧୦)*

ପ୍ରୀୟ ଶ୍ରୋତାଗଣ ! ଅଲ୍ଲାଃ ତାଲା ନିଜ ଅସ୍ତିତ୍ୱର ପ୍ରମାଣ ପାଇଁ ନିଜ ଦୂତମାନଙ୍କର ତଥା ଅବତାରମାନଙ୍କର ପ୍ରାର୍ଥନାକୁ ବହୁଳ ଭାବରେ ଗ୍ରହଣ କରିଥାନ୍ତି ଏବଂ ଏହି ବିଷୟ ଏତେ ବ୍ୟାପକ ଯେ ସମସ୍ତ ଘଟଣାବଳୀଗୁଡ଼ିକର ବର୍ଣ୍ଣନା କରିବା ଏପରି, ସତେ ଯେପରି ସମୁଦ୍ରକୁ ଗୋଟିଏ ମାଠିଆ ଭିତରେ ବନ୍ଦ କରିଦେବା ସହିତ ସମାନ ହେବ । ତଥାପି ଆମେ ଏଠାରେ କିଛି ବିଶ୍ୱାସବର୍ଦ୍ଧକ ଘଟଣାବଳୀ ଉଦାହରଣ ସ୍ୱରୁପ ଉପସ୍ଥାପନ କରିବାକୁ ଯଥେଷ୍ଟ ମଣିବୁ ।

ସୟଦନା ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ଯେବେ ନବୀ/ଅବତାର ହେବାର ଦାବି କଲେ, ସେତେବେଳେ ତାଙ୍କର ଯେଉଁ କୌମ୍ (ଜାତି) ମହାଭାଗ ସ:ଆ:ସଙ୍କୁ ସତ୍ୟବାଦୀ ଓ ଇମାନ୍‌ଦାର ବୋଲି ସମ୍ବୋଧନ କରି ତାଙ୍କୁ ଆଦର ସମ୍ମାନ କରୁଥିଲା, ସେହି ଜାତି ନା କେବଳ ମହାଭାଗ ସ:ଆ:ସଙ୍କୁ ମିଥ୍ୟାବାଦୀ ବୋଲି ଅଭିହିତ କଲା ବରଂ ମହାଭାଗ ସ:ଆ:ସଙ୍କୁ ଓ ତାଙ୍କ ଅନୁଗାମୀମାନଙ୍କୁ ଭିଷଣ ଯନ୍ତ୍ରଣାଦାୟ ଅତ୍ୟାଚାର କଲା । ମହାଭାଗ ସ:ଆ:ସଙ୍କୁ ହତ୍ୟା କରିବା ପାଇଁ ଯୋଜନା ତିଆରି କରାଗଲା ତଥା ତାଙ୍କର ଅନେକ ସାଥିମାନଙ୍କୁ ହତ୍ୟା ମଧ୍ୟ କଲା । ଏପରି ପାଶବିକ ଓ ସଙ୍କଟପୂର୍ଣ୍ଣ ସମୟରେ ସମସ୍ତଙ୍କଠାରୁ ଅଧିକା ବିରୋଧି କରିବାରେ ମକ୍କାର ଦୁଇଜଣ ପ୍ରଭାବଶାଳୀ ସର୍‌ଦାର୍ ନେତୃତ୍ୱ ନେଇଥିଲେ । ଜଣେ ଥିଲେ ଅମ୍‌ରୋ ବିନ୍ ହିଶାମ୍ (ଅବୁ ଜହଲ୍) ଏବଂ ଦ୍ୱିତୀୟ ଜଣକ ଥିଲେ ଉମର୍ ବିନ୍ ଖତାବ୍ । ଆଁ ହଜରତ ସ:ଆ:ସ ଅଲ୍ଲାଃ ତାଲାଙ୍କ ନିକଟରେ ଏ ପ୍ରାର୍ଥନା କରିଲେ ଯେ "ହେ ଅଲ୍ଲାଃ ! ସେହି ଦୁଇଜଣ ବ୍ୟକ୍ତି ଅର୍ଥାତ ଅମ୍‌ରୋ ବିନ୍ ହିଶାମ୍ ଓ ଉମର୍ ବିନ୍ ଖତାବ୍‌ଙ୍କ ମଧ୍ୟରୁ କୌଣସି ଜଣଙ୍କ ସହିତ (ଯାହା ତୁମ୍ଭକୁ ପସନ୍ଦ) ଇସ୍‌ଲାମ୍‌କୁ ସମ୍ମାନ ଓ ଶକ୍ତି ପ୍ରଦାନ କର ।" *(ତିର୍‌ମିଜ୍, କିତାବୁଲ୍ ମନାକିବ୍, ବାବ୍ ୧୮)*

ପୁଣି ଏ ସଂସାରବାସୀ ଦେଖିଲେ ଯେ ଅଲ୍ଲାଃ ତାଲା ମହାଭାଗ ସ:ଆ:ସଙ୍କ ପ୍ରାର୍ଥନାକୁ ଏପରି ଆଶ୍ଚର୍ଯ୍ୟଜନକ ଚମତ୍କାର ଭାବରେ ଗ୍ରହଣ କଲେ ଯେ ସେହି ଉମର୍ ଯିଏ ଘରୁ ତରବାରୀ ଧରି ରସୁଲୁଲ୍ଲାଃ ସ:ଆ:ସଙ୍କୁ ହତ୍ୟା କରିବା ପାଇଁ ବାହାରି ଥିଲେ ସେ ସ୍ୱୟଂ ପବିତ୍ର କୁର୍‌ଆନ୍‌ର ଗୌରବମୟ ମାର୍ଗଦର୍ଶନ ତଥା ପ୍ରାର୍ଥନାର ତରବାରୀ ଦ୍ୱାରା ଆହାତ ହୋଇ ମୁସଲମାନ ହୋଇଗଲେ ଫଳତଃ ଏତଦ୍ୱାରା ମୁସଲମାନମାନଙ୍କୁ ବହୁତ ସାହାସ ଓ ଉତ୍ସାହ ମିଳିଲା । ମକ୍କାର ମୁସ୍‌ରିକ୍ (ଅର୍ଥାତ:- ଅନେକଶ୍ୱରବାଦୀ)ମାନେ ଯେବେ ମୁସଲମାନମାନଙ୍କର ଜୀବନକୁ ଦୁଃଖକଷ୍ଟରେ ପକାଇଦେଲେ ସେତେବେଳେ ବାଧ୍ୟ ହୋଇ ଆଁ ହଜରତ ସ:ଆ:ସଙ୍କ ସାହାବାମାନଙ୍କୁ ମକ୍କାରୁ ହିଜ୍‌ରତ୍ କରି ମଦିନା ଯିବାକୁ ପଡ଼ିଲା । କିନ୍ତୁ ଏବେ ହିଜ୍‌ରତ୍ କରିବାକୁ ଗୋଟିଏ ବର୍ଷ ହିଁ ବିତିଥିଲା ଯେ ଦୁଇ ହିଜ୍‌ରୀରେ ମକ୍କାର ମୁସ୍‌ରିକ୍‌ମାନେ ମଦିନା ଉପରେ ଆକ୍ରମଣ କରି ମୁସଲମାନମାନଙ୍କୁ ନିଶେଷ କରିଦେବାକୁ ଚାହିଁଲେ । ସେ ସମୟରେ ବଦର୍ ନାମକ ସ୍ଥାନରେ ଯେଉଁ ଯୁଦ୍ଧ ଲଢ଼ାଯାଇଥିଲା, ମୁସଲମାନମାନଙ୍କ ସଂଖ୍ୟା କେବଳ ୩୧୩ ଥିଲା ଓ ସେମାନେ ପ୍ରାୟ ନୀରସ୍ତ୍ର ଥିଲେ ଯେବେ କି କୁଫ୍‌ଫାର୍ (ଅବିଶ୍ୱାସକାରୀ)ମାନଙ୍କ ସେନା ଏକ ହଜାର ଅଭିଜ୍ଞ ଯୋଦ୍ଧା ବିଶିଷ୍ଟ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ସୀପାହି ଥିଲେ । ଏପରି ଅବସରରେ ଆଁ ହଜରତ ସ:ଆ:ସ ଅତ୍ୟନ୍ତ ରୋଦନ ଅବସ୍ଥାରେ ପ୍ରାର୍ଥନା କଲେ ଯେ "ହେ ମୋର ପ୍ରକୃତ ବନ୍ଧୁ ! ଆଜି ଯଦି ତୁମେ ଏହି ଛୋଟିଆ ଦଳକୁ ନିଶେଷ କରିଦେବ ତା'ହେଲେ ପୁଣି ତୁମର ଉପାସନା କିଏ କରିବ ?" *(ବୁଖାରୀ, କିତାବୁଲ୍ ମଗାଜି, ବାବ୍-୪)*

ବଦର୍‌ଠାରେ ଗୋଟିଏ ଝୁମ୍ପୁଡ଼ି ଭିତରେ କରାଯାଇଥିବା ସେହି ବ୍ୟାକୁଳତା ଭରା ପ୍ରାର୍ଥନା ହିଁ ଥିଲା ଯାହା ଈଶ୍ୱରଙ୍କ ଦରବାରରେ ଏପରି ଗ୍ରହଣୀୟ ହୋଇଥିଲା ଯେ ତାହା ମୁଠାଏ ଗୋଡ଼ିକୁ ଏକ ଭିଷଣ ଝଡ଼ ତୋଫାନରେ ପରିବର୍ତ୍ତନ କରିଦେଲା ଏବଂ ୩୧୩ ନିରସ୍ତ୍ର ମୁସଲମାନମାନଙ୍କୁ ମୁଶ୍‌ରିକ୍‌ମାନଙ୍କ ଏକ ହଜାର ସଶସ୍ତ୍ର ସେନାଙ୍କ ଉପରେ ବିଜୟ ପ୍ରଦାନ କରିଦେଲା ।

ପ୍ରୀୟ ଶ୍ରୋତଗଣ ! ଜୀବନ୍ତ ଈଶ୍ୱରଙ୍କ ଜୀବନ୍ତ ଅସ୍ତିତ୍ୱର ଆଉ ଏକ ଘଟଣା ଆଁ ହଜରତ ସ:ଆ:ସଙ୍କ ଜୀବନରେ ସେ ସମୟରେ ବି ପ୍ରକଶ ହୋଇଥିଲା ଯେତେବେଳେ ଇରାନ୍‌ର ସମ୍ରାଟ ଖୁସ୍‌ରୁ ପରୱେଜ୍ ଦ୍ୱିତୀୟ ଇହୁଦୀମାନଙ୍କ ଦ୍ୱାରା ଉସୁକାଇବା ଯୋଗୁଁ ଆଁ ହଜରତ ସ:ଆ:ସଙ୍କୁ ଗିରଫ କରିବା ପାଇଁ ନିଜ ଅଧିନସ୍ଥ ୟମନ୍ ଦେଶର ଗଭର୍ଣ୍ଣର

ବାଜାନ୍‌କୁ ନିର୍ଦ୍ଦେଶ ଦେଇଥିଲା ଯେ ନବି / ଅବତାର ହେବାର ଦାବି କରିଥିବା ମୁହମ୍ମଦ (ସ:ଆ:ସ)ଙ୍କୁ ଗିରଫ କରି ମୋ ନିକଟକୁ ପଠାଇ ଦିଅ । ଅତଏବ ବାଜାନ୍ ଦୁଇଜଣ ସିପାହୀଙ୍କୁ ସେଥିଯୋଗୁଁ ମଦିନା ପଠାଇଲା ଯେ ସେମାନେ ଆଁ ହଜରତ ସ:ଆ:ସଙ୍କୁ ଧରି ଆଣନ୍ତୁ । ସେହି ସିପାହୀ ଯାଇ ଆଁ ହଜରତ ସ:ଆ:ସଙ୍କୁ ବାଜାନ୍‌ର ସେହି ନିର୍ଦ୍ଦେଶନାମା ଶୁଣାଇଦେଲେ ଓ ତତ୍‌ସହିତ ଏହା ମଧ୍ୟ ସଚେତନ କରାଇଦେଲେ ଯେ ଯଦି ଆଁ ହଜରତ ସ:ଆ:ସ କିସ୍‌ରାର ନିର୍ଦ୍ଦେଶ (ହୁକୁମ୍)ଙ୍କୁ ଅସ୍ୱୀକାର କରିବେ ତା'ହେଲେ ସେ ଆପଣ ସ:ଆ:ସଙ୍କୁ ଓ ଆପଣଙ୍କ ଦେଶକୁ ବର୍‌ବାଦ୍ କରିଦେବ । ଆଁ ହଜରତ ସ:ଆ:ସ ସେମାନଙ୍କୁ ଉତର ଦେଲେ ଯେ ତୁମେ କାଲି ସକାଳେ ଆସି ମୋ ସହିତ ସାକ୍ଷାତ କରିବ । ସୁତରାଂ ମହାଭାଗ ସ:ଆ:ସ ରାତିବେଳା ଅଲ୍ଲାଃ ତାଲାଙ୍କ ଗୋଚରରେ ଦୁଆ (ପ୍ରାର୍ଥନା) କଲେ ଏବଂ ମହା ପ୍ରତାପି ତଥା ସର୍ବଶକ୍ତିମାନ ଅଲ୍ଲାଃ ଆଁ ହଜରତ ସ:ଆ:ସଙ୍କୁ ଖବର ଦେଲେ ଯେ କିସ୍‌ରା ସମ୍ରାଟର ଏପରି ଧୃଷ୍ଟତାର ଦଣ୍ଡ ସ୍ୱରୁପ ଆମ୍ଭେ ତା ପୁତ୍ରକୁ ତା' ଉପରେ ଅଧିଷ୍ଠିତ କରାଇଦେଇଛୁ । ଅତଏବ ସକାଳେ ଆଁ ହଜରତ ସ:ଆ:ସ ସେହି ସିପାହୀଦ୍ୱୟଙ୍କୁ ଏତେଲା ଦେଇଦେଲେ ଯେ ଯାଅ ଆଜି ରାତିରେ ମୋ ପ୍ରଭୁ ତୁମ ପ୍ରଭୁଙ୍କୁ ମାରିଦେଇଛନ୍ତି । ସୁତରାଂ ସେହିପରି ହିଁ ଘଟିଲା, ଯେଉଁ ରାତିରେ ଆଁ ହଜରତ ସ:ଆ:ସଙ୍କୁ ଅଲ୍ଲାଃ ତାଲା ଇରାନର ସମ୍ରାଟ ଖୁସ୍‌ରୋ ପରୱେଜ୍ ଦ୍ୱିତୀୟଙ୍କ ଖବର ଦେଇଥିଲେ ସେହି ରାତିରେ ତା'ପୁତ୍ର ଶେରୁୟା, ଯାହାକୁ ଇଂଗ୍ରାଜୀରେ Siross କୁହାଯାଇଛି, ସେ ତା ବାପା ଖୁସ୍‌ରୋ ପର୍‌ୱେଜ୍‌କୁ ହତ୍ୟା କରି ସରକାରୀ ଲଗାମକୁ ନିଜ ହାତମୁଠାରେ ନେଇଗଲା ଏବଂ ୟମନ୍‌ର ଗଭର୍ଣ୍ଣରକୁ ନିର୍ଦ୍ଦେଶ ଦେଲା ଯେ ମୋ ବାପା ନବୁଓ୍ୱତ୍‌ର ଦାବି କରିଥିବା ଯେଉଁ ବ୍ୟକ୍ତିଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ, ମୁଁ ସେହି ନିର୍ଦ୍ଦେଶନାମାକୁ ବାତିଲ୍ କରୁଅଛି । ସୁବ୍‌ହାନଲ୍ଲାଃ ।

ଏହି ଖବରକୁ ଶୁଣି ନା କେବଳ ୟମନ୍‌ର ଗଭର୍ଣ୍ଣର ବାଜାନ୍ ବରଂ ସେ ଇଲାକାରେ ବସବାସ କରୁଥିବା ଅନେକ ଇରାନୀ ଅଧିବାସୀ ଇସ୍‌ଲାମ୍ ଗ୍ରହଣ କରିନେଲେ । **ଫଅଲ୍‌ହମ୍‌ଦୁ ଲିଲ୍ଲାହ ଅଲା ଜାଲିକା ।**

ସମ୍ମାନନୀୟ ଶ୍ରୋତାବନ୍ଧୁ ! ଦୁଆ ଗ୍ରହଣୀୟ ହେବାର ଘଟଣାଗୁଡ଼ିକ କେବଳ ବିତିଯାଇଥିବା ଯୁଗ ମଧ୍ୟରେ ସିମୀତ ନାହିଁ ବରଂ ଅଲ୍ଲାଃ ତାଲା ନିଜ ଜୀବନ୍ତ ଅସ୍ତିତ୍ୱର ପ୍ରମାଣ ଦେବା ପାଇଁ ଆମର ଏହି ଯୁଗରେ ମଧ୍ୟ ଆଁ ହଜରତ ସ:ଆ:ସଙ୍କ ସଚ୍ଚା ପ୍ରେମୀ ଓ ସଚ୍ଚା ଦାସ ସୟଦନା ହଜରତ ମିର୍ଜା ଗୁଲାମ୍ ଅହ୍‌ମଦ୍ ସାହେବ୍ କାଦିୟାନୀ ଆ:ସଙ୍କୁ ପ୍ରେରଣ କରିଛନ୍ତି । ଅତଃ ସେ କୁହନ୍ତି:-

"ଆମର ଜୀବନ୍ତ ତଥା ସଦା ପ୍ରତିଷ୍ଠିତ ଈଶ୍ୱର ଆମ ସହିତ ମନୁଷ୍ୟଙ୍କ ପରି କଥା ହେଉଛନ୍ତି । ଆମେ ଯେବେ ଗୋଟିଏ କଥା ପଚାରିଥାଉଁ ଓ ପ୍ରାର୍ଥନା କରିଥାଉଁ, ସେ ତା'ର ଉତର ଶକ୍ତିଶାଳୀ (ଅର୍ଥାତ ପ୍ରଭାବଶାଳୀ) ବାକ୍ୟରେ ଦେଇଥାନ୍ତି । ଯଦି ଏହି ଧାରା/କ୍ରମ ହଜାର ଥର ବି ହୁଏ ତେବେ ମଧ୍ୟ ସେ ଉତର ଦେବାକୁ ପଛାନ୍ତି ନାହିଁ । ସେ ନିଜ ବାଣୀରେ ଆଶ୍ଚର୍ଯ୍ୟଜନକ ଅଦୃଶ୍ୟ/ଭବିଷ୍ୟତ କଥା ପ୍ରକାଶ କରିଥାନ୍ତି ଏବଂ ଆଲୌକିକ ଶକ୍ତିର ପ୍ରଦର୍ଶନ କରିଥାନ୍ତି ଏପରି କି ସେ ଏ ବିଶ୍ୱାସ ଜନ୍ମାଇ ଦେଇଥାନ୍ତି ଯେ (ଅର୍ଥାତ ନିଶ୍ଚିତ କରାଇଥାନ୍ତି- ଅନୁବାଦକ) ସେ ହେଉଛନ୍ତି ସେହି (ଅସ୍ତିତ୍ୱ) ଯାହାଙ୍କୁ ଖୁଦା / ଈଶ୍ୱର କହିବା ଉଚିତ ।" *(ନସିମେ ଦାଓ୍ୱତ, ରୁହାନୀ ଖଜାଇନ୍, ଖଣ୍ଡ-୧୯, ପୃ-୪୪୮)*

ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ ସ୍ୱରୁପ ହଜରତ ମସିହ୍ ମଉଦ୍ ଆ:ସ ନିଜର ପୁସ୍ତକ "ହକିକତୁଲ୍ ୱହି" ରେ ଦୁଇଶହ ଆଠଟି ନିଶାନ୍ / ଚିହ୍ନ / ନିଦର୍ଶନ ଦରଜ କରିଛନ୍ତି । ସେଥିମଧ୍ୟରୁ ଦୁଆ ଗ୍ରହଣୀୟ ହେବାର କେବଳ ଗୋଟିଏ ନିଦର୍ଶନ ଉପସ୍ଥାପନ କରୁଅଛି, ଯାହା ଜୀବନ୍ତ ଈଶ୍ୱରଙ୍କ ଜୀବନ୍ତ ଅସ୍ତିତ୍ୱ ଉପରେ ଏକ ଜ୍ୱଳନ୍ତ ପ୍ରମାଣ ଅଟେ ।

"ଅବ୍‌ଦୁଲ୍ କରିମ୍ ପିତା ଅବ୍‌ଦୁର୍ ରହ୍‌ମାନ୍ ହାଇଦ୍ରାବାଦ ଦକ୍ଷୀଣ ନିବାସୀ ଜଣେ ଛାତ୍ର ଆମ ମଦର୍ସା (ସ୍କୁଲ୍)ରେ ପାଠ ପଢ଼ନ୍ତି । ଦୁର୍ଭାଗ୍ୟବସତଃ ତାକୁ ପାଗଳ କୁକୁର କାମୁଡ଼ିଦେଲା । ଆମେ ତାକୁ ଉପଚାର ନିମନ୍ତେ କସୋଲି ପଠାଇଦେଲୁ । କିଛିଦିନ ପର୍ଯ୍ୟନ୍ତ କସୋଲିଠାରେ ତା'ର ଚିକିତ୍ସା ଚାଲିଲା । ପୁଣି ସେ କାଦିଆନ୍ ଚାଲିଆସିଲା । ଅଳ୍ପ କିଛି ଦିନ ଯିବା ପରେ ତା'ଠାରେ ଏପରି ଲକ୍ଷଣ ଦେଖାଦେଲା ଯାହା ପାଗଳ କୁକୁର କାମୁଡ଼ିବା ଯୋଗୁଁ ଦେଖାଯାଇଥାଏ (ଅର୍ଥାତ ଜଳାତଙ୍କ ରୋଗ- ଅନୁବାଦକ) ସୁତରାଂ ସେ ପାଣିକୁ ଭୟକଲା ଓ ତା'ର ଅବସ୍ଥା ଭୟଙ୍କର ହୋଇଗଲା । ଅତଏବ ସେହି ବିନିତ ପ୍ରବାସୀ (ତଥା ପରଦେଶୀ ପିଲାଟି) ପାଇଁ ଏକ ବିଶେଷ ଧ୍ୟାନ ଆକର୍ଷଣ ହେଲା । ସମସ୍ତେ ଏହା ଭାବୁଥିଲେ ଯେ ସେହି ଅସହାୟ (ପିଲାଟି) କିଛି ଘଂଟା ମଧ୍ୟରେ ମରିଯିବ । ଉପାୟଶୂନ୍ୟ ହୋଇ ତାକୁ ବୋଡ଼ିଂ (Boarding) ବାହାର କରି ଅଲଗା ଆଉ ଏକ ସ୍ଥାନରେ ରଖାଗଲା ଓ କସୋଲିର ଅଂଗ୍ରେଜ୍ ଡ଼ାକ୍ତରମାନଙ୍କ ନିକଟକୁ ତା'ର (ଅର୍ଥାତ ଟେଲିଗ୍ରାମ୍- ଅନୁବାଦକ) ପଠାଇ ଦିଆଗଲା ଓ ତାଙ୍କୁ ପଚରାଗଲା ଯେ ଏହିପରି ଅବସ୍ଥାରେ ତା' ପାଇଁ କଣ ଚିକିତ୍ସା ଅଛି ? ସେପଟୁ ଟେଲିଗ୍ରାମ୍ ଜରିଆରେ ଉତର ମିଳିଲା ଯେ ଏବେ ଆ ପାଇଁ କୌଣସି ଚିକିତ୍ସା / ଉପଚାର ନାହିଁ । କିନ୍ତୁ ସେହି ଅସହାୟ ତଥା ପରଦେଶୀ ପିଲାଟି ପାଇଁ ମୋ ହୃଦୟ ଭିତରେ ବହୁତ ଧ୍ୟାନ ଆକର୍ଷଣ ସୃଷ୍ଟି ହେଲା, ପୁଣି ମୋ ବନ୍ଧୁମାନେ ବି ମତେ ତା ପାଇଁ ଦୁଆ କରିବା ନିମନ୍ତେ ବହୁତ ବାଧ୍ୟ କଲେ । କାରଣ ଏପରି ଅସହାୟପୂର୍ଣ୍ଣ ପରିସ୍ଥିତିରେ ସେହି ପିଲାଟି ଦୟାର ପାତ୍ର ଥିଲା ତତ୍‌ସହିତ ମୋ ମନଭିତରେ ଏ ଭୟ ଜାଗ୍ରତ ହେଲା ଯେ ଯଦି ସେ ମରିଯାଏ ତା'ହେଲେ ତା'ର ମୃତ୍ୟୁ ଶତ୍ରୁମାନଙ୍କୁ ଖୁସି ପହଂଚାଇବାର କାରଣ ହୋଇଯିବ । ତା'ପରେ ମୋ ମନ ତା ପାଇଁ ଭୀଷଣ ବ୍ୟଥିତ ଓ ବ୍ୟାକୁଳ ହୋଇଗଲା ଓ ଏକ ଆଲୌକିକ ନିଦର୍ଶନ ନିମନ୍ତେ ଧ୍ୟାନ ଆକର୍ଷିତ ହେଲା ଯାହା ନିଜ ଅକ୍ତିଆର୍‌ରେ ନଥାଏ ବରଂ କେବଳ ଈଶ୍ୱରଙ୍କ ତରଫରୁ ସୃଷ୍ଟି ହୋଇଥାଏ । ଯଦି ତାହା ସୃଷ୍ଟି ହୋଇଯାଏ ତା'ହେଲେ ଈଶ୍ୱରଙ୍କ ଅନୁମତିରେ ତାହା ଏପରି ପ୍ରଭାବ ପକାଏ ଯେ ସମ୍ଭବତଃ ତାହାଦ୍ୱାରା ମୃତ ବି ଜୀବିତ ହୋଇ ଉଠେ । ଅତଏବ ତା ପାଇଁ ଈଶ୍ୱରଙ୍କ ଗ୍ରହଣୀୟତାର ସ୍ଥିତି ଉପଲବ୍ଧ ହୋଇଗଲା ଏବଂ ଯେତେବେଳେ ସେହି ଧ୍ୟାନ ଚରମ ଶିଖରରେ ପହଂଚିଗଲା ଓ ମୋ ହୃଦୟ ଉପରେ (ତା'ର) ପୀଡ଼ା ସମ୍ପୂର୍ଣ୍ଣ ଆଚ୍ଛାଦିତ କରିନେଲା ସେତେବେଳେ ସେହି ରୋଗୀ, ଯିଏ ବାସ୍ତବିକ ଏକପ୍ରକାରର ମୃତ (ଅବସ୍ଥାରେ) ଥିଲା, ତା' ଉପରେ ସେହି ଧ୍ୟାନର ପ୍ରଭାବ ପ୍ରକାଶ ପାଇବା ଆରମ୍ଭ ହେଲା । ଯଦିଓ ସେ ପାଣିକୁ ଭୟ କରୁଥିଲା ଓ ଆଲୋକରୁ ଦୂରେଇ ରହୁଥିଲା, କିନ୍ତୁ ଅଚାନକ ତା'ର ସ୍ୱାସ୍ଥ୍ୟ ସୁଧୁରିବାକୁ ଲାଗିଲା ଫଳତଃ ସେ କହିଲା ଯେ ଏବେ ମତେ ପାଣିକୁ ଭୟ ଲାଗୁନାହିଁ । ଅତଏବ ତାକୁ ପାଣି ଦିଆଗଲା ଓ ସେ ବିନା କୌଣସି ଭୟରେ ପିଇଗଲା । ଏପରି କି ପାଣିରେ ଓ୍ୱଜୁ କରି ନମାଜ ବି ପଢ଼ିନେଲା ଓ ସାରା ରାତି ଶୋଇଗଲା । ତା'ର ଭୟଙ୍କର ତଥା ପାଶବିକ ଅବସ୍ଥା ଶେଷ ହୋଇଗଲା । ଏମିତି କି କିଛି ଦିନ ଭିତରେ ସମ୍ପୂର୍ଣ୍ଣ ରୂପେ ସ୍ୱାସ୍ଥ୍ୟବାନ ହୋଇଗଲା । ମୋ ମନରେ ସେହି କ୍ଷଣି ଏକଥା ପକାଇ ଦିଆଗଲା ଯେ, ତା'ଠାରେ ପାଗଳାମିର (କୁକୁର କାମୁଡ଼ିବା ଯୋଗୁ) ଯେଉଁ ଅବସ୍ଥା ସୃଷ୍ଟି ହୋଇଥିଲା, ତାହା ଏଥିପାଇଁ ହୋଇନଥିଲା ଯେ ସେହି ପାଗଳାମି ତାକୁ ଶେଷ କରିଦେବ ବରଂ ଏଥିପାଇଁ ହୋଇଥିଲା ଯେ ଏହା ଦ୍ୱାରା ଈଶ୍ୱରଙ୍କ ନିଦର୍ଶନ ପ୍ରକାଶ ହେବ । ଅଭିଜ୍ଞ (ଓ ଅନୁଭବୀ) ଲୋକମାନେ କୁହନ୍ତି ଯେ କେବେ ବି ଦୁନିଆରେ ଏପରି ଦେଖିବାକୁ ମିଳିନାହିଁ ଯେ ଏପରି ପରିସ୍ଥିତିରେ, ଯେତେବେଳେ କୌଣସି ପାଗଳ କୁକୁର କାହାକୁ କାମୁଡ଼ିଥାଏ ଓ ତା'ଠାରେ ପାଗଳ ହେବାର ଲକ୍ଷଣ ମଧ୍ୟ ପ୍ରକାଶ ହୋଇଯାଏ, ପୁଣି କୌଣସି ବ୍ୟକ୍ତି ଏମିତି ଅବସ୍ଥାରେ ବଂଚିଥିବ" *(ତତିମାଃ ହକିକତୁଲ୍ ୱିହ, ରୁହାନୀ ଖଜାଇନ୍, ଖଣ୍ଡ-୨୨, ପୃ-୪୮୦)*

ଶ୍ରୋତାବନ୍ଧୁଗଣ ! ଆଜି ଯେଉଁଠି ମେଡ଼ିକାଲ୍ ସାଇନ୍ସ ବହୁତ ଉନ୍ନତି କରିସାରିଛି ଓ ବହୁତ ଅସାଧ୍ୟ ରୋଗର ଚିକିତ୍ସା ଉଦ୍ଭାବନ କରିସାରିଛି କିନ୍ତୁ ଏହା ମଧ୍ୟ ଏକ ବାସ୍ତବିକ କଥା ଯେ ପାଗଳ କୁକୁର କାମୁଡ଼ିବା ପରେ ଆଜିକାଲି Anti Rabbies ଇଞ୍ଜେକ୍‌ସନ୍ ଲଗାଇବା ଦ୍ୱାରା ରୋଗୀ ଠିକ୍ ତ ହୋଇଯାଉଛନ୍ତି (ଅର୍ଥାତ ଜଳାତଙ୍କ ରୋଗ ତ ହେଉନାହିଁ- ଅନୁବାଦକ) କିନ୍ତୁ ପୂନର୍ବାର ପାଗଳାମିର ଲକ୍ଷଣ ବାହାରିବା ପରେ ଆଜି ବି କୌଣସି ଚିକିତ୍ସା ନାହିଁ । ଏହି ନିଦର୍ଶନ / ଚିହ୍ନ ଅଲ୍ଲାଃ ତାଲାଙ୍କ ସର୍ବଶକ୍ତିମାନ ହେବା ତଥା ନିଜ ଅସ୍ୱିତ୍ୱର ଜୀବନ୍ତ ପ୍ରମାଣ ଅଟେ ।

ସମ୍ମାନନୀୟ ଶ୍ରୋତାଗଣ ! ହଜରତ ମସିହ୍ ମଉଦ୍ ଆ:ସଙ୍କ ପରେ ଜମାତ୍ ଅହେମଦୀୟାରେ ଖିଲାଫତେ ଅଲା ମିନ୍‌ହାଜେ ନବୁଓ୍ୱତ ଅର୍ଥାତ ନବୁଓ୍ୱତ୍‌ର ମାର୍ଗରେ ଖିଲାଫତ୍ ପ୍ରତିଷ୍ଠା ହୋଇସାରିଛି ଏବଂ ଅହେମଦୀୟତ୍ ର ଖଲିଫାମାନଙ୍କ ଜରିଆରେ ବି ଅଲ୍ଲାଃ ତାଲା ଦୁଆ ଗ୍ରହଣୀୟ ହେବାର ମାଧ୍ୟମରେ ନିଜ ଅସ୍ତିତ୍ୱର ପ୍ରମାଣ ଦେଇ ଆସୁଛନ୍ତି । ସମୟକୁ ଆଖି ଆଗରେ ରଖି କିଛି ଘଟଣାବଳୀ ଉପସ୍ଥାପନ କରୁଅଛି ।

ହଜରତ ମୌଲାନା ନୁରୁଦ୍ଦିନ୍ ଖଲିଫତୁଲ୍ ମସିହିଲ୍ ଅଓ୍ୱଲ୍ (ଅର୍ଥାତ ମସିହ୍ ମଉଦ୍ ଆ:ସଙ୍କ ଅନ୍ତେ ପ୍ରଥମ ଖଲିଫା- ଅନୁବାଦକ)ଙ୍କ ସମୟର କଥା ଯେ ହଜରତ ଚୌଧୁରୀ ହାକିମ୍ ଦୀନ୍ ସାହେବ୍ କାଦିଆନ୍‌ର ବୋଡ଼ିଂ ହାଉସ୍‌ରେ ଜଣେ ସାଧାରଣ କର୍ମଚାରୀ ଥିଲେ । ତାଙ୍କ ପ୍ରଥମ ସନ୍ତାନର ଜନ୍ମ ସମୟରେ ତାଙ୍କ ପତ୍ନୀଙ୍କ (ପ୍ରଶବ) ପୀଡ଼ା ବହୁତ ବଢ଼ିଗଲା । ସେ ବର୍ଣ୍ଣନା କରନ୍ତି ଯେ ଏପରି ପରିସ୍ଥିତିରେ ଅନ୍ୟ କୌଣସି ଉପାୟ ନ ପାଇ ରାତି ଏଗାରଟା ସମୟରେ ହଜରତ ଖଲିଫତୁଲ୍ ମସିହ୍ ଅଓ୍ୱଲ୍ (ପ୍ରଥମ)ଙ୍କ ଘରେ ପହଂଚିଲି । ଚଉକିଦାରଙ୍କୁ କହିଲେ ଯେ କଣ ମୁଁ ଏବେ ହଜୁରଙ୍କ ସହିତ ସାକ୍ଷାତ କରିପାରିବି କି ? ଚଉକିଦାର ମନା କରିଦେଲେ କିନ୍ତୁ ହଜୁର ମୋ କଥା ଶୁଣିନେଲେ ଓ ମତେ ଭିତରକୁ ଡ଼ାକିଲେ । ମୁଁ ତାଙ୍କୁ ମୋ ପତ୍ନୀଙ୍କ ଅବସ୍ଥା ଜଣାଇଲି । ସେ କିଛି ଖଜୁରୀ ଉପରେ ଦୁଆ ପଢ଼ିଲେ ଏବଂ ମତେ ଆଦେଶ ଦେଲେ ଯେ, ଏହି (ଖଜୁରୀ ନେଇ)

ତୁମ୍ ପତ୍ନୀଙ୍କୁ ଯାଇ ଖୁଆଇ ଦିଅ ଏବଂ ଯେତେବେଳେ ପିଲା ଜନ୍ମ ହୋଇଯିବ, ମତେ ଏତେଲା କରିଦେବ ହଜରତ ହାକିମ୍ ଦୀନ୍ ଉଲ୍ଲେଖ କରିଛନ୍ତି ଯେ:- ମୁଁ ସେହି ଖଜୁରୀକୁ ନେଇ ମୋ ପତ୍ନୀଙ୍କୁ ଖୁଆଇ ଦେଲି । ତାହା ଆଶ୍ଚର୍ଯ୍ୟଜନକ ଭାବରେ ପ୍ରଭାବ ଦେଖାଇଲା ଓ କିଛି ସମୟ ମଧ୍ୟରେ ଗୋଟିଏ ଝିଅ ଜନ୍ମ ହେଲା । ସେ କୁହନ୍ତି ଯେ:- ମୁଁ ରାତିରେ ଯାଇ ହଜୁରଙ୍କୁ ଉଠାଇବାକୁ ଉଚିତ ମଣିଲି ନାହିଁ ଯେ ସେ (କାଳେ) ଶୋଇଥିବେ । ଅତଏବ ଯେବେ ଫଜର ନମାଜ ପରେ ସକାଳେ ତାଙ୍କ ନିକଟରେ ଉପସ୍ଥିତ ହେଲି ଓ ସବୁ କଥା ଜଣାଇଲି, ଏଥିରେ ହଜୁର କହିଲେ ପିଲାଟି ଜନ୍ମ ହେବା ପରେ ତୁମେ ସ୍ୱାମୀ ସ୍ତ୍ରୀ ଦୁଇଜଣ ଯାକ ଆରାମ୍‌ରେ ଶୋଇଗଲ ଯଦି ମତେ ବି ଏତେଲା ଦେଇଥାନ୍ତ ତା'ହେଲେ ମୁଁ ମଧ୍ୟ ଆରାମ୍ କରିନେଇଥାନ୍ତି । ମୁଁ ସାରା ରାତି ତୁମ୍ ପତ୍ନୀଙ୍କ ପାଇଁ ଦୁଆ (ପ୍ରାର୍ଥନା) କରୁଥିଲି । ଏହି ଘଟଣାକୁ ବର୍ଣ୍ଣନା କରି ହାକିମ୍ ଦୀନ୍ ସାହେବ୍ ଅସହାୟ ଭାବରେ କାନ୍ଦିବାକୁ ଲାଗିଲେ ଓ କହିବାକୁ ଲାଗିଲେ ଯେ କେଉଁଠି ହାକିମ୍ ଦୀନ୍ ପରିକା ଜଣେ ଚପରାସି ଓ କେଉଁଠି ନୁରୁଦ୍ଦିନ୍ ଆଜମ୍ (ଅର୍ଥାତ ମହାନ୍ ନୁରୁଦ୍ଦିନ୍ ଅନୁବାଦକ) *(ଦୌନିକ ଅଲ୍‌ଫଜଲ୍ ଦୁଆ ସଂଖ୍ୟା, ପୃ-୪୪)*

ଏହା ହେଉଛି ଅହେମଦୀୟତ୍ ଖଲିଫାମାନଙ୍କର ବୈଭବ ଯେ ନିଜ ଜମାତ୍‌ର ଲୋକମାନଙ୍କ ପାଇଁ ଏତେ ଦୟା ପରବଶ ହୋଇଥାନ୍ତି ଯେ ସେମାନଙ୍କ ଦୁଃଖକୁ ନିଜ ଛାତିରେ ଧରି ସାରା ସାରା ରାତି ବ୍ୟାକୁଳ ହୋଇ ସେମାନଙ୍କ ମଙ୍ଗଳ ନିମନ୍ତେ ପ୍ରାର୍ଥନା କରିଥାନ୍ତି । ସେହି ଆବେଗର ପ୍ରକାଶ ହଜରତ ଖଲିଫତୁଲ୍ ମସିହ୍ ଦ୍ୱିତୀୟ ର:ଅ ଏକଦା ଜମାତ୍‌ର ଲୋକମାନଙ୍କୁ ସମ୍ବୋଧନ କରି କହିଥିଲେ ଯେ "ତୁମମାନଙ୍କ ପାଇଁ ଜଣେ ଅଛନ୍ତି ଯିଏ ତୁମ ପାଇଁ ଦୁଃଖ ଉଠାଉଛନ୍ତି, ତୁମକୁ ଭଲ ପାଉଛନ୍ତି ଏବଂ ତୁମର ଦୁଃଖକୁ ନିଜର ଦୁଃଖ ମଣୁଛନ୍ତି । ତୁମ କଷ୍ଟକୁ ନିଜର କଷ୍ଟ ଜାଣୁଛନ୍ତି ଏବଂ ତୁମମାନଙ୍କ ପାଇଁ ଈଶ୍ୱରଙ୍କ ନିକଟରେ ଦୁଆ କରୁଛନ୍ତି ........ ତଥା ସେ ତୁମମାନଙ୍କ ସକାଶେ ନିଜ ମୌଲା (ଅର୍ଥାତ ନିଜ ପ୍ରୀୟ ଈଶ୍ୱର)ଙ୍କ ନିକଟରେ ତଡ଼ପୁଛନ୍ତି ।"

ହଜରତ ସୟଦାଃ ମେହର୍ ଆପା ବର୍ଣ୍ଣନା କରନ୍ତି ଯେ ୧୯୫୩ ମସିହାର ଦଙ୍ଗା ସମୟରେ କେବଳ ଅହେମଦୀୟତ୍‌ର ଶତୃତା ଫଳରେ ହଜରତ ମିଆଁ ନାସିର୍ ଅହ୍‌ମଦ୍ ସାହେବ୍ (ଖଲିଫତୁଲ୍ ମସିହ୍ ଦ୍ୱିତୀୟ) ଏବଂ ହଜରତ ମିର୍ଜା ଶରିଫ୍ ଅହ୍‌ମଦ୍ ସାହେବ୍ ର:ଅଙ୍କୁ ବନ୍ଦୀ କରିଦିଆଗଲା । ରାତି ବେଳେ ଯେବେ ସେମାନଙ୍କ ବିଷୟରେ ଚର୍ଚ୍ଚା କରାଗଲା, ହଜରତ ମୁସ୍‌ଲେହ୍ ମଉଦ୍ ର:ଅ କହିଲେ:-

"ଅଲ୍ଲାଃ ତାଲା ସେମାନଙ୍କ ଉପରେ ଦୟା କରନ୍ତୁ । ସେମାନେ କେବଳ ଏମିତି ଅପରାଧରେ ବନ୍ଦୀ ହୋଇଛନ୍ତି ଯେ ସେମାନଙ୍କର କୌଣସି ଦୋଷ ହିଁ ନାହିଁ । ତେଣୁ ମୋତେ ମୋ ପ୍ରଭୁଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଓ ଭରସା ରହିଛି ଯେ ସେ (ଅର୍ଥାତ ପ୍ରଭୁ) ସେମାନଙ୍କ ଉପରେ ଦୟା କରିବେ ।"

ସେ ପୁଣି କୁହନ୍ତି:- ଇଶା ନମାଜ ପଢ଼ିବା ପାଇଁ ସେ (ଅର୍ଥାତ ହଜରତ ମୁସ୍‌ଲେହ ମଉଦ୍ ର:ଅ) ଛିଡ଼ା ହେଲେ ଏବଂ ଏତେ ବ୍ୟାକୁଳ ହୋଇ ଦୁଆ କଲେ ଯେ, ତାହା ମୁଁ କେବେ ଭୁଲି ପାରିବି ନାହିଁ । ସେହିପରି ଅବସ୍ଥା ତହଜ୍ଜୁଦ୍ ନମାଜରେ ମଧ୍ୟ ଥିଲା । ସୁତରାଂ ଯେତେବେଳେ ରାତି ପାହିଲା ଓ ସକାଳେ ଡ଼ାକ ଆସିବାର ସମୟ ହେଲା ସର୍ବ ପ୍ରଥମେ ଯେଉଁ ତାର (ଅର୍ଥାତ ଟେଲିଗ୍ରାମ) ମିଳିଲା, ତାହା ଏ ଖୁସିର ଖବର ନେଇ ଆସିଥିଲା ଯେ ହଜରତ ମିର୍ଜା ଶରିଫ୍ ଅହ୍‌ମଦ୍ ସାହେବ୍ ର:ଅ ଏବଂ ମିଆଁ ନାସିର୍ ଅହ୍‌ମଦ୍ ସାହେବ୍ ମୁକ୍ତ ହୋଇସାରିଥିଲେ । କେତେ ଶୀଘ୍ର ମୋ ପ୍ରଭୁ ମତେ ଦୁଆ ଗ୍ରହଣୀୟ ହେବାର ଐଶିଚମତ୍କାର ଦେଖାଇଦେଲେ । *(ଦୈନିକ ଅଲ୍‌ଫଜଲ୍ ଦୁଆ ସଂଖ୍ୟା, ପୃ-୪୩)*

ହଜରତ ଖଲିଫତୁଲ୍ ମସିହ୍ ସାଲିସ୍ (ତୃତୀୟ) ରହେମହୁଲ୍ଲାଃ ତାଲା ଙ୍କ ସମୟର କଥା । ମୁହମ୍ମଦ ଅମୀନ୍ ଖାଲିଦ୍ ସାହେବ୍ ଜର୍ମାନୀରୁ ବର୍ଣ୍ଣନା କରନ୍ତି  ଯେ, ଆଜିଠାରୁ ୪୫ ବର୍ଷ ପୂର୍ବେ ମୋ ଛାତି ହାଡ଼ରେ ପୀଡ଼ା ହେବା ଆରମ୍ଭ ହେଲା । ବିଭିନ୍ନ ଡ଼ାକ୍ତରମାନଙ୍କ ନିକଟରେ ଚିକିତ୍ସା କରାଇଲି । ପ୍ରତ୍ୟେକ ପ୍ରକାରର ପରୀକ୍ଷା (Test) କରାଗଲା କିନ୍ତୁ କୌଣସି ପ୍ରକାରର (ଉପଶମ ମିଳିଲା ନାହିଁ କି) ପୀଡ଼ାରେ କିଛି ଫରକ ପଡ଼ିଲା ନାହିଁ । ଡ଼ାକ୍ତରମାନେ ମଧ୍ୟ ବିବଶ ହୋଇଗଲେ ଓ ମତେ ଅସାଧ୍ୟ ରୋଗୀ ଭାବରେ ଅଭିହିତ କରିଦିଆଗଲା ଏବଂ କୁହାଗଲା ଯେ ଏବେ ଆଉ ଯେତେ ଦିନ ଜୀବନ ବାକି ଅଛି ତାହାକୁ ଏମିତି କଷ୍ଟ ଓ ଯନ୍ତ୍ରଣାରେ ବିତାଅ । ଏହି ସମୟରେ ୧୯୮୦ ମସିହାରେ ହଜରତ ଖଲିଫତୁଲ୍ ମସିହ୍ (ତୃତୀୟ) ସାଲିସ୍ ହମ୍‌ବର୍ଗ (ଜର୍ମାନୀ) ଆସିଲେ । ମୁଁ ସ୍ୱାଗତ କରିବା ପାଇଁ ଧାଡ଼ିରେ ଛିଡ଼ା ହୋଇଥିଲି । ମୁଁ ହାତ ମିଳାଇବାର ସୌଭାଗ୍ୟ ଅର୍ଜନ କରିବା ବେଳେ ମୋର ଦୁଃଖ ଜଣାଇଦେଲି ଓ କହିଲି ଯେ ଡ଼ାକ୍ତରମାନେ ମୋ ରୋଗକୁ ଅସାଧ୍ୟ ଅଭିହିତ କରିସାରିଛନ୍ତି ଓ ତେଣୁ ମତେ ଏବେ ଯନ୍ତ୍ରଣାରୁ ମୁକ୍ତି ମିଳିପାରିବ ନାହିଁ । ଏହା ଶୁଣି ହଜୁର ରହେମୁଲ୍ଲାଃ ତାଲା ବହୁତ ପ୍ରତାପପୂର୍ଣ୍ଣ ଶୈଳୀରେ କହିଲେ କିଏ କହୁଛି ଯେ ଏଥିରୁ ଉପଶମ ମିଳିପାରିବ ନାହିଁ ବୋଲି । ପୁଣି ହଜୁର ରହେମୁଲ୍ଲାଃ ତାଲା ମୋ କମିଜ୍‌ର ଗୋଟିଏ ବୋତାମ୍ ନିଜର ପବିତ୍ର ହସ୍ତରେ ଖୋଲିଲେ ଓ ମୋ ଛାତିରେ ଏକ ଗୋଲାକାର (ନିଜ ହାତ ଦ୍ୱାରା- ଅନୁବାଦକ) ତିଆରି କଲେ ଏବଂ ପଚାରିଲେ ଯେ କଣ ଏଠାରେ ଦରଜ/ ଯନ୍ତ୍ରଣା ହେଉଛି ? ମୁ କହିଲି ଆଜ୍ଞା ହଁ । ଏଥିରେ ହଜୁର କହିଲେ ଆମ୍ଭେ ଦୁଆ କରିବୁ ଇନ୍‌ଶାଅଲ୍ଲାଃ ଉପଶମ/ ଆରାମ୍ ମିଳିଯିବ । ବ୍ୟସ୍ତ ହୁଅନାହିଁ । ଅତଏବ ଅମୀନ୍ ସାହେବ୍ ବତାଉଛନ୍ତି ଯେ ଆଜି ଏ ଘଟଣାକୁ ୩୫ ବର୍ଷ ବିତିଗଲାଣି । ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ମୋର ଅବସ୍ଥା ଏମିତି ହୋଇଯାଇଛି ଯେ କେବେ ବି ମତେ କୌଣସି କଷ୍ଟ ହୋଇନାହିଁ ।

**କୁଦ୍‌ରତ୍ ସେ ଅପ୍‌ନି ଜାତ୍ କା ଦେତା ହୈ ହକ୍ ସୁବୁତ୍**
**ଉସ୍ ବେ ନିଶାଁ କି ଚେହେରା ନୁମାଇ ୟହି ତୋ ହୈ**

ପ୍ରୀୟ ଶ୍ରୋତାଗଣ ! ହଜରତ ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ) ରହେମୁଲ୍ଲାଃ ତାଲାଙ୍କ ଦୁଆ ଗ୍ରହଣୀୟ ହେବାର ଗୋଟିଏ ଘଟଣା ବହୁତ ବିଶ୍ୱାସ ବର୍ଦ୍ଧକ ଘଟଣା ଅଟେ । ପଶ୍ଚିମ ଆଫ୍ରୀକାର ଘାନା ସହରର ଜଣେ ଚିଫ୍ ନାନା ଅଓଜିଫୁ ଖ୍ରୀଷ୍ଟିଆନ୍ ଧର୍ମର ବ୍ୟକ୍ତି ତଥା ଅନ୍ଧବିଶ୍ୱାସୀ ପୁରୋହିତ ସମ୍ପ୍ରଦାୟର ଥିଲେ । ତାଙ୍କ ପତ୍ନୀଙ୍କ ଗର୍ଭ ସବୁ ବେଳେ ନଷ୍ଟ ହୋଇଯାଉଥିଲା । ସେ ଇସାଇ ପାଦ୍ରୀ ତଥା ଝାଡ଼ଫୁଙ୍କ କରୁଥିବା ଲୋକମାନଙ୍କ ନିକଟକୁ ଗଲେ କିନ୍ତୁ କିଛି ବି ଲାଭ ମିଳିଲା ନାହିଁ । ଯେତେବେଳେ ଚାରିଆଡୁ ନିରାଶ ହୋଇଗଲେ ପରିଶେଷରେ ନିରୁପାୟ ହୋଇ ଜମାତ୍ ଅହେମଦୀୟାର ଇମାମ୍ ଅବ୍‌ଦୁଲ୍ ୱ୍ହାବ୍ ଆଦମ୍ ସାହେବଙ୍କ ନିକଟକୁ ଆସି ନିବେଦନ କଲେ ଯେ ମୁଁ ହେଉଛି ଜଣେ ଖ୍ରୀଷ୍ଟିଆନ୍ କିନ୍ତୁ ଖ୍ରୀଷ୍ଟିଆନ୍‌ମାନଙ୍କ ପ୍ରାର୍ଥନାରୁ ମୋ ବିଶ୍ୱାସ ଉଠିଯାଇଛି । ମୁଁ ଶୁଣିବାକୁ ପାଇଛି ଯେ ଖୁଦାତାଲା ଆପଣମାନଙ୍କ ଦୁଆ (ପ୍ରାର୍ଥନା) ଶୁଣୁଛନ୍ତି ତେଣୁ ଆପଣ ନିଜ ଇମାମ୍‌ଙ୍କ ନିକଟକୁ ମୋର ସବୁ ଘଟଣାବଳୀ ଲେଖି ଜଣାଇଦିଅନ୍ତୁ ଯେ ସେ ଆମ ପାଇଁ ଦୁଆ କରିବେ । ଅତଏବ ୱ୍ହାବ୍ ଆଦମ୍ ସାହେବ୍ ତାଙ୍କ ତରଫରୁ ହଜୁରଙ୍କ ନିକଟକୁ ଚିଠି ଲେଖିଦେଲେ । ହଜୁର ଅନୱ୍ୱର ଚିଠିର ଉତରରେ ଲେଖିଲେ ଯେ ଆପଣଙ୍କୁ ସନ୍ତାନପ୍ରାପ୍ତି ହେବ । ସୁତରାଂ ଯେବେ ତାଙ୍କ ପତ୍ନୀ ଗର୍ଭବତୀ ହେଲେ, ଡ଼ାକ୍ତରମାନେ କହିଲେ ଏହି ଗର୍ଭରେ ଥିବା ପିଲାଟି ମରିଯିବ ଏବଂ ତା ସହିତ ମା ମଧ୍ୟ ମରିଯିବ । ତେଣୁ ତୁମେ ଏହି ଗର୍ଭକୁ ନଷ୍ଟ କରିଦିଅ । ସେହି ଚିଫ୍ ଜଣକ କହିଲେ କଦାପି ନୁହେଁ ମତେ ଜମାତ୍ ଅହେମଦୀୟାର ଇମାମ୍‌ଙ୍କ ନିକଟରୁ ଚିଠି ମିଳିଛି । ନା ମୋ ସ୍ତ୍ରୀଙ୍କୁ କୌଣସି କ୍ଷତି ପହଂଚିବ ଓ ନା ପିଲାକୁ କୌଣସି କ୍ଷତି ପହଂଚିବ । ଅତଏବ ଅଲ୍ଲାଃ ତାଲା ତାଙ୍କୁ ଗୋଟିଏ ଅତ୍ୟନ୍ତ ସୁନ୍ଦର ଓ ସ୍ୱାସ୍ଥ୍ୟବାନ ସନ୍ତାନ ପ୍ରଦାନ କଲେ ଓ ତାଙ୍କ ପତ୍ନୀ ମଧ୍ୟ ସମ୍ପୁର୍ଣ୍ଣ ରୂପେ ଠିକ୍ ଅଛନ୍ତି । ଦୁଆ ଗ୍ରହଣୀୟ ହେବାର ଏହି ନିଦର୍ଶନକୁ ଦେଖି ସେ ହଜରତ ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ)ଙ୍କ ପବିତ୍ର ହସ୍ତରେ ବୟତ କରିନେଲେ ।

**ଗୈର୍ ମୁମ୍‌କିନ୍ କୋ ୟେ ମୁମ୍‌କିନ୍ ମେଁ ବଦଲ୍ ଦେତି ହୈ**
**ଅଏ ମେରେ ଫଲ୍‌ସଫିୟୋ ! ଜୋରେ ଦୁଆ ଦେଖୋ ତୋ**

ଶେଷରେ ମୁଁ ଆମ ପ୍ରୀୟ ଇମାମ୍ ହଜରତ ମିର୍ଜା ମସ୍‌ରୁର୍ ଅହ୍‌ମଦ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ (ପଂଚମ) ଅ:ବ:ଅଙ୍କ ଦୁଆ ଗ୍ରହଣୀୟ ହେବାର ଏକ ଘଟଣା ବର୍ଣ୍ଣନା କରୁଅଛି ଯେ ହଜୁର ଯେତେବେଳେ ୨୦୦୪ ମସିହାରେ ଘାନା ଆସିଥିଲେ, ଗୋଟିଏ ଅବସରରେ ଯାତ୍ରା କରିବା ସମୟରେ ହଜୁର ଅ:ବ:ଅ ଘାନା ଦେଶକୁ ଏ ସୁସମାଚାର ପ୍ରଦାନ କରିଥିଲେ ଯେ ଘାନା ଦେଶର ମାଟିତଳୁ ତେଲ ବାହାରିବ । ସୁତରାଂ ୨୦୦୮ ମସିହାରେ ଯେବେ ହଜୁର ଅ:ବ:ଅ ଜୁବୁଲି ଅବସରରେ ପୁନର୍ବାର ଘାନା ଦେଶକୁ ଗସ୍ତ କଲେ, ଘାନାର ରାଷ୍ଟ୍ରପତିଙ୍କ ସହିତ ସାକ୍ଷାତକାର ସମୟରେ ରାଷ୍ଟ୍ରପତି ମହୋଦୟ ହଜୁର ଅ:ବ:ଅଙ୍କୁ କହିଲେ ହଜୁର ! ଆପଣଙ୍କର ଘାନା ଦେଶ ପାଇଁ ଥିବା ଦୁଆ (ପ୍ରାର୍ଥନା) ଗ୍ରହଣୀୟ ହେଉଅଛି । ହଜୁର ! ଆପଣ ନିଜର ବିଗତ ଗସ୍ତ ସମୟରେ କହିଥିଲେ ଯେ ଘାନାର ମାଟିତଳେ ତେଲ ରହିଛି ଓ ଏଠାରୁ ତେଲ ବାହାରିବ । ହଜୁରଙ୍କର ସେହି ଦୁଆ ବହୁତ ବୈଭବର ସହିତ ପୂରଣ ହେଲା ଏବଂ ଏଠାରୁ ଗତ ବର୍ଷ ତେଲ ବାହାରିଲା । ସୁତରାଂ ଏ ପ୍ରସଙ୍ଗରେ ଘାନା ଦେଶର ପ୍ରଶିଦ୍ଧ ଜାତୀୟ ଖବର କାଗଜ Daily Graphic ନିଜର ୧୭ ଏପ୍ରିଲ୍ ୨୦୦୮ ସଂଖ୍ୟାର ପ୍ରଥମ ପୃଷ୍ଠାରେ ହଜୁର ଅନୱ୍ୱର ଏବଂ ଘାନା ରାଷ୍ଟ୍ରପତିଙ୍କ ସାକ୍ଷାତକାରର ରିପୋର୍ଟ ପ୍ରକାଶ କରି ଲେଖିଛି ଯେ ଖଲିଫତୁଲ୍ ମସିହ୍ ୨୦୦୪ ମସିହାରେ ଘାନା ଗସ୍ତ ସମୟରେ ତେଲ ବାହାରିବା ବିଷୟ ବହୁତ ଦୃଢ଼ ବିଶ୍ୱାସରେ ବ୍ୟକ୍ତ କରିଥିଲେ ଏବଂ ସେହି ବିଶ୍ୱାସ ଗତ ବର୍ଷ ବାସ୍ତବରେ ପରିଣତ

*ଅବଶିଷ୍ଟାଂଶ ପୃଷ୍ଠା- ୧୭ ରେ ଦେଖନ୍ତୁ......*

ତକ୍‌ରିର୍ ଜଲ୍‌ସା ସାଲାନା କାଦିଆନ୍ ୨୦୨୧

# ହଜରତ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର କୁର୍‌ଆନ୍ ସହିତ ନିବିଡ଼ ପ୍ରେମ ତଥା ପବିତ୍ର କୁର୍‌ଆନ୍‌ର ସେବା

(ଅତା ଇଲାହୀ ଅହ୍‌ସନ୍ ଘୋରୀ, ନାଜିମ୍ ତାମିରାତ୍ ସଦର୍ ଅଞ୍ଜୁମନ୍ ଅହମଦୀୟା କାଦିୟାନ୍)

ସମ୍ମାନନୀୟ ସଭାପତି ମହୋଦୟ ଏବଂ ପ୍ରୀୟ ଶ୍ରୋତାଗଣ ! ଆଜିକାର ଏହି ବୈଭବପୂର୍ଣ୍ଣ ସଭାରେ ମୋ ବକ୍ତୃତାର ବିଷୟବସ୍ତୁ ହେଉଛି "ସିରତ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁର୍‌ଅନ୍ ମଜିଦ୍ ସେ ଆପ୍‌କା ଇଶକ୍ ଅଓର୍ ଖିଦ୍‌ମତେ କୁର୍‌ଆନ୍" (ଅର୍ଥାତ ହଜରତ ମସିହ୍ ମଉଦ୍ ଆ:ସଙ୍କ ଜୀବନୀ, ପବିତ୍ର କୁର୍‌ଆନ୍ ସହିତ ତାଙ୍କର ନିବିଡ଼ ପ୍ରେମ ତଥା ତାହାର ସେବା କାର୍ଯ୍ୟ)

ଧର୍ମର ଇତିହାସରେ ଉନବିଂଶ ଶତାବ୍ଦିର ଉତରାର୍ଦ୍ଧ ତଥା ବିଂଶ ଶତାବ୍ଦିର ପ୍ରାରମ୍ଭିକ ଯୁଗଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଏହା ଏପରି ସମୟ ଥିଲା, ଯେତେବେଳେ ଭାରତବର୍ଷରେ ଗୋଟିଏ ପଟେ ବଡ଼ ବଡ଼ ଧର୍ମମାନଙ୍କ ମଧ୍ୟରେ ଗାମ୍ଭୀର୍ଯ୍ୟପୂର୍ଣ୍ଣ ତଥା ବଡ଼ ଉତ୍ସାହର ସହିତ ଏକ ଆଦର୍ଶମୂଳକ ଯୁଦ୍ଧ ଜାରି ରହିଥିଲା ଏବଂ ଅନ୍ୟ ପଟେ ବିଜ୍ଞାନର ପୁନର୍ଥାନ ଓ ସାଂସ୍କୃତିକ ନବୀକରଣ ଫଳରେ ଧାର୍ମିକ ତଥା ଅଣଧାର୍ମିକ ଚିନ୍ତାଧାରା ମଧ୍ୟରେ ଭିଷଣ ଯୁଦ୍ଧ (ଅର୍ଥାତ ଯୁକ୍ତିତର୍କ) ଚାଲିଥିଲା । ଗୋଟିଏ ପଟେ ଖ୍ରୀଷ୍ଟିଆନ୍, ବ୍ରହ୍ମ ସମାଜ ଏବଂ ଆର୍ଯ୍ୟ ସମାଜର ଇସ୍‌ଲାମ୍ ଉପରେ ଆକ୍ରମଣ ଜାରି ରହିଥିଲା । ଅପରପକ୍ଷେ ମୁସଲମାନମାନଙ୍କର ଅବସ୍ଥା ଏପରି ହୋଇଯାଇଥିଲା ଯେ ଏମାନଙ୍କର ଅଧିକାଂଶ ଓ୍ୱଲେମାମାନଙ୍କୁ ଏପରି ବାହ୍ୟ ବିପଦ ପ୍ରତି କୌଣସି ଧ୍ୟାନ ନଥିଲା ଏବଂ ଏମାନେ ଆଭ୍ୟନ୍ତରୀଣ ସାମ୍ପ୍ରଦାୟିକ କଳହକୁ ହିଁ ପରିତ୍ରାଣର କାରଣ ଭାବରେ ବିବେଚନା କରି ବସିଥିଲେ । ସେମାନଙ୍କ ମତରେ ଇସ୍‌ଲାମ୍‌ର ଚାରିକାନ୍ଥ ଭିତରେ ବହୁଥିବା ତରଙ୍ଗମାନଙ୍କର ଆପୋଷରେ ଧକ୍କା ହୋଇ ଫେଣ ସୃଷ୍ଟି ହେବାର ନାମ ହିଁ ଜିହାଦ୍ ଥିଲା । ନିଜ ପରିସର ମଧ୍ୟରେ ଛନ୍ଦି ହୋଇ ରହିଥିବା ଏପରି ଗୋଷ୍ଠୀମାନଙ୍କ ବ୍ୟତୀତ ତଥାକଥିତ ଓ୍ୱଲୋମାନଙ୍କର ଏପରି ଏକ ଭିଡ଼ ଥିଲା, ଯିଏ ନିକାହ୍, ଫାତିହା ପାଠର ମିଠା ପ୍ରସାଦ, ୟୁସୁଫ୍ ଜୁଲେଖା, ମଲିକା ସବାର କଥା କାହାଣୀ ତଥା ଜିନ୍‌ମାନଙ୍କୁ ବଶିଭୂତ କରିବାର ଦାବି ଦ୍ୱାରା ଦେହାତି ଲୋକମାନଙ୍କ ପରିବେଶକୁ ରଙ୍ଗାୟିତ କରୁଥିଲା । ଇସ୍‌ଲାମ୍ ଏବଂ କୁର୍‌ଆନ୍ ଉପରେ କଣ ସବୁ ବିତୁଥିଲା ଏବଂ ଆମ ମୁନୀବ ଓ ଗୁରୁ ହଜରତ ମୁହମ୍ମଦ ଆରବୀ ସ:ଆ:ସଙ୍କ ଉପରେ କେଉଁ ପ୍ରକାରର ନିଷ୍ଠୁର ଓ ନିର୍ଦ୍ଦୟ ଆକ୍ରମଣ କରାଯାଉଥିଲା, ଏ ବିଷୟରେ ସେମାନଙ୍କ ଜିନ୍‌ମାନଙ୍କୁ ବି କିଛି ଜଣା ନଥିଲା, ଯେବେକି ସେମାନେ ଜିନ୍‌ମାନଙ୍କ ଆନୁମାନିକ ଶକ୍ତି ଓ ସାମର୍ଥ୍ୟ ବିଷୟରେ ଗୋଟେପଣେ ବ୍ୟସ୍ତ ଥିଲେ ।

ଇସ୍‌ଲାମ୍‌ର ଏପରି ଦୁଃଖ, ଦୁର୍ଦ୍ଦଶା ତଥା ସଙ୍କଟପୂର୍ଣ୍ଣ ସମୟରେ ଅହେମଦୀୟତ୍‌ର ଜ୍ୟୋତି ଉଦୟ ହେଲା । କାଦିୟାନ୍‌ର ଏହି ପବିତ୍ର ବସ୍ତିରେ ଏ ଯୁଗର ଜଣେ ଉଚ୍ଚାଭିଳାଷୀ ତଥା ମହାନ୍ ସୁଧାରକଙ୍କ ଜନ୍ମ ହେଲା ଯିଏ ଏହି ଛୋଟ ଏବଂ ଅଶିକ୍ଷିତ ପରିବେଶରେ ଜୀବନର ଚାଳିଶିଟି ବସନ୍ତ ନିଜ ପିତୃପୁରୁଷଙ୍କ ଘର ଭିତରେ ଗୋଟିଏ କୋଠରୀ ତଥା ଏକ ଛୋଟିଆ ମସ୍‌ଜିଦ୍‌ର ଗୋଟିଏ କୋଣରେ ନୀରବତା, ଗଭୀର ଚିନ୍ତା, ଧ୍ୟାନ ଏବଂ ଅଧ୍ୟୟନ କରିବାରେ ବିତାଇଛନ୍ତି । ସେ ଦେଖିଲେ ଯେ ଇସ୍‌ଲାମ୍‌ର ଜ୍ୟୋତିପୂର୍ଣ୍ଣ ଚେହେରା ଯାହାର ଆଧ୍ୟାତ୍ମିକ ସ୍ପର୍ଶ ଦ୍ୱାରା ତେରଶହ ବର୍ଷ ପୂର୍ବେ ଗୋଟିଏ ଜଗତ ଜାକ ଜମକରେ ଚମକ ଉଠିଥିଲା, ଆଜି ତାହା ଧୂଳି ଧୂସରରେ ପରିପୂର୍ଣ୍ଣ ହୋଇ ପଡ଼ିରହିଛି । ତାଙ୍କ ଛାତିରେ ବ୍ୟଥା ଓ ବେଦନାର ଜୁଆର ଉଠି ବାହାରକୁ ବାହାରିବା ପାଇଁ ରାସ୍ତା ଖୋଜିଲା କିନ୍ତୁ ସେ ସେହି ବ୍ୟଥା ଓ ବେଦନାକୁ ଚାପି ରଖିଲେ । ପରିଶେଷରେ ସେହି ସବୁ ବ୍ୟଥା ଓ ବେଦନା ସଂକୁଚିତ ହୋଇ ତରଳ ପଦାର୍ଥର ରୂପ ଧାରଣା କଲା ଏବଂ କାଗଜ ପୃଷ୍ଠାରେ ବିଛାଇ ହୋଇ ତାହା ବରାହିନେ ଅହେମଦୀୟାର ରୂପରେଖ ନେଲା ।

ବରାହିନେ ଅହେମଦୀୟା କ'ଣ ଥିଲା ? ଇସ୍‌ରାଫିଲ୍‌ର ତୂରୀ ଥିଲା ଯିଏ ଧାର୍ମିକ ସଂସାରରେ ଏକ କୋଳାହଳ ସୃଷ୍ଟି କରିଦେଲା । ହିନ୍ଦୁସ୍ତାନର କୋଣ ଅନୁକୋଣରେ ଦୀର୍ଘ ଦିନ ଧରି ସ୍ୱପ୍ନ ଦେଖୁଥିବା ମୁସଲମାନମାନେ ଅଳସ ଭାଙ୍ଗିବା ଆରମ୍ଭ କରିଦେଲେ ଏବଂ ଫୁସୁରୁ ଫାସର ହେଲେ ଯେ ମୁହମ୍ମଦ ସ:ଆ:ସଙ୍କ ବଗିଚାରେ ଏକ ସୁନ୍ଦର କମଳ ଫୁଲ ଫୁଟିଛି । ବରାହିନେ ଅହେମଦୀୟା ପ୍ରକାଶ ହେବା ପରେ ମୁସଲମାନମାନେ ଖୁସି ଆନନ୍ଦରେ ଇଦ୍ ପାଳିଲେ । ଚାରିଆଡୁ ଅଭିନନ୍ଦନ ଓ ଉପହାରର ସୁଅ ଛୁଟିଲା । କେହି ଜଣେ ଲେଖିଲେ ଯେ ବିଗତ ତେରଶହ ବର୍ଷ ମଧ୍ୟରେ ଇସ୍‌ଲାମ୍‌ର ଏତେ ବଡ଼ ସେବା କେହି କରିନାହାନ୍ତି ଯେତେମାତ୍ରାରେ ବରାହିନେ ଅହେମଦୀୟାର ଲେଖକ କରିଛନ୍ତି । ଆଉ ଜଣେ ଏ ନିବେଦନ କଲେ ଯେ ତୁମେ ଈଶ୍ୱରଙ୍କ ଖାତିର ଆମମାନଙ୍କ ପାଇଁ ମସିହା ହୋଇଯାଅ । ଅତଏବ "ବରାହିନେ ଅହମଦୀୟା" ଯାହା ପବିତ୍ର କୁର୍‌ଆନୀୟ ପ୍ରମାଣ ବିଶିଷ୍ଟ ଏକ ଇସ୍‌ଲାମୀୟ ଇନ୍‌ସାଇକ୍ଲୋପିଡ଼ିଆ ଥିଲା, ତାହା ମୁସଲମାନମାନଙ୍କ ବିଦ୍ୱାନ ମଣ୍ଡଳୀରେ ଅତ୍ୟନ୍ତ ଲୋକପ୍ରୀୟ ହୋଇଗଲା । କିନ୍ତୁ ଇସ୍‌ଲାମ୍‌ର ଶତ୍ରୁମାନଙ୍କ ଘରେ ଶୋକର ଛାୟା ଖେଳିଗଲା ।

ସମ୍ମାନୀୟ ଶ୍ରୋତାବନ୍ଧୁ ! ସେ ସେହି ଫାର୍ସି ବଂଶୀୟ ବ୍ୟକ୍ତି ଥିଲେ ଯାହାଙ୍କ ସମ୍ବନ୍ଧରେ ହଜରତ ମୁହମ୍ମଦ ମୁସ୍ତଫା ସ୍ୱଲଲ୍ଲାହୁ ଆଲୈହେ ଓ୍ୱ ସଲ୍ଲମଙ୍କ ଏ ଭବିଷ୍ୟବାଣୀ ଥିଲା ଯେ ଲୌ କାନଲ୍ ଇମାନୁ ଇନ୍‌ଦସ୍ ସୁରୟା ଲନା ଲହୁ ରିଜାଲୁନ୍ ଅଓ ରଜୁଲୁନ୍ ମିନ୍ ହାଉଲାଇ *(ବୁଖାରୀ, କିତାବୁଲ୍ ତଫ୍‌ସୀର୍ ସୁରଃ ଜୁମା ଓ୍ୱ ମୁସ୍‌ଲିମ୍)*

ହଜରତ ମସିହ୍ ମଉଦ୍ ଆ:ସ କହିଛନ୍ତି:- "ହଦିସ୍‌ମାନଙ୍କରୁ ଏହା ଜଣାପଡୁଛି ଯେ ଶେଷ ଯୁଗରେ ପବିତ୍ର କୁର୍‌ଆନ୍ ଏ ଭୂପୃଷ୍ଠରୁ ଉଠିଯିବ ଓ କୁର୍‌ଆନ୍‌ର ଜ୍ଞାନ ହଜି ଯିବ, ଅଜ୍ଞାନତା ବ୍ୟାପି ଯିବ ଏବଂ ବିଶ୍ୱାସର ଉତ୍ସାହ ଓ ମାଧୁର୍ଯ୍ୟତା ହୃଦୟରୁ ଦୂରେଇ ଯିବ । ପୁଣି ସେହି ହଦିସ୍‌ଗୁଡ଼ିକ ମଧ୍ୟରେ ଗୋଟିଏ ହଦିସ୍ ଏପରି ବି ମିଳୁଛି ଯେ ଯଦି ଇମାନ୍ (ବିଶ୍ୱାସ) ସୁରୟା (ନାମକ ନକ୍ଷତ୍ର) ନିକଟକୁ ବି ଚାଲିଯାଇଥିବ ଅର୍ଥାତ ଏ ଭୂପୃଷ୍ଠରେ ତା'ର ଚିହ୍ନ ବର୍ଣ୍ଣ ରହିବ ନାହିଁ, ସେତେବେଳେ ଫାର୍ସୀ ବଂଶୀୟ ଜଣେ ବ୍ୟକ୍ତି ନିଜର ହାତକୁ ପସାରିବ ଏବଂ ସେହି ସୁରୟା (ନକ୍ଷତ୍ରରୁ) ତାକୁ ନେଇ ଆସିବ । ଏବେ ତୁମେମାନେ ସ୍ୱଂୟ ବୁଝିପାରୁଥିବ ଯେ ସେହି ହଦିସ୍‌ରୁ ସ୍ପଷ୍ଟ ଭାବରେ ଏହା ଜଣାପଡୁଛି ଯେ ଯେତେବେଳେ ଅଜ୍ଞତା, ବେଇମାନି ଏବଂ ଭ୍ରାନ୍ତି ଯାହା ସବୁକୁ ଅନ୍ୟ ହଦିସ୍‌ମାନଙ୍କରେ ଧୂଆଁ ସହିତ ଉପମା ଦିଆଯାଇଅଛି, ତାହା ଏ ଦୁନିଆରେ ବ୍ୟାପିଯିବ ଏବଂ ଏ ପୃଥିବୀରେ ପ୍ରକୃତ ସାଧୁତା / ସଚ୍ଚୋଟତା ଏତେମାତ୍ରାରେ କମ୍ ହୋଇଯିବ ଯେ ସତେ ଯେପରି ତାହା ଆକାଶକୁ ଉଠି ଯାଇଛି । ପବିତ୍ର କୁର୍‌ଆନ୍‌କୁ ଏପରି ପରିତ୍ୟାଗ କରିଦିଆଯାଇଥିବ ଯେ ସତେ ଯେପରି ତାହା ଖୁଦାତାଲାଙ୍କ ଆଡ଼କୁ ଉଠି ଚାଲିଯାଇଛି ।" *(ଅଜାଲାଏ ଅଓହାମ୍, ରୁହାନୀ ଖଜାଇନ୍, ଖଣ୍ଡ-୩, ପୃ-୪୫୬)*

ପୁଣି କହିଛନ୍ତି:- "ଯେତେବେଳେ ଏପରି ପରିସ୍ଥିତି ହୋଇଯିବ ସେତେବେଳେ ଜଣେ ଫାର୍ସୀ ବଂଶୀୟ ବ୍ୟକ୍ତି ଆସିବେ ଯିଏ ଧର୍ମକୁ ପୁଣି ଫେରାଇ ଆଣିବେ । ଧର୍ମକୁ ତଥା ପବିତ୍ର କୁର୍‌ଆନ୍‌କୁ ପୁନର୍ବାର ତାଜା କରିଦେବେ । ପବିତ୍ର କୁର୍‌ଆନ୍‌ର ହଜି ଯାଇଥିବା ମହାନତା ଏବଂ ଭୁଲାଇ ଦିଆଯାଇଥିବା ମାର୍ଗଦର୍ଶନ ତଥା ସୁରୟା (ନକ୍ଷତ୍ର) ପାଖକୁ ଚାଲିଯାଇଥିବା ବିଶ୍ୱାସକୁ ପୁଣି ଏକବାର ଏ ଦୁନିଆରେ ବିସ୍ତାର କରିଦେବେ ।"

ପବିତ୍ର କୁର୍‌ଆନ୍‌ର ସେବକ ରୂପେ ନିଜ ଆଗମନର ଉଦ୍ଦେଶ୍ୟ ବର୍ଣ୍ଣନା କରି ହଜରତ ମସିହ୍ ମଉଦ୍ ଆ:ସ କହିଛନ୍ତି:-

"ଖୁଦାତାଲା ମତେ (ଏଥି ସକାଶେ) ପ୍ରେରଣ କରିଛନ୍ତି ଯେ ପୋତି ହୋଇଯାଇଥିବା ସେହି ଧନଭଣ୍ଡାରଗୁଡ଼ିକୁ ମୁଁ ଏ ଦୁନିଆରେ ପ୍ରକାଶ କରିଦେବି ଏବଂ ସେହି ଅପବିତ୍ର ଆପତିଗୁଡ଼ିକର କାଦୁଅକୁ ସଫା କରିଦେବି ଯାହା ସେହି ଚମକପ୍ରଦ ଅଳଙ୍କାର ଉପରେ ଲେପା ଯାଇଅଛି । ବର୍ତମାନ ସର୍ବଶକ୍ତିମାନ ପରମେଶ୍ୱରଙ୍କ ଆତ୍ମସ୍ୱାଭିମାନ ବହୁତ ଉତ୍ସାହିତ ଅଛି ଯେ ସେ ପବିତ୍ର କୁର୍‌ଆନ୍‌ର ସମ୍ମାନକୁ ସ୍ଥାପନ କରି ପ୍ରତ୍ୟେକ ମନ୍ଦ ଉଦ୍ଦେଶ୍ୟ ରଖିଥିବା ଶତ୍ରୁମାନଙ୍କ ଆପତି ମୂଳକ ଦାଗକୁ ସଫା ଓ ପବିତ୍ର କରିଦେବେ ।" *(ମଲ୍‌ଫୁଜାତ୍, ଖଣ୍ଡ-୧, ପୃ-୩୮, ମୁଦ୍ରିତ କାଦିଆନ୍ ୨୦୦୩)*

ଅଲ୍ଲାଃ ତାଲାଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପବିତ୍ର କୁରାନୀୟ ତଥ୍ୟ ଓ ଶିକ୍ଷା ମାଧ୍ୟମରେ ଗୋଟିଏ ପଟେ ସେ ଅନ୍ୟାନ୍ୟ ଧର୍ମଗୁଡ଼ିକର ବିଶ୍ୱାସ ଓ ପ୍ରଥାକୁ ରଦ୍ଦ କଲେ ଯେମିତି କି ହୟାତେ ମସିହ୍ (ଅର୍ଥାତ ଯୀଶୁ ମସିହଙ୍କ ଆକାଶରେ ଜୀବିତ ରହିବା), ତସ୍‌ଲିସ୍ (ଅର୍ଥାତ Trinity), ଇବ୍‌ନିୟତେ ମସିହ୍ (ଅର୍ଥାତ ଯୀଶୁ ମସିହ ଈଶ୍ୱରଙ୍କ ପୁତ୍ର ହେବା), କଫାରାଃ (ଅର୍ଥାତ ଯୀଶୁ ଖ୍ରୀଷ୍ଟ ଅନ୍ୟମାନଙ୍କ ପାଇଁ କ୍ରୁଶରେ ଚଢ଼ି ଜୀବନ ଦେବା), ତନାସୁଖ୍ (ଅର୍ଥାତ ପୂର୍ନଜନ୍ମ) ଏବଂ ଆତ୍ମା ତଥା ଶରୀରର

ସଂରକ୍ଷଣତା ଇତ୍ୟାଦି ଇତ୍ୟାଦି । ସେହିପରି ଅପର ପକ୍ଷେ ମୁସଲମାନମାନଙ୍କର ଭୁଲ ବିଶ୍ୱାସକୁ ସଂଶୋଧନ କରି ୱଫାତେ ମସିହ୍ (ଅର୍ଥାତ ଯୀଶୁଙ୍କ ମୃତ୍ୟୁ), ଇଜ୍‌ରାଏ ନବୁଓ୍ୱତ୍ (ଅର୍ଥାତ ନବୀମାନଙ୍କ ଆଗମନର ଦ୍ୱାର ଖୋଲା ରହିଥିବା), ନବୀମାନଙ୍କର ସମ୍ମାନ ଏବଂ ମସିହ୍‌ଙ୍କ ଅବତରଣ ହେବା ଇତ୍ୟାଦି ବିଷୟ ଉପରେ ପବିତ୍ର କୁରାନୀୟ ସାକ୍ଷ୍ୟ ଦେଇ ଆଲୋକପାତ କଲେ । ତତ୍‌ସହିତ ମୁସଲମାନମାନଙ୍କ ମଧ୍ୟରେ ବ୍ୟାପି ଯାଇଥିବା କୁପ୍ରଥା ଗୁଡ଼ିକୁ ମଧ୍ୟ ପବିତ୍ର କୁର୍‌ଆନ୍‌ର ବାସ୍ତବିକ/ ପ୍ରକୃତ ଶିକ୍ଷାର ଆଲୋକରେ ଜଣେ ହକମ୍ ଓ୍ୱ ଅଦଲ୍ ଅର୍ଥାତ ନ୍ୟାୟ ଓ ନିଷ୍ପତିକାରୀ ଭାବରେ ଶେଷ କଲେ । ଅଲ୍ଲାଃ ତାଲା ଆପଣ ଆ:ସଙ୍କୁ ପବିତ୍ର କୁର୍‌ଆନ୍‌ର ପ୍ରତିବିମ୍ବ ସ୍ୱରୂପ ସାହିତ୍ୟିକ ଆରବୀ ଭାଷା ଶିଖାଇଲେ, ଯାହା ଫଳରେ ଆପଣ ଆ:ସ ପ୍ରାୟ କୋଡ଼ିଏ ଖଣ୍ଡ ଆରବୀ ପୁସ୍ତକ ରଚନା କଲେ । ସେହି ପୁସ୍ତକମାନଙ୍କ ମଧ୍ୟରୁ ଗୋଟିଏ ହେଉଛି "ଏଜାଜୁଲ୍ ମସିହ୍" । ଯାହା ସୁରାଃ ଫାତିହାର ତଫ୍‌ସୀର୍ (ବ୍ୟାଖ୍ୟା)ରେ ପରିବେଷ୍ଟିତ । ହଜୁର ଆ:ସ ସେହି ତଫ୍‌ସୀର୍ ସମ୍ବନ୍ଧରେ ଈଶ୍ୱରୀୟ ଜ୍ଞାନ ପାଇ ଲେଖିଛନ୍ତି ଯେ:-

"ଯଦି ବିରୋଧୀ ଓ୍ୱଲେମାଗଣ, ହାକିମମାନେ, ଧର୍ମ ଶାସ୍ତ୍ର ଭିତିକ ନୀୟମ କାନୁନ୍ ଜାଣିଥିବା ବିଶାରଦଗଣ ତଥା ସେମାନଙ୍କ ବାପା ଓ ପୁତ୍ର ସମସ୍ତେ ମିଶି ଏହି ତଫ୍‌ସୀର୍ (ବ୍ୟାଖ୍ୟା)ର ଦୃଷ୍ଟାନ୍ତ ଆଣିବାକୁ ଚାହିଁବେ ତେବେ ମଧ୍ୟ ସେମାନେ କଦାପି ଆଣିପାରିବେ ନାହିଁ । *(ଏଜାଜୁଲ୍ ମସିହ୍, ରୁହାନୀ ଖଜାଇନ୍, ଖଣ୍ଡ-୧୮, ପୃ-୫୬.....)*

ଏହି ମହାନ୍ ଭବିଷ୍ୟବାଣୀ ମୁତାବକ ଆରବ ତଥା ଅଣ ଆରବର କୌଣସି ଜ୍ଞାନୀ ଓ ସାହିତ୍ୟିକଙ୍କୁ ଏହାର ଉଦାହରଣ ଉପସ୍ଥାପନ କରିବା ପାଇଁ ସାହସ ହେଲାନାହିଁ । ହଜରତ ମସିହ୍ ମଉଦ୍ ଆ:ସ ନିଜର ଅଶୀ ଖଣ୍ଡରୁ ବି ଅଧିକା ପୁସ୍ତକରେ ପବିତ୍ର କୁର୍‌ଆନ୍‌ର ଏପରି ତାତ୍ୱିକ, ଜ୍ଞାନ ଭିତିକ ତଥା ତଥ୍ୟସମ୍ପନ୍ନ ଚମତ୍କାର ଜ୍ଞାନ ବର୍ଣ୍ଣନା କରିଛନ୍ତି, ଯାହା ଅନ୍ୟମାନଙ୍କ ତଫ୍‌ସୀର୍ ଅର୍ଥାତ ବ୍ୟାଖ୍ୟାରେ ଚିହ୍ନ ବର୍ଣ୍ଣ ହିଁ ମିଳେନାହିଁ ।

ଆପଣ ଆ:ସ କହିଛନ୍ତି:- "ମୁଁ ଆ ପୂର୍ବରୁ ଲେଖିସାରିଛି ଯେ ପବିତ୍ର କୁର୍‌ଆନ୍‌ର ଚମତ୍କାରିତା ଅଧିକାଂଶ ମୋ ଉପରେ ଐଶିବାଣୀ ଦ୍ୱାରା ହିଁ ପ୍ରକାଶ ହୋଇଚାଲିଛି । ଅଧିକାଂଶ ସମୟ ଏପରି ହୋଇଥାଏ ଯେ ତଫ୍‌ସୀର୍ ଗୁଡ଼ିକରେ ସେ ସବୁର ଚିହ୍ନ ବର୍ଣ୍ଣ ହିଁ ମିଳିନଥାଏ । ଉଦାହରଣ ସ୍ୱରୂପ ପ୍ରାରମ୍ଭିକ ଆଦମଙ୍କ ଜନ୍ମଠାରୁ ଆଁ ହଜରତ ସ:ଆ:ସଙ୍କ ଆବିର୍ଭାବ ପର୍ଯ୍ୟନ୍ତ ଯେତେ କାଳ ବିତିଯାଇଛି ସେହି ସମସ୍ତ କାଳ ବା ସମୟ ସୁରତୁଲ୍ ଅସର୍‌ର ଅକ୍ଷର ଭିତରେ ଥିବା ସଂଖ୍ୟାରେ ଚନ୍ଦ୍ରମାସ ଅନୁଯାୟୀ ନିମ୍ନଲିଖିତ ବିଷୟ ମୋ ଉପରେ ପ୍ରକାଶ ହୋଇଅଛି । ଅର୍ଥାତ ଚାରି ହଜାର ସାତ ଶହ ଚାଳିଶି । ଏବେ ବତାନ୍ତୁ ଯେ ପବିତ୍ର କୁର୍‌ଆନ୍‌ର ଏପରି ସୂକ୍ଷ୍ମ ତତ୍ୱ ଯେଉଁଥିରେ ପବିତ୍ର କୁର୍‌ଆନ୍‌ର ଚମତ୍କାରିତା ସ୍ୱତନ୍ତ୍ର ଭାବରେ ନିହିତ ରହିଛି, ଏପରି କେଉଁ ତଫ୍‌ସୀର୍‌ରେ ଉଲ୍ଲେଖ ଅଛି ?" *(ଅଜାଲାଏ ଅଓହାମ୍, ରୁହାନୀ ଖଜାଇନ୍, ଖଣ୍ଡ-୩, ପୃ-୨୫୮)*

ହଜରତ ମସିହ୍ ମଉଦ୍ ଆ:ସଙ୍କ ଆବିର୍ଭୁତ ହେବା ପୂର୍ବରୁ ମୁସଲମାନମାନଙ୍କ ମଧ୍ୟରେ ପବିତ୍ର କୁର୍‌ଆନ୍ ସମ୍ପର୍କରେ ଏ ବିଶ୍ୱାସ ଥିଲା ଯେ ପବିତ୍ର କୁର୍‌ଆନ୍‌ର କିଛି ଆୟତ (ପଂକ୍ତି) ନାସିଖ୍ (ଅର୍ଥାତ ରଦ୍ଦ- ଅନୁବାଦକ) ଯୋଗ୍ୟ ଅଟେ ଓ ଆଉ କିଛି ମନ୍‌ସୁଖ୍ (ଅର୍ଥାତ ବାତିଲ- ଅନୁବାଦକ) ଅଟନ୍ତି । ମନ୍‌ସୁଖ୍ ଆୟତଗୁଡ଼ିକର ସଂଖ୍ୟା ଓ୍ୱଲେମାମାନଙ୍କ ଅନୁସାରେ ପାଂଚଶହ ପର୍ଯ୍ୟନ୍ତ ପହଂଚୁଥିଲା । ଯଦିଓ ଓ୍ୱଲେମାମାନେ ଏ ଚେଷ୍ଟା କରିଥିଲେ ଯେ ଯେଣେତେଣେ ପ୍ରକାରଣେ ଏହି ସଂଖ୍ୟାକୁ କିପରି ହ୍ରାସ କରିପାରିବେ । ସୁତରାଂ ସେମାନେ ଏହି ପ୍ରଚେଷ୍ଟାରେ ସଫଳ ବି ହେଲେ, କିନ୍ତୁ ହଜରତ ମସିହ୍ ମଉଦ୍ ଆ:ସଙ୍କ ଆଗମନ ପର୍ଯ୍ୟନ୍ତ ମଧ୍ୟ ଏହି ସମସ୍ୟାର ସମାଧାନ ହୋଇପାରିନଥିଲା । ପାଂଚଟି ଆୟତ ଏପରି ରହିଯାଇଥିଲେ ଯାହା ଓ୍ୱଲେମାମାନଙ୍କ ନିକଟରେ ମନ୍‌ସୁଖ୍ ଅର୍ଥାତ ବାତିଲ୍ ଯୋଗ୍ୟ ଥିଲେ । ହଜରତ ମସିହ୍ ମଉଦ୍ ଆ:ସ ଆସି ଏହି ସମସ୍ୟାର ସମାଧାନ କରିଦେଲେ । ଅତଏବ୍ ଆପଣ ଆ:ସ କହିଲେ:-

"ଆମେ ଦୃଢ଼ ବିଶ୍ୱାସର ସହିତ ଏ କଥା ଉପରେ ଇମାନ୍ ରଖିଛୁ ଯେ ପବିତ୍ର କୁର୍‌ଆନ୍ ଅନ୍ତିମ ସ୍ୱର୍ଗୀୟ ପୁସ୍ତକ ଅଟେ ଏବଂ ତାହାର ଗୋଟିଏ ବିନ୍ଦୁ ତଥା ମାତ୍ର. ନିୟମ, ସୀମା ଏବଂ ଆଦେଶ, ନା ତ ଅଧିକ ହୋଇପାରିବ ଓ ନା କମ ହୋଇପାରିବ । ଏବେ କୌଣସି ଐଶିବାଣୀ ଅଲ୍ଲାଃଙ୍କ ତରଫରୁ ଏପରି ହୋଇପାରିବ ନାହିଁ ଯାହା ଫୁର୍‌କାନ୍ (ଅର୍ଥାତ କୁର୍‌ଆନ୍)ର ଆଦେଶାବଳୀକୁ ସଂଶୋଧନ, ବାତିଲ ବା କୌଣସି ଗୋଟିଏ ନିର୍ଦ୍ଦେଶକୁ ବି ପରିବର୍ତନ ତଥା ହ୍ରାସ କରିପାରୁଥିବ । ଯଦି କିଏ ଏପରି ଭାବୁଥାଏ, ତା'ହେଲେ ସେ ଆମ ନିକଟରେ ମୋମିନ୍ (ଅର୍ଥାତ ବିଶ୍ୱାସକାରୀ)ମାନଙ୍କ ଗୋଷ୍ଠୀରୁ ବହିର୍ଭୁତ, ଜଣେ ନାସ୍ତିକ ତଥା ଜଣେ କାଫିର୍ ଅଟେ ।" *(ଅଜାଲାଏ ଅଓହାମ୍, ଭାଗ-୧, ପୃ-୧୭୦)*

ହଜରତ ମିଆଁ ଅବ୍‌ଦୁଲ୍ଲାଃ ସନ୍‌ଓ୍ୱରୀ ସାହେବ୍ ର:ଅଙ୍କର ଗୋଟିଏ ଲମ୍ବା ବର୍ଣ୍ଣନା ରହିଛି । ସେ କୁହନ୍ତି:-

"ମୁଁ ଏକଦା ହଜରତ ସାହେବ୍ ଆ:ସଙ୍କୁ ନିବେଦନ କଲି ଯେ ହଜୁର ମୁଁ ଯେତେବେଳେ କାଦିଆନ୍ ଆସୁଛି ସେତେବେଳେ ଆଉ କିଛି ବିଶେଷ କଥା ତ ଅନୁଭବ କରୁନାହିଁ କିନ୍ତୁ ମୁଁ ଏହା ଅବଲୋକନ କରୁଅଛି ଯେ ଏଠାରେ ସମୟ ସମୟରେ ଅଚାନକ ମୋ ଉପରେ ପବିତ୍ର କୁର୍‌ଆନ୍‌ର କେତେକ ଆୟତ ଗୁଡ଼ିକର ଅର୍ଥ ପ୍ରକାଶ ହେଉଅଛି ଓ ମୁଁ ଏପରି ଅନୁଭବ କରୁଅଛି ଯେ ସତେ ଯେପରି ମୋ ହୃଦୟରେ ଅର୍ଥର ଏକ ବନ୍ଧା ହୋଇଥିବା ପୁଟୁଳୀକୁ ଅଜାଡ଼ି ଦିଆଯାଉଅଛି । ଏଥିରେ ହଜରତ ସାହେବ୍ କହିଲେ ଯେ ଆମ୍ଭଙ୍କୁ ପବିତ୍ର କୁର୍‌ଆନୀୟ ଜ୍ଞାନ ସହିତ ପ୍ରେରଣ କରାଯାଇଅଛି ଏବଂ ତାହାର ସେବାକାର୍ଯ୍ୟ କରିବା ଆମ୍ଭର କର୍ତବ୍ୟ ବୋଲି ଅଭିହିତ କରାଯାଇଅଛି । ଅତଃ ଆମ୍ଭ ସଙ୍ଗତରେ ରହିବା ଯୋଗୁଁ ଏହି ଲାଭ ହେବା ଉଚିତ ।" *(ସିରତୁଲ୍ ମେହ୍‌ଦୀ, ଭାଗ-୧, ପୃ-୯୦)*

ଏବେ ମୁଁ ଆପଣମାନଙ୍କ ସମ୍ମୁଖରେ ହଜୁର ଆ:ସଙ୍କ ଜୀବନୀରୁ ପବିତ୍ର କୁର୍‌ଆନ୍ ପ୍ରତିଥିବା ପ୍ରେମ ବିଷୟରେ କିଛି ଆଲୋକପାତ କରିବି । ହଜରତ ମସିହ୍ ମଉଦ୍ ଆ:ସ ନିଜର ପବିତ୍ର କବିତାରେ କହିଛନ୍ତି:-

ଦିଲ୍ ମେଁ ୟହି ହେ ହର୍ ଦମ୍ ତେରା ସହିଫା ଚୁମୁଁ

କୁର୍‌ଆଁ କେ ଗିର୍‌ଦ୍ ଘୁମୁଁ କାବା ମେରା ୟହି ହେ

ହଜୁର ଆ:ସଙ୍କୁ ପବିତ୍ର କୁର୍‌ଆନ୍ ଐଶିବାଣୀ ହୋଇଥିବା ଯୋଗୁଁ ତାହା ସହିତ ସଚ୍ଚା ଓ ପ୍ରାକୃତିକ ପ୍ରେମ ଥିଲା, ଏବଂ ତାହାର ଅପୂର୍ବ ଆଧ୍ୟାତ୍ମିକ ଅର୍ଥମାନ ପାଇଁ ତଥା ବ୍ୟବହାରିକ ସୌନ୍ଦର୍ଯ୍ୟ ଯୋଗୁଁ ଆପଣ ଆ:ସଙ୍କୁ ତାହା ସହିତ ଅତ୍ୟନ୍ତ ପ୍ରେମ ଥିଲା । ଯେମିତିକି ଉପେରୋକ୍ତ ପଦ୍ୟରୁ ପ୍ରକାଶ ହେଉଅଛି । ପୁଣି ଯେମିତିକି ମହାଭାଗ ଆ:ସ କହିଛନ୍ତି ଯେ ହେ ମୋର ସ୍ୱର୍ଗୀୟ ମୁନୀବ ! ତୁମ୍ଭ ତରଫରୁ ଆସିଥିବା ଏହି ପବିତ୍ର ଶାସ୍ତ୍ରକୁ ବାରମ୍ବାର ଚୁମ୍ବନ ଦେବା ପାଇଁ ତଥା ତାହାର ଚତୁଃପାର୍ଶ୍ୱରେ ପରିକ୍ରମଣ କରିବା ପାଇଁ ମୋ ମନ ବ୍ୟାକୁଳିତ । ହଜରତ ମସିହ୍ ମଉଦ୍ ଆ:ସ ପବିତ୍ର କୁର୍‌ଆନ୍‌ର ଅପୂର୍ବ ଆଧ୍ୟାତ୍ମିକ ଅର୍ଥ ତଥା ଅପୂର୍ବ ବ୍ୟବହାରିକ ସୌନ୍ଦର୍ଯ୍ୟ ସମ୍ବନ୍ଧରେ କୁହନ୍ତି:-

"ନିଶ୍ଚିତ ରୂପେ ଏକଥା ବୁଝିନିଅନ୍ତୁ ଯେ ଯେଉଁଭଳି ଏହା ସମ୍ଭବ ନୁହେଁ ଯେ ଆମ୍ଭେ ବିନା ଆଖିରେ ଦେଖିପାରିବା, ବିନା କାନରେ ଶୁଣିପାରିବା ତଥା ବିନା ଜିହ୍ୱାରେ କହିପାରିବା ଠିକ୍ ସେହିପରି ଏହା ମଧ୍ୟ ସମ୍ଭବ ନୁହେଁ ଯେ ବିନା ପବିତ୍ର କୁର୍‌ଆନ୍‌ରେ ସେହି ପ୍ରିୟତମ ବନ୍ଧୁ (ଅର୍ଥାତ ଅଲ୍ଲାଃ ତାଲା)ଙ୍କ ଚେହେରା ଦେଖିପାରିବା । ମୁଁ ଯୁବକ ଥିଲି ପୁଣି ଏବେ ବୃଦ୍ଧ ହେଲିଣି କିନ୍ତୁ ମୁଁ ଏପରି କାହାକୁ ପାଇନାହିଁ ଯିଏ ଏହି ପବିତ୍ର ଝରଣା ବିନା ଏପରି ସ୍ପଷ୍ଟ ଜ୍ଞାନର ପାତ୍ରକୁ ପିଇଥିବ ।" *(ଇସ୍‌ଲାମୀ ଉସୁଲ୍ କି ଫିଲାସଫି, ରୁହାନୀ ଖଜାଇନ୍, ଖଣ୍ଡ-୧୦, ପୃ-୪୪୨)*

ହଜରତ ମସିହ୍ ମଉଦ୍ ଆ:ସଙ୍କ ସ୍ୱରଚିତ ପୁସ୍ତକ କିଶ୍‌ତି ନୁହ୍ ରେ ପବିତ୍ର କୁର୍‌ଆନ୍‌କୁ ଧ୍ୟାନ ପୂର୍ବକ ପଢ଼ିବା ଓ ତାହାକୁ ଅତ୍ୟନ୍ତ ଭଲପାଇବା ତଥା ତାହାର ସମସ୍ତ ଆଦେଶାବଳୀଗୁଡ଼ିକ ଉପରେ ମନପ୍ରାଣ ଦେଇ ପରିଚାଳିତ ହେବା ସମ୍ବନ୍ଧରେ କହିଛନ୍ତି:-

"ମୁଁ ତୁମକୁ ସତ୍ୟ କହୁଅଛି ଯେ ଯେଉଁ ବ୍ୟକ୍ତି ପବିତ୍ର କୁର୍‌ଆନ୍‌ର ସାତ ଶହ ଧର୍ମାଦେଶ ମଧ୍ୟରୁ ଗୋଟିଏ ଛୋଟ ଆଦେଶକୁ ମଧ୍ୟ ଅମାନ୍ୟ କରେ, ସେ ନିଜ ମୋକ୍ଷର ଦ୍ୱାର କୁ ନିଜ ହାତରେ ବନ୍ଦ କରିଥାଏ । ବାସ୍ତବ ପକ୍ଷେ ସମ୍ପୂର୍ଣ୍ଣ ମୁକ୍ତିର ମାର୍ଗ ପବିତ୍ର କୁର୍‌ଆନ୍ ହିଁ ସ୍ପଷ୍ଟ ରୂପେ ଉନ୍ମୋଚନ କରି ଦେଇଛି । ଅନ୍ୟ ସବୁ ଶାସ୍ତ୍ର ଏହାର ପ୍ରତିଫଳନ । ତେଣୁ ତୁମେ ପବିତ୍ର କୁର୍‌ଆନ୍‌କୁ ଗଭୀର ମନ ଧ୍ୟାନ ଦେଇ ପାଠ କର ଓ ତାକୁ ବହୁତ ପ୍ରେମ କର । ଏପରି ପ୍ରେମ ଯାହା ତୁମେ କାହାକୁ ବି କରିନଥିବ । କାରଣ ଯେପରି ଈଶ୍ୱର ମୋତେ ସମ୍ବୋଧନ କରି କହିଛନ୍ତି

ଅଲ୍‌ଖୈରୋ କୁଲ୍ଲହୁ ଫିଲ୍ କୁର୍‌ଆନ୍

ଅର୍ଥାତ:- "ସମସ୍ତ ପ୍ରକାରର କଲ୍ୟାଣ ପବିତ୍ର କୁର୍‌ଆନ୍ ମଧ୍ୟରେ ଭରି ରହିଛି ଓ ଏହା ହିଁ ହେଉଛି ଉତ୍କୃଷ୍ଟ ଶିକ୍ଷା ।" ଏପରି ଲୋକମାନଙ୍କ ପାଇଁ ଦୁଃଖ ଲାଗୁଛି, ଯେଉଁମାନେ ଅନ୍ୟ କାହାକୁ ଏହା ଉପରେ ପ୍ରାଧାନ୍ୟ ଦେଉଛନ୍ତି । ତୁମର ସମସ୍ତ ସଫଳତା ଓ ମୁକ୍ତିର ମୂଳ ଉତ୍ସ ପବିତ୍ର କୁର୍‌ଆନ୍‌ରେ ରହିଛି । ତୁମର ଏପରି କୌଣସି ଧର୍ମଗତ ଆବଶ୍ୟକତା ନାହିଁ, ଯାହା ପବିତ୍ର କୁର୍‌ଆନ୍‌ରେ ଉପଲବ୍ଧ ହୋଇନାହିଁ । ମହାପ୍ରଳୟ ଦିନ ତୁମ ବିଶ୍ୱାସ ସତ କି ମିଛ ତାହାର କଷଟିପଥର ହେଉଛି ପବିତ୍ର କୁର୍‌ଆନ୍ । ଆକାଶ ତଳେ ପବିତ୍ର କୁର୍‌ଆନ୍ ବ୍ୟତୀତ ଅନ୍ୟ କୌଣସି ପୁସ୍ତକ ନାହିଁ ଯାହା ପ୍ରତ୍ୟକ୍ଷ ରୂପେ ତୁମର ପଥ ପଦର୍ଶନ କରିପାରିବ । ଈଶ୍ୱର ତୁମ ଉପରେ ଅପାର ଅନୁଗ୍ରହ କରିଛନ୍ତି

ଯେ ପବିତ୍ର କୁର୍‌ଆନ୍ ପରି ପୁସ୍ତକ ତୁମକୁ ଅର୍ପଣ କରିଛନ୍ତି । ମୁଁ ତୁମକୁ ସତ୍ୟ କହୁଅଛି ଯେ ଯେଉଁ ପୁସ୍ତକଟି ତୁମ ସମ୍ମୁଖରେ ଆବୃତି କରାଯାଇଛି, ଯଦି ତାହା ଖ୍ରୀଷ୍ଟିଆନ୍‌ମାନଙ୍କ ପ୍ରତି ପଠନ କରାଯାଇ ଥାଆନ୍ତା, ତେବେ ସେମାନେ ବିନାଶ ହୋଇ ନଥାନ୍ତେ । ଏହି ପୁରସ୍କାର ତଥା ନୀତିଶିକ୍ଷା ଯାହା ତୁମକୁ ଦିଆଯାଇଛି, ଯଦି ଇହୁଦୀମାନଙ୍କୁ ତୌରାତ୍ ପରିବର୍ତେ ଏହାକୁ ଉପଲବ୍ଧ କରାଯାଇ ଥାଆନ୍ତା, ତେବେ ସେମାନଙ୍କ ମଧ୍ୟରୁ କେତେକ ଗୋଷ୍ଠୀ ମହାପ୍ରଳୟର ସ୍ଥିତିକୁ ଅସ୍ୱୀକାର କରିନଥାନ୍ତେ । ତେଣୁ ଏହି ଉପକାରର ମହତ୍ୱକୁ ବୁଝ, ଯାହା ତୁମକୁ ଦିଆଯାଇଛି । ଏହା ଅତି ଉତମ ଉପକାର, ଏହା ଅଗାଧ ସମ୍ପତି । ଯଦି ପବିତ୍ର କୁର୍‌ଆନ୍ ସଂସାରକୁ ଆସି ନଥାନ୍ତା, ତେବେ ସଂସାର ଏକ ତୁଚ୍ଛ, ଅପବିତ୍ର ମାଂସ ପିଣ୍ଡୁଳା ପରି ରହି ଥାଆନ୍ତା । ପବିତ୍ର କୁର୍‌ଆନ୍ ହେଉଛି ସେହି ପୁସ୍ତକ ଯାହା ସମ୍ମୁଖରେ ଅନ୍ୟ ସମସ୍ତ ତତ୍ୱଜ୍ଞାନ ଓ ପଥପଦର୍ଶନର ଶିକ୍ଷା ନଗଣ୍ୟ ।"

*(କଶ୍‌ତି ନୁହ୍, ରୁହାନୀ ଖଜାଇନ୍, ଖଣ୍ଡ-୧୯, ପୃ-୨୬-୨୭)*

ହଜରତ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକଗୁଡ଼ିକୁ ତଥା ମଲ୍‌ଫୁଜାତ୍‌ର ଅଧ୍ୟୟନରୁ ଜଣାପଡୁଛି ଯେ ଆପଣ ଆ:ସ ନା କେବଳ ସ୍ୱୟଂ ପବିତ୍ର କୁର୍‌ଆନ୍‌ର ବହୁମାତ୍ରାରେ ଅଧ୍ୟୟନ କରୁଥିଲେ ବରଂ ଅନ୍ୟମାନଙ୍କୁ ମଧ୍ୟ ବାରମ୍ବାର ପବିତ୍ର କୁର୍‌ଆନ୍ ପାଠ କରିବା ତଥା ଶୁଣିବା ନିମନ୍ତେ ତାଗିଦ୍ ଓ ଉତ୍ସାହିତ କରୁଥିଲେ । ଥରକର ଘଟଣା, ଜଣେ ପ୍ରଶ୍ନ କଲେ ଯେ ହଜୁର ! ପବିତ୍ର କୁର୍‌ଆନ୍ କିପରି ପଢ଼ିବା ଉଚିତ ? ଏଥିରେ ମହାଭାଗ ଆ:ସ କହିଲେ:-

"ପବିତ୍ର କୁର୍‌ଆନ୍‌କୁ ମନ ଧ୍ୟାନ ଦେଇ ତଥା ଗଭୀର ଅନୁଚିନ୍ତା କରି ପଢ଼ିବା ଉଚିତ । ପବିତ୍ର ହଦିସ୍‌ରେ ଆସିଛି ଯେ:- ରୁବ୍‌ବା କାରିଇନ୍ ୟଲ୍‌ଅନୁହୁଲ୍ କୁର୍‌ଆନୁ ଅର୍ଥାତ:- ପବିତ୍ର କୁର୍‌ଆନ୍‌ର ଏମିତି ଅନେକ ପାଠକ ଅଛନ୍ତି ଯେଉଁମାନଙ୍କ ଉପରେ ପବିତ୍ର କୁର୍‌ଆନ୍ ଅଭିଶାପ ଦେଇଥାଏ । ଯେଉଁ ବ୍ୟକ୍ତି ପବିତ୍ର କୁର୍‌ଆନ୍ ପଢୁଥାଏ କିନ୍ତୁ ତାହା ଉପରେ ପରିଚାଳିତ ହୁଏନାହିଁ ତା' ଉପରେ ପବିତ୍ର କୁର୍‌ଆନ୍ ଅଭିଶାପ ଦେଇଥାଏ । ଆବୃତି କରିବା ସମୟରେ ଯେବେ ପବିତ୍ର କୁର୍‌ଆନ୍‌ର ଆୟତେ ରହ୍‌ମତ୍ (ଅର୍ଥାତ ଯେଉଁ ଆୟତରେ ଈଶ୍ୱରଙ୍କ କରୁଣା ତଥା ଦୟା ବିଷୟ ଉଲ୍ଲେଖ ଥାଏ ତାହା) ନିକଟରେ ପହଂଚିବା ସମୟରେ, ସେଠାରେ ଅଲ୍ଲାଃ ତାଲାଙ୍କଠାରୁ କରୁଣା ଭିକ୍ଷା କରାଯାଉ ଏବଂ ଯେଉଁ ସ୍ଥଳେ କୌଣସି ଜାତି/ ସମ୍ପ୍ରଦାୟ ଉପରେ ଦଣ୍ଡ ଓ ଯନ୍ତ୍ରଣା ଦିଆଯାଇଥିବା ବିଷୟ ଉଲ୍ଲେଖ ରହିଛି, ସେଠାରେ ଖୁଦାତାଲାଙ୍କ ଦଣ୍ଡରୁ ବଂଚିବା ପାଇଁ ଖୁଦାଙ୍କ ସମ୍ମୁଖରେ ଶରଣ ଭିକ୍ଷା କରାଯାଉ ଏବଂ (ତାହାକୁ) ଗଭୀର ଅନୁଧ୍ୟାନ କରି ପଢ଼ିବା ଉଚିତ ତଥା ତାହାର (ଶିକ୍ଷା) ଉପରେ ପରିଚାଳିତ ହେବା ଉଚିତ । *(ମଲ୍‌ଫୁଜାତ୍ ଖଣ୍ଡ-୫, ପୃ-୧୫୭)*

ପୁଣି ହଜରତ ଆ:ସ କହିଛନ୍ତି:- "ଆଁ ହଜରତ ସ:ଆ:ସ ଭାଷିଛନ୍ତି ଯେ ପବିତ୍ର କୁର୍‌ଆନ୍ ଦୁଃଖିତ ଅବସ୍ଥାରେ ଅବତୀର୍ଣ୍ଣ ହୋଇଛି, ତୁମେମାନେ ମଧ୍ୟ ତାହାକୁ ଦୁଃଖିତ ଅବସ୍ଥାରେ ପାଠ କର ।" *(ମଲ୍‌ଫୁଜାତ୍ ଖଣ୍ଡ-୫, ପୃ-୧୫୨)*

ନିଜ ଜମାଅତ୍‌ର ଲୋକମାନଙ୍କୁ ବହୁଳ ଭାବରେ ପବିତ୍ର କୁର୍‌ଆନ୍ ପଢ଼ିବା ଓ ପଢ଼େଇବା ପାଇଁ ହଜୁର ଆ:ସ ଉତ୍ସାହିତ କରି ଏହା କହିଛନ୍ତି ଯେ:-

"ଏବେ ସମସ୍ତ ପୁସ୍ତକକୁ ଛାଡ଼ିଦିଅ, ରାତି ଦିନ କିତାବୁଲ୍ଲାଃ (ଅର୍ଥାତ ଅଲ୍ଲାଃଙ୍କ ପୁସ୍ତକ ପବିତ୍ର କୁର୍‌ଆନ୍)କୁ ହିଁ ପାଠ କର । ଏପରି ବ୍ୟକ୍ତି ହେଉଛି ବଡ଼ ବେଇମାନ ଯିଏ ପବିତ୍ର କୁର୍‌ଆନ୍ ପ୍ରତି ଧ୍ୟାନ ଦେଉନାହିଁ କିନ୍ତୁ ଅନ୍ୟ ପୁସ୍ତକଗୁଡ଼ିକ ପ୍ରତି ଦିନରାତି ଆକୃଷ୍ଟ ହେଉଅଛି । ଆମ ଜମାଅତ୍‌ର (ଲୋକମାନଙ୍କୁ) ଦରକାର ଯେ ପବିତ୍ର କୁର୍‌ଆନ୍‌ର ଆବୃତି ତଥା ଗଭୀର ଅନୁଧ୍ୟାନରେ ମନ ପ୍ରାଣ ଦେଇ ଜଡ଼ିତ ହୋଇଯାଆନ୍ତୁ । ହଦିସ୍‌ର ଅବଧାରଣାକୁ ପରିତ୍ୟାଗ କରନ୍ତୁ । ବଡ଼ ଦୁଃଖର ବିଷୟ ହେଉଛି ଏହା ଯେ ପବିତ୍ର କୁର୍‌ଆନ୍‌କୁ ସେହିଭଳି ଧ୍ୟାନ ଦିଆଯାଉନାହିଁ ଯେଉଁ ଭଳି ଧ୍ୟାନ ହଦିସ୍‌କୁ ଦିଆଯାଉଅଛି । ବର୍ତମାନ ପବିତ୍ର କୁର୍‌ଆନ୍ ରୂପକ ଅସ୍ତ୍ର ହାତରେ ଧରନ୍ତୁ, ଏଥିରେ ତୁମର ବିଜୟ ହେବ । ଏହି ଜ୍ୟୋତି ସମ୍ମୁଖରେ କୌଣସି ଅନ୍ଧକାର ଛିଡ଼ା ହୋଇପାରିବ ନାହିଁ ।" *(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୮୬)*

ଆଉ ଜଣେ ବ୍ୟକ୍ତି ନିବେଦନ କଲେ ଯେ ହଜୁର ! ମୋ ପାଇଁ ଦୁଆ କରାଯାଉ ଯେ ମୋ ଜିହ୍ୱା (ଅର୍ଥାତ ଜିଭ) ପବିତ୍ର କୁରଆନ୍‌କୁ ଭଲ ଭାବରେ ପଢ଼ିବାକୁ ଲାଗିଯିବ । ମୋ ଜିଭ ପବିତ୍ର କୁର୍‌ଆନ୍ ପଢ଼ିବା ପାଇଁ ଯୋଗ୍ୟ ନୁହେଁ ଓ (ସଠିକ୍ ଭାବରେ) ପରିଚାଳିତ ହେଉନାହିଁ । ମୋ ମୁହଁ ଖୋଲିଯାଉ । ଏଥିରେ ମହାଭାଗ ଆ:ସ କହିଲେ:-

"ତୁମେ ଧୈର୍ଯ୍ୟର ସହିତ ପବିତ୍ର କୁର୍‌ଆନ୍ ପାଠ କରିଚାଲ ଅଲ୍ଲାଃ ତାଲା ତୁମ ଜିଭକୁ ଖୋଲିଦେବେ । ପବିତ୍ର କୁର୍‌ଆନ୍‌ର ଏହା ବି ଏକ କଲ୍ୟାଣ ଯେ ତାହା ଦ୍ୱାରା ମଣିଷର ମନ ସଫା ହୋଇଯାଏ ଓ ଜିଭ ଖୋଲିଯାଏ ବରଂ ଡ଼ାକ୍ତରମାନେ ମଧ୍ୟ ଅଧିକାଂଶ ସମୟ ଏପରି ରୋଗ ପାଇଁ ଏହି ଚିକିତ୍ସା କରିବାକୁ ପରାମର୍ଶ ଦେଇଥାନ୍ତି । *(ମଲ୍‌ଫୁଜାତ୍ ଖଣ୍ଡ-୩, ପୃ-୧୦୫)*

ହଜରତ ମସିହ୍ ମଉଦ୍ ଆ:ସଙ୍କୁ ନିକଟରେ ଦେଖିଥିବା ଲୋକମାନେ ତଥା ତାଙ୍କ ସହିତ ମିଳାମିଶା କରିଥିବା ଲୋକମାନେ ଏ କଥାର ସାକ୍ଷି ଅଛନ୍ତି ଯେ ଆପଣ ଆ:ସଙ୍କୁ ପବିତ୍ର କୁର୍‌ଆନ୍ ସହିତ ଅତ୍ୟନ୍ତ ପ୍ରେମ ତଥା ତାହାର ଗଭୀର ଅଧ୍ୟୟନ କରିବାର ପ୍ରବଳ ଆଗ୍ରହ ଥିଲା । ଏଠାରେ କିଛି ଘଟଣା ଉପସ୍ଥାପନ କରୁଅଛି ଯେଉଁଥିରୁ ପବିତ୍ର କୁର୍‌ଆନ୍ ପ୍ରତି ତାଙ୍କର ଅପାର ପ୍ରେମ ବିଷୟରେ ଆକଳନ କରାଯାଇପାରିବ ।

"ମିର୍ଜା ଦୀନ୍ ମୁହମ୍ମଦ ସାହେବ ସାକିନ୍ ଲଙ୍ଗରୱାଲ୍ ଜିଲ୍ଲା ଗୁର୍‌ଦାସ୍‌ପୁର (ପଞ୍ଜାବ) ଲିଖିତ ଭାବରେ ମତେ ଜଣାଇଲେ ଯେ ମୁଁ ମୋ ପିଲାଦିନୁଁ ହଜରତ ମସିହ୍ ମଉଦ୍ ଆ:ସଙ୍କୁ ଦେଖି ଆସୁଅଛି ଓ ସର୍ବପ୍ରଥମେ ମୁଁ ତାଙ୍କୁ ମିର୍ଜା ଗୁଲାମ୍ ମୁର୍ତଜା ସାହେବଙ୍କ ଜୀବଦଶାରେ ଦେଖିଥିଲି, ଯେବେ କି ମୁଁ ସେତେବେଳେ ବହୁତ ଛୋଟ ଥିଲି । ତାଙ୍କର ( ଅର୍ଥାତ ହଜରତ ମସିହ୍ ମଉଦ୍ ଆ:ସଙ୍କର- ଅନୁବାଦକ) ଏ ଅଭ୍ୟାସ ଥିଲା ଯେ ରାତିବେଳା ଇଶା (ନମାଜ) ପରେ ଶୀଘ୍ର ଶୋଇଯାଉଥିଲେ ପୁଣି ରାତି ପ୍ରାୟ ଗୋଟାଏ ସମୟରେ ତହଜ୍ଜୁଦ୍ (ନମାଜ) ନିମନ୍ତେ ଉଠିଯାଉଥିଲେ, ପୁଣି ତହଜ୍ଜୁଦ୍ ପଢ଼ିସାରି ପବିତ୍ର କୁର୍‌ଆନ୍ ପାଠ କରୁଥିଲେ । ପୁଣି ଯେତେବେଳେ ପ୍ରତ୍ୟୁଷର (ଅର୍ଥାତ ଫଜର) ଅଜାନ୍ ହେଉଥିଲା, ସୁନ୍ନତ୍ (ନମାଜଗୁଡ଼ିକୁ) ଘରେ ପଢ଼ି (ଫର୍ଜ) ନମାଜ ନିମନ୍ତେ ମସ୍‌ଜିଦ୍ ଯାଉଥିଲେ ଓ ବା ଜମାଅତ୍ ନମାଜ ପଢୁଥିଲେ ।" *(ସିରତୁଲ୍ ମେହେଦୀ, ଭାଗ-୩, ପୃ-୫୧୩-୫୧୪)*

ସେହିଭଳି ହଜରତ ମିର୍ଜା ସୁଲ୍‌ତାନ୍ ଅହ୍‌ମଦ୍ ସାହେବ ର:ଅ ବର୍ଣ୍ଣନା କରିଛନ୍ତି ଯେ "ମୋ ବାପା ମହାଶୟ ପ୍ରାୟତଃ ତିନୋଟି ପୁସ୍ତକକୁ ବହୁତ ପଢୁଥିଲେ ଅର୍ଥାତ ପବିତ୍ର କୁର୍‌ଆନ୍, ମସ୍‌ନୁୱି ରୋମୀ ତଥା ଦଲାଇଲୁଲ୍ ଖୈରାତ୍ । କିଛି ନୋଟ୍ ମଧ୍ୟ କରିନିଅନ୍ତି ଓ ପବିତ୍ର କୁର୍‌ଆନ୍‌କୁ ବହୁଳ ମାତ୍ରାରେ ପାଠ କରିଥାନ୍ତି ।" *(ସିରତୁଲ୍ ମେହେଦୀ ଭାଗ-୧, ପୃ-୧୯୯)*

ହଜରତ ମସିହ୍ ମଉଦ୍ ଆ:ସ (ନବୁୱତ୍‌ର)ଦାବି କରିବା ପୂର୍ବରୁ ଚାକିରି କରିବା ପାଇଁ ସିଆଲ୍‌କୋଟ୍‌ରେ ରହୁଥିଲେ । ସେ ସମୟର ପରିସ୍ଥିତି ବିଷୟରେ ବର୍ଣ୍ଣନା କରି ଶ୍ରୀମାନ ମୌଲବୀ ମୀର୍ ହସନ୍ ସାହେବ୍ ସିଆଲ୍‌କୋଟି ବର୍ଣ୍ଣନା କରିଛନ୍ତି ଯେ:-

"ହଜରତ ମିର୍ଜା ସାହେବ୍ ପ୍ରଥମେ ମହଲା କଶ୍ମିରୀୟାଁରେ ଉମ୍‌ରାଃ ନାମକ କଶ୍ମୀରିଙ୍କ ଘରେ ଭଡ଼ାରେ ରହୁଥିଲେ । ତାହା ଏହି (ଅଧମ) ପାପୀ ତଥା ଗରୀବର ଘରର ଅତି ନିକଟରେ ଅବସ୍ଥିତ ଥିଲା । କଚେରୀରୁ ଯେତେବେଳେ ସେ ଫେରୁଥିଲେ, ପବିତ୍ର କୁର୍‌ଆନ୍ ପାଠ କରିବାରେ ମଗ୍ନ ରହୁଥିଲେ । ବସିକି, ଛିଡ଼ା ହୋଇ ଏବଂ ପଦଚାରଣ କରି ତିଲାୱତ୍ (ପବିତ୍ର କୁର୍‌ଆନ୍‌ର ଆବୃତି) କରୁଥିଲେ ଓ ତତ୍‌ସହିତ ଧାର ଧାର (ଅଶ୍ରୁବୁହାଇ) କାନ୍ଦି ଚାଲୁଥିଲେ । ଏପରି ବିନମ୍ରତା ଓ ବ୍ୟାକୁଳତାର ସହିତ ତିଲାୱତ୍ କରୁଥିଲେ ଯେ ଏହାର କୌଣସି ଦୃଷ୍ଟାନ୍ତ ମିଳେ ନାହିଁ ।" *(ସିରତୁଲ୍ ମେହଦ୍ୀ, ଭାଗ-୧, ପୃ-୨୫୨)*

ସେହିଭଳି ହଜରତ ମୁନ୍‌ଶି ଜଫର୍ ଅହ୍‌ମଦ୍ ସାହେବ୍ କପୁରଥଲ୍‌ୱି ର:ଅଙ୍କର ଗୋଟିଏ ବୟାନ ଏପରି ଅଛି କି:-

"ମୁନ୍‌ଶି ଅବ୍‌ଦୁଲ୍ ୱାହିଦ୍ ସାହେବ୍ ଗୋଟିଏ ସମୟରେ ବଟାଲାର ତହସିଲ୍‌ଦାର୍ ଭାବରେ କାମ କରୁଥିଲେ । ମୁନ୍‌ଶି ଅବ୍‌ଦୁଲ୍ ୱାହିଦ୍ ସାହେବ ବଟାଲାରୁ ଅଧିକାଂଶ ସମୟ ହଜରତ ମସିହ୍ ମଉଦ୍ ଆ:ସଙ୍କ ପିତା ହଜରତ ମିର୍ଜା ଗୁଲାମ୍ ମୁର୍‌ତଜା ସାହେବଙ୍କୁ ସାକ୍ଷାତ କରିବା ପାଇଁ ଆସନ୍ତି । ସେ ବର୍ଣ୍ଣନା କରନ୍ତି ଯେ ସେତେବେଳେ ହଜରତ ସାହେବ୍ (ଅର୍ଥାତ ହଜରତ ମସିହ୍ ମଉଦ୍ ଆ:ସ)ଙ୍କ ବୟସ ଚଉଦ ପନ୍ଦର ବର୍ଷ ହୋଇଥିବ । ସେ କହୁଥିଲେ ଯେ ସେହି ବୟସରେ ହଜରତ ସାହେବ୍ ଦିନ ସାରା ପବିତ୍ର କୁର୍‌ଆନ୍ ପାଠ କରୁଥିଲେ ଏବଂ ହାଶିୟା (ଅର୍ଥାତ କୁର୍‌ଆନ୍ ପୃଷ୍ଠାଗୁଡ଼ିକ ତଳେ ଥିବା ଖାଲି ସ୍ଥାନ)ରେ ନୋଟ୍ ଲେଖୁଥିଲେ । ମିର୍ଜା ଗୁଲାମ୍ ମୁର୍ତଜା ସାହେବ୍ ହଜରତ ସାହେବଙ୍କ ସମ୍ବନ୍ଧରେ ଅଧିକାଂଶ ସମୟ ଏହା କହୁଥିଲେ, ମୋର ଏହି ପୁଅ କାହା ପ୍ରତି ଆଗ୍ରହୀ ନୁହେଁ । ଦିନ ତମାମ୍ ମସ୍‌ଜିଦ୍‌ରେ ରହୁଛି ଓ ପବିତ୍ର କୁର୍‌ଆନ୍ ପାଠ କରୁଅଛି । ମୁନ୍‌ଶି ଅବ୍‌ଦୁଲ୍ ୱାହିଦ୍ ସାହେବ୍ କାଦିଆନ୍ ଅନେକ ଥର ଆସୁଥିଲେ । ତାଙ୍କର ବିବୃତି ଥିଲା ଯେ ମୁଁ ହଜରତ ସାହେବଙ୍କୁ ସର୍ବଦା ପବିତ୍ର କୁର୍‌ଆନ୍ ପାଠ କରୁଥିବାର ଦେଖିଥାଏ ।" *(ସିରତୁଲ୍ ମେହେଦୀ, ଭାଗ-୪, ପୃ-୨୬, ରିୱାୟତ୍ ନଂ-୧୦୧୧)*

ମିଆଁ ଫଖ୍‌ରୁଦ୍ଦିନ୍ ସାହେବ୍ ମୁଲ୍‌ତାନିଙ୍କ ଏ ବିବୃତି (ବୟାନ୍) ରହିଛି ଯେ

"ଯେବେ ୧୯୦୭ ମସିହାରେ ହଜରତ ବିୱି ସାହିବା ଲାହୋର ଯାଇଥିଲେ, ତାଙ୍କ ପ୍ରତ୍ୟାବର୍ତ୍ତନର ଖବର ମିଳିବାରେ ହଜରତ ମସିହ୍ ମଉଦ୍ ଆ:ସ ତାଙ୍କୁ ଆଣିବା ପାଇଁ ବଟାଲା ପର୍ଯ୍ୟନ୍ତ ଗଲେ....... ହଜରତ ସାହେବ୍ ପାଲିଙ୍କିରେ ବସି ଯାତ୍ରା କଲେ, ଯେଉଁ (ପାଲିଙ୍କିକୁ) ଆଠ ଜଣ କହାର ପାଳି କରି ବହୁଥିଲେ । କାଦିଆନ୍‌ରୁ ବାହାରିବା ସମୟରେ ହଜରତ ସାହେବ୍ ପବିତ୍ର କୁର୍‌ଆନ୍ ଖୋଲି ନିଜ ସମ୍ମୁଖରେ ରଖିଦେଲେ ଓ ସୁରଃ ଫାତିହାର ତିଲାୱ୍‌ତ୍ ଆରମ୍ଭ କଲେ । ମୁଁ ବହୁତ ଧ୍ୟାନର ସହିତ ଦେଖୁଥିଲି ଯେ ବଟାଲା ପର୍ଯ୍ୟନ୍ତ ହଜରତ ସାହେବ୍ ସୁରଃ ଫାତିହା ହିଁ ପଢ଼ି ଚାଲିଲେ ଓ ଦ୍ୱିତୀୟ ପୃଷ୍ଠା ବି ଓଲଟାଇଲେ ନାହିଁ । ରାସ୍ତାରେ ଥରୁଟିଏ କେନାଲ ପାଖରେ ହଜରତ ସାହେବ୍ ଓହ୍ଲାଇ ପରିଶ୍ରା କଲେ ପୁଣି ଓ୍ୱଜୁ କରି ପାଲିଙ୍କିରେ ବସି ପଡ଼ିଲେ । ପୁଣି ତା'ପରେ ପୂନର୍ବାର ସେହିଭଳି ସୁରଃ ଫାତିହା ତିଲାୱ୍‌ତ୍ କରିବାରେ ମଗ୍ନ ହୋଇଗଲେ ।" *(ସିରତୁଲ୍ ମେହେଦୀ, ଭାଗ-୨, ପୃ-୩୯୫)*

ହଜରତ ମୁଫ୍‌ତି ମୁହମ୍ମଦ୍ ସାଦିକ୍ ସାହେବ୍ ର:ଅଙ୍କର ଗୋଟିଏ ବୟାନ ଏମିତି ଅଛି ଯେ

"ମୁଁ ହଜରତ ମସିହ୍ ମଉଦ୍ ଆ:ସଙ୍କୁ କେବଳ ଥରଟିଏ କାନ୍ଦିବାର ଦେଖିଛି । ତାହା ଏପରି ଥିଲା ଯେ ଏକଦା ଆପଣ ଆ:ସ ଖୁଦ୍ଦାମ୍‌ମାନଙ୍କ ସହିତ ପଦଚାରଣ (ଅର୍ଥାତ ବୁଲାବୁଲି) କରିବା ପାଇଁ ଯାଉଥିଲେ ଏବଂ ସେହି ଦିନମାନଙ୍କରେ ହାଜି ହବିବୁର୍ ରହ୍‌ମାନ୍ ସାହେବ୍ ହାଜିପୁରାଃ ନିବାସୀଙ୍କ ଜ୍ୱାଇଁ କାଦିଆନ୍ ଆସିଥିଲେ । କେହି ଜଣେ ହଜରତ ସାହେବଙ୍କୁ କହିଲେ ଯେ ହଜୁର ! ଇଏ ପବିତ୍ର କୁର୍‌ଆନ୍ ବହୁତ ବଢ଼ିଆ ପଢୁଛନ୍ତି । ହଜରତ ସାହେବ୍ ସେହିଠାରେ ହିଁ ରାସ୍ତାର ଗୋଟିଏ ପାର୍ଶ୍ୱରେ ବସିଗଲେ ଓ କହିଲେ ଯେ ପବିତ୍ର କୁର୍‌ଆନ୍‌ରୁ କିଛି ପାଠ କରି ଶୁଣାନ୍ତୁ । ଅତଏବ ସେ ପବିତ୍ର କୁର୍‌ଆନ୍ ପଢ଼ି ଶୁଣାଇଲେ । ମୁଁ ସେତେବେଳେ ଏହା ଦେଖୁଥିଲି ଯେ ଆପଣ ଆ:ସଙ୍କ ଲୋତକଯୁଗଳ ଅଶ୍ରୁରେ ଭରି ଛଳଛଳ ହୋଇ ଯାଇଥିଲା ।" *(ସିରତୁଲ୍ ମେହେଦୀ, ଭାଗ-୨, ପୃ-୩୯୩)*

ଏଠାରେ ଉଦାହରଣ ସ୍ୱରୁପ କିଛି କଥା ମୁଁ ଉପସ୍ଥାପନ କଲି ଯାହା ହଜରତ ମସିହ୍ ମଉଦ୍ ଆ:ସଙ୍କ କୁର୍‌ଆନ୍ ପ୍ରେମୀ ହେବାର ସାକ୍ଷୀ ଅଟନ୍ତି । ହଜରତ ମସିହ୍ ମଉଦ୍ ଆ:ସ ନା କେବଳ ସ୍ୱୟଂ ପବିତ୍ର କୁର୍‌ଆନ୍ ସହିତ ଅତ୍ୟନ୍ତ ପ୍ରେମ କରୁଥିଲେ ଓ ତାହାକୁ ପାଠ କରିବାରେ ଦିନରାତି ମଗ୍ନ ରହୁଥିଲେ ବରଂ ଅନ୍ୟମାନଙ୍କୁ ବି, ବିଶେଷ ରୂପେ ନିଜ ଅନୁଯାୟୀମାନଙ୍କୁ ପବିତ୍ର କୁର୍‌ଆନ୍‌କୁ ବହୁତ ଭଲ ପାଇବା ପାଇଁ ତଥା ବହୁଳ ଭାବରେ ତାହାର ଅଧ୍ୟୟନ କରିବା ନିମନ୍ତେ ଏବଂ ତାହାର ନିର୍ଦ୍ଦେଶପାଳନ କରିବା ପାଇଁ ଜୋର୍ ଦେଉଥିଲେ ଓ ଉତ୍ସାହିତ କରୁଥିଲେ ।

ହଜରତ ମସିହ୍ ମଉଦ୍ ଆ:ସ ପବିତ୍ର କୁର୍‌ଆନ୍‌ର ମହାନତା ତଥା ମହାନ ବିଶେଷତା ସମ୍ବନ୍ଧରେ ଚର୍ଚ୍ଚା କରି କହିଛନ୍ତି:-

"ମୁଁ ଯୁବକ ଥିଲି, ଏବେ ବୃଦ୍ଧାବସ୍ଥାରେ ପହଂଚିଲିଣି, ଯଦି ଲୋକମାନେ ଚାହିଁବେ ତା'ହେଲେ ସାକ୍ଷ୍ୟ ଦେଇ ପାରିବେ ଯେ ମୁଁ ସାଂସାରୀକ କାମରେ ଲିପ୍ତ ରହିନାହିଁ ବରଂ ଧର୍ମକର୍ମରେ ସର୍ବଦା ମୋର ଆଗ୍ରହ ରହିଆସିଛି । ମୁଁ ସେହି ବାଣୀକୁ, ଯାହାର ନାମ ହେଉଛି କୁର୍‌ଆନ୍, ଅତ୍ୟନ୍ତ ପବିତ୍ର ତଥା ଆଧ୍ୟାତ୍ମିକ ଜ୍ଞାନରେ ପରିପୂର୍ଣ୍ଣ ଥିବା ପାଇଲି । ନା ସେ କୌଣସି ମଣିଷକୁ ଈଶ୍ୱର ଭାବରେ ଅଭିହିତ କରିଥାଏ ଓ ନା ଆତ୍ମା ତଥା ଶରୀରକୁ ତାହାର ଜନ୍ମଠାରୁ ଅଲଗା ରଖି ତାହାର ନିନ୍ଦା କରିଥାଏ । ଯେଉଁ ସବୁ କଲ୍ୟାଣ ଦ୍ୱାରା ଧର୍ମ ଗ୍ରହଣୀୟ ହୋଇଥାଏ ତାହାକୁ ଏହି ବାଣୀ ମନୁଷ୍ୟର ହୃଦୟ ଭିତରେ ପ୍ରବେଶ କରାଇ ଥାଏ ଏବଂ ତାକୁ ଈଶ୍ୱରଙ୍କ କୃପାର ମାଲିକ ବନାଇଦିଏ । ଅତଏବ ଆମେ କାହିଁକି ଆଲୋକକୁ ପାଇବା ପରେ ପୁଣି ଅନ୍ଧାରକୁ ଆସିବା ଏବଂ ଆଖି ଥାଇ କାହିଁକି ଅନ୍ଧ ହେବା ।" *(ସନାତନ ଧର୍ମ, ରୁହାନୀ ଖଜାଇନ୍, ଖଣ୍ଡ-୧୯, ପୃ-୪୭୪)*

ଯେଉଁଠି ପବିତ୍ର କୁର୍‌ଆନ୍‌ର ଆଦର ଓ ସମ୍ମାନ କରିବା କଥା ଉଠୁଛି, ଏ ପ୍ରସଙ୍ଗରେ ତ ହଜରତ ମସିହ୍ ମଉଦ୍ ଆ:ସଙ୍କର ଅନ୍ୟ କେହି ସମସ୍କନ୍ଦ ନାହାନ୍ତି । ସେ ପବିତ୍ର କୁର୍‌ଆନ୍‌ର ଏତେମାତ୍ରାରେ ସମ୍ମାନ କରୁଥିଲେ ଯେ ଗୋଟିଏ କ୍ଷଣ ପାଇଁ ମଧ୍ୟ ପବିତ୍ର କୁର୍‌ଆନ୍‌ର ଅସମ୍ମାନକୁ ବରଦାସ୍ତ କରିପାରୁନଥିଲେ । ଏ ପ୍ରସଙ୍ଗରେ ଗୋଟିଏ ରିୱାୟତ୍ ଅଛି । ହଜରତ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ଏମ୍.ଏ ର:ଅ ବର୍ଣ୍ଣନା କରିଛନ୍ତି:-

"ହଜରତ ୱାଲିଦା ସାହିବା (ଅର୍ଥାତ ହଜରତ ଅମ୍ମାଜାନ୍:- ଅନୁବାଦକ) ମତେ କହିଲେ ଯେ ଥରେ ତୁମ ଭାଇ ମୁବାରକ୍ ଅହ୍‌ମଦ୍ ମର୍‌ହୁମ୍ ଦ୍ୱାରା ପିଲାଦିନର ପିଲାଳିଆମି ଯୋଗୁଁ ପବିତ୍ର କୁର୍‌ଆନ୍‌ର କିଛିଟା ଅସମ୍ମାନ ହୋଇଗଲା । ଏଥିରେ ହଜରତ ମସିହ୍ ମଉଦ୍ ଆ:ସଙ୍କୁ ଏତେମାତ୍ରାରେ କ୍ରୋଧ ଆସିଲା ଯେ ତାଙ୍କର ଚେହେରା ଲାଲ୍ ହୋଇଗଲା ଏବଂ ସେ ବହୁତ ରାଗରେ ମୁବାରକ୍ ଅହ୍‌ମଦ୍ ର କାନ୍ଧକୁ ଗୋଟିଏ ଶକ୍ତ ଚାପୁଡ଼ା ମାରିଦେଲେ ଯଦ୍ୱାରା ତା ସୂକ୍ଷ୍ମ ଶରୀର ଉପରେ ତାଙ୍କ ଆଙ୍ଗୁଳିର ଚିହ୍ନ ଛାପି ହୋଇଗଲା । ପୁଣି ସେ ବହୁତ କ୍ରୋଧିତ ଅବସ୍ଥାରେ କହିଲେ ଯେ ବର୍ତ୍ତମାନ ଆକୁ ମୋ ସାମନାରୁ ନେଇଯାଅ । *(ହଜରତ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ର:ଅ ବର୍ଣ୍ଣନା କରୁଛନ୍ତି)* ଯେ ମୋବାରକ୍ ଅହ୍‌ମଦ୍ ମର୍‌ହୁମ୍ (ମୃତ) ଆମ ସମସ୍ତ ଭାଇମାନଙ୍କ ମଧ୍ୟରେ ବୟସରେ ସାନ ଥିଲେ ଓ ହଜରତ ସାହେବଙ୍କ ଜୀବଦଶାରେ ହିଁ ମୃତ୍ୟୁବରଣ କରିଥିଲେ । ହଜରତ ସାହେବ୍ ତାକୁ ବହୁତ ଭଲ ପାଉଥିଲେ । ଅତଃ ତା ମୃତ୍ୟୁ ପରେ ଯେଉଁ କବିତା ସେ ତାଙ୍କ କତ୍‌ବା ଉପରେ ଲେଖିଦେବା ପାଇଁ ଆଦେଶ ଦେଇଥିଲେ ତା'ର ଗୋଟିଏ ପଦ ଥିଲା ଏପରି:-

ଜିଗର୍ କା ଟୁକ୍‌ଡ଼ା ମୁବରକ୍ ଅହ୍‌ମଦ୍ ଯୋ ପାକ୍ ଶକଲ୍ ଅଓର୍ ପାକ୍ ଖୁ ଥା
ୱହ୍ ଆଜ୍ ହମ୍ ସେ ଜୁଦା ହୁଆ ହୈ ହମାରେ ଦିଲ୍ କୋ ହର୍ଜିଁ ବନା କର୍ ।

ମୁବାରକ୍ ଅହ୍‌ମଦ୍ ବହୁତ ପୂଣ୍ୟ ସ୍ୱଭାବର ପିଲା ଥିଲା । ମୃତ୍ୟୁ ସମୟରେ ତା ବୟସ କିଛି ଉଣା ଅଧିକ ଆଠ ବର୍ଷ ଥିଲା । କିନ୍ତୁ ହଜରତ ସାହେବ ପବିତ୍ର କୁର୍‌ଆନ୍‌ର ଅସମ୍ମାନ ହେବା ଦେଖି ତା ଉପରେ ଶାସନ କରିବାକୁ ଜରୁରୀ ମଣିଥିଲେ" *(ସିରତୁଲ୍ ମେହେଦୀ, ଭାଗ-୨, ପୃ-୩୦୧-୩୦୨)*

ଅତଏବ୍ ଏଠାରେ ଏପରି କିଛି ଘଟଣାବଳୀ ଉପସ୍ଥାପନ କରାଗଲା ଯେଉଁଥିରୁ ହଜରତ ମସିହ୍ ମଉଦ୍ ଆ:ସଙ୍କର ପବିତ୍ର କୁର୍‌ଆନ୍ ପ୍ରତି ଥିବା ପ୍ରେମ, ତାହାକୁ ଅଧ୍ୟୟନ କରିବାର ପ୍ରବଳ ଇଚ୍ଛା, ପବିତ୍ର କୁର୍‌ଆନ୍‌ର ଆଦର ସମ୍ମାନ ତଥା ତାହା ପ୍ରତି ଥିବା ସ୍ୱାଭିମାନ ଯାହା ତାଙ୍କ ହୃଦୟ ଭିତରେ ଭରି ରହିଥିଲା, ତାହାର ଅନୁମାନ ଲଗାଯାଇପାରେ ।

ହଜରତ ମସିହ୍ ମଉଦ୍ ଆ:ସ ନିଜ ଜମାତ୍‌ର ଲୋକମାନଙ୍କୁ ଉପଦେଶ ଦେଇ କହିଛନ୍ତି:-

"ତୁମ ସକାଶେ ଏହି ଶିକ୍ଷା ଅପରିହାର୍ଯ୍ୟ ଯେ ପବିତ୍ର କୁର୍‌ଆନ୍‌କୁ ପରିତ୍ୟକ୍ତ ବସ୍ତୁ ପରି ଛାଡ଼ି ଦିଅନାହିଁ । କାରଣ ସେଥିରେ ଜୀବନ ନିହିତ ଅଛି । ଯେଉଁ ଲୋକମାନେ କୁର୍‌ଆନ୍‌କୁ ସମ୍ମାନ ଦେବେ, ସେମାନଙ୍କୁ ସ୍ୱର୍ଗୀୟ ସମ୍ମାନ ମିଳିବ । ଯେଉଁମାନେ ପ୍ରତ୍ୟେକ ହଦିସ୍ ଓ ପ୍ରତ୍ୟେକ ବାଣୀ ଉପରେ କୁର୍‌ଆନ୍‌କୁ ପ୍ରାଥମିକତା ଦେବେ, ସେମାନଙ୍କୁ ସ୍ୱର୍ଗରେ ପ୍ରାଥମିକତା ପ୍ରଦାନ କରାଯିବ । ସମସ୍ତ ମାନବଜାତି ସକାଶେ ସମ୍ପୁର୍ଣ୍ଣ ଭୂପୃଷ୍ଠ ଉପରେ ଏବେ କୌଣସି ପୁସ୍ତକ ନାହିଁ, ମାତ୍ର କେବଳ କୁର୍‌ଆନ୍ ଏବଂ ଅନ୍ୟ କେହି ବାର୍ତ୍ତାବହ ଓ ସୁପାରିଶକର୍ତ୍ତା ନାହାନ୍ତି, କିନ୍ତୁ ମୁହମ୍ମଦ ମୁସ୍ତଫା ସ:ଆ:ସ । ସୁତରାଂ ତୁମେ ପ୍ରୟାସ କର ଯେ ନିଷ୍ପାପର ପ୍ରେମ କେବଳ ଏହି ପ୍ରଭୁତ୍ୱଶାଳୀ ନବୀଙ୍କ ସହିତ ସ୍ଥାପନ ହେଉ । ତାଙ୍କ ଉପରେ ଅନ୍ୟ କାହାକୁ କୌଣସି ପ୍ରକାରେ ବି ଶ୍ରେଷ୍ଠତା ଦିଅନାହିଁ । ଯଦ୍ୱାରା ସ୍ୱର୍ଗରେ ତୁମ ନାମ ମୁକ୍ତି ପ୍ରାପ୍ତ ବ୍ୟକ୍ତିଙ୍କ ମଧ୍ୟରେ ଲେଖାଯିବ ।" *(କଶ୍‌ତି ନୁହ୍, ରୁହାନୀ ଖଜାଇନ୍, ଖଣ୍ଡ-୧୯, ପୃ-୧୩)*

ସୟଦନା ହଜରତ ମସିହ୍ ମଉଦ୍ ଆ:ସଙ୍କ ଏହି ଉପଦେଶର ଆଲୋକରେ ହଜରତ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ (ପଂଚମ) ଅ:ବ:ଅ କୁହନ୍ତି:-

"ଅତଏବ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ଆତ୍ମ ସମୀକ୍ଷା କରିବା ଉଚିତ ଯେ ସେ ପବିତ୍ର କୁର୍‌ଆନ୍‌କୁ କେତେ ଭଲ ପାଉଛି, ତାହାର ଆଦେଶାବଳୀଗୁଡ଼ିକୁ କେତେମାତ୍ରାରେ ପାଳନ କରୁଅଛି ତଥା ତାହା ଉପରେ କେତେ ମାତ୍ରାରେ ପରିଚାଳିତ ହେବାପାଇଁ ଚେଷ୍ଟା କରୁଅଛି । ପ୍ରେମ ଅଭିବ୍ୟକ୍ତ କରିବାର ମଧ୍ୟ ଅନେକ ଉପାୟ ରହିଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହା, ଯାହାକୁ ପ୍ରତ୍ୟେକ ଅହେମଦୀ ନିଜର ଧାର୍ଯ୍ୟ କର୍ତ୍ତବ୍ୟ ଭାବରେ ଜାଣି ରଖିବା ଉଚିତ । ତାହା ହେଉଛି ନିୟମିତ ଅତି କମ୍‌ରେ ଦୁଇ ତିନି ରୁକୁ ନିଶ୍ଚିତ ରୂପେ ତିଲାୱ୍‌ତ କରନ୍ତୁ । ପୁଣି ତା'ପର ପଦକ୍ଷେପ ହେଉଛି ଏହା କି ସେ ତାହାର ଅନୁବାଦକୁ ପଢୁ । ପ୍ରତ୍ୟେକ ଦିନ ତିଲାୱ୍‌ତ୍ କରିବା ସହିତ ଅନୁବାଦ ପାଠ କରିବା ଦ୍ୱାରା ଧିରେ ଧିରେ ଏହି ସୁନ୍ଦର ଶିକ୍ଷା ଅଜ୍ଞାତ ଉପାୟରେ ମନ ଭିତରେ ପ୍ରବେଶ କରିବା ଆରମ୍ଭ ହୋଇଯାଏ ।" *(ଶରାୟତେ ବୟତ୍ ଅଓର୍ ଅହେମଦୀ କି ଜିମ୍ମାଦାରିୟାଁ, ପୃ-୧୨-୧୩)*

ଅଲ୍ଲାଃଙ୍କ ନିକଟରେ ଏ ପ୍ରାର୍ଥନା ଯେ ସେ ଆମ ସମସ୍ତଙ୍କୁ ପବିତ୍ର କୁର୍‌ଆନ୍ ସହିତ ବହୁତ ପ୍ରେମ ଓ ଭଲ ପାଇବା ପାଇଁ ଦିନରାତି ତାହାର ଆବୃତି କରିବା ପାଇଁ ତଥା ତାହାର ଆଦେଶାବଳୀଗୁଡ଼ିକ ଉପରେ ପରିଚାଳିତ ହେବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆମିନ୍ । ।

ତକ୍‌ରିର୍ ଜଲ୍‌ସା ସାଲାନା କାଦିଆନ୍ ୨୦୨୧

# ହଜରତ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତା

## (ଜମାତ୍ ଅହେମଦୀୟାର ଉନ୍ନତି ହଜରତ ମସିହ୍ ମଉଦ୍ ଆ:ସଙ୍କ ଭବିଷ୍ୟବାଣୀର ଆଲୋକରେ)

(ମୁନୀର୍ ଅହ୍‌ମଦ୍ ଖାଦିମ୍, ଏଡ଼ିଶନଲ୍ ନାଜିର୍ ଇସ୍‌ଲାହ୍ ୱ ଇର୍‌ଶାଦ୍ ଜୁନୁବି-ହିନ୍ଦ)

ସମ୍ମାନୀୟ ସଭାପତି ମହୋଦୟ! ଆଜି ମୋ ବକ୍ତବ୍ୟର ବିଷୟବସ୍ତୁ ହେଉଛି "ଜମାତ୍ ଅହେମଦୀୟାର ଉନ୍ନତି, ହଜରତ ମସିହ୍ ମଉଦ୍ ଆ:ସଙ୍କ ଭବିଷ୍ୟବାଣୀ ଗୁଡ଼ିକର ଆଲୋକରେ"

ଏହା ଈଶ୍ୱରଙ୍କର ପରମ୍ପରା ଯେ ଯେତେବେଳେ ବି ଅଲ୍ଲାଃ ତାଲା ନିଜର କୌଣସି ଦୂତ ତଥା ରସୁଲ୍‌ଙ୍କୁ ପ୍ରେରଣ କରିଥାଏ, ସେତେବେଳେ ତାଙ୍କର ଅବସ୍ଥା ଅତ୍ୟନ୍ତ ଦୁର୍ବଳ ଏବଂ ଦୟନୀୟ ହୋଇଥାଏ । ସେ ଓ ତାଙ୍କୁ ମାନିଥିବା ଲୋକମାନେ ନିଜ ଆଧ୍ୟାତ୍ମିକ ଯାତ୍ରାର ଶୁଭାରମ୍ଭ ଅତି ଅତ୍ୟାଚାରିତ ଓ ପ୍ରପୀଡ଼ୀତ ଅବସ୍ଥାରେ କରିଥାନ୍ତି । ସଂସାର ସେମାନଙ୍କୁ ଘୃଣା କରିଥାଏ, ହଇରାଣ ହରକତ କରିଥାଏ ତଥା ଏ ଦୁନିଆରେ ସେମାନଙ୍କ ଜୀବନକୁ ଦୟନୀୟ କରିଦେଇଥାଏ । ଚାରିଆଡୁ ସେମାନଙ୍କ ଉପରେ ଅତ୍ୟାଚାରର ବର୍ଷା ବର୍ଷଣ ହୋଇଥାଏ । ସେମାନଙ୍କୁ ଥଟ୍ଟା ପରିହାସ କରାଯାଇଥାଏ ଏବଂ ସେମାନଙ୍କୁ ଅପମାନିତ କରାଯାଇଥାଏ । କିନ୍ତୁ ସେ କେବଳ ନିଜ ପ୍ରେରକଙ୍କ ନାମକୁ ଉଚ୍ଚ କରିବା ପାଇଁ, ତାହାଙ୍କ ସାହାରାରେ ନିଜର ମିଶନ୍‌କୁ ଆଗକୁ ବଢ଼ାଇଚାଲିଥାଏ । ଅଲ୍ଲାଃ ତା ହାତକୁ ଧରି ପକାନ୍ତି, ତାକୁ ଓ ତା ଅନୁଯାୟୀମାନଙ୍କୁ ଉତ୍ସାହିତ କରିଥାଏ ଏବଂ ତା ସତ୍ୟତାର ସଙ୍କେତ ସ୍ୱରୁପ ଅଲ୍ଲାଃ କହିଛନ୍ତି ଯେ ବ୍ୟସ୍ତ ହୁଅନାହିଁ:- ଇନ୍‌ଲ୍ ଲଜିନା ୟୁହାଦ୍‌ଦୁନଲ୍ଲାହା ୱ ରସୁଲହୁ ଉଲାଇକା ଫିଲ୍ ଅଜଲ୍ଲିନ୍ । କତବଲ୍ଲାହୁ ଲଅଗ୍‌ଲିବନ୍ନା ଅନା ୱ ରୁସୁଲି । ଇନ୍ନଲ୍ଲାହା କୱିୟୁନ୍ ଅଜିଜ୍ (ଅଲ୍‌ମୁଜାଦଲାଃ:୨୧-୨୨) ଅର୍ଥାତ- ବାସ୍ତବରେ ଯେଉଁମାନେ ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କ ବିରୁଦ୍ଧାଚରଣ କରନ୍ତି ସେମାନେ ଅତି ଲାଞ୍ଛିତ ବ୍ୟକ୍ତିମାନଙ୍କ ମଧ୍ୟରେ ଗଣ୍ୟ ହେବେ । ଅଲ୍ଲାଃ ନିଷ୍ପତି କରିସାରିଛନ୍ତି, "ଆମ୍ଭେ ଓ ଆମ୍ଭର ରସୁଲ୍ ବିଜୟୀ ହେବୁ," ଏବଂ ଅଲ୍ଲାଃ ବାସ୍ତବରେ ବଳୀୟାନ୍ (ଓ) ପରାକ୍ରମୀ ।

ସେହିପରି ଅଲ୍ଲାଃ ତାଲା ନିଜ ଦୂତମାନଙ୍କୁ ସାନ୍ତ୍ୱନା ଦେଇ କହିଛନ୍ତି:- ୱଲକଦ୍ ସବକତ୍ କଲିମତୁନା ଲିଇବାଦିନଲ୍ ମୁର୍‌ସଲିନା ଇନ୍ନହୁମ୍ ଲହୁମୁଲ୍ ମନ୍‌ସୁରୁନା ୱ ଇନ୍ନା ଜୁନଦନା ଲହୁମୁଲ୍ ଗାଲିବୁନା (ସୁରଃ ଅସ୍‌ସାଫାତ୍-୧୭୨-୧୭୪) ଅର୍ଥାତ:- ଏବଂ ଆମ୍ଭର ଭକ୍ତ ଅର୍ଥାତ ଆମ୍ଭର ରସୁଲ୍‌ମାନଙ୍କ ସକାଶେ ଆମ୍ଭର ନିଷ୍ପତି ପ୍ରଥମରୁ କରି ଦିଆଯାଇଛି, (ତା'ହେଉଛି) ଯେ ସେମାନଙ୍କୁ ସାହାଯ୍ୟ କରାଯିବ ଏବଂ ଆମ୍ଭର ସୈନ୍ୟବାହିନୀ (ଅର୍ଥାତ ବିଶ୍ୱାସକାରୀଙ୍କ ଗୋଷ୍ଠୀ) ହିଁ ବିଜୟ ଲାଭ କରିବ ।

ଅତଏବ ସମସ୍ତ ଅବତାରମାନେ ଅତ୍ୟନ୍ତ ଦୁର୍ବଳ ଅବସ୍ଥାରେ ପ୍ରେରିତ ହୋଇଥାନ୍ତି । ପୁଣି ସେହି ଦୁର୍ବଳମାନଙ୍କ ସତ୍ୟତାର ଲକ୍ଷଣ/ସଙ୍କେତ ଏହା ହୋଇଥାଏ ଯେ ସେମାନେ ସବୁ ପ୍ରକାରର ଅତ୍ୟାଚାରକୁ ସହିଥାନ୍ତି ଓ ଧୈର୍ଯ୍ୟ ହରାନ୍ତି ନାହିଁ । ପ୍ରତ୍ୟେକ ନବିଙ୍କୁ ଅଲ୍ଲାଃ ତାଲା ଏହି ଆଦେଶ ଦେଇଛନ୍ତି ଯେ ୱସ୍‌ତଇନୁ ବିସ୍ ସବ୍‌ରି ୱସ୍‌ସଲାତି ୱ ଇନ୍ନହା ଲକବିରତୁନ୍ ଇଲ୍ଲା ଅଲଲ୍ ଖାଶିଇନା (ଅଲ୍‌ବକ୍‌ରାଃ:୪୬) ଅର୍ଥାତ:- ଏବଂ ଧୈର୍ଯ୍ୟ ଓ ପ୍ରାର୍ଥନା ମାଧ୍ୟମରେ (ଅଲ୍ଲାଃଙ୍କର) ସାହାଯ୍ୟ ଭିକ୍ଷା କର; ବିଜୟୀମାନଙ୍କ ବ୍ୟତୀତ (ଅନ୍ୟମାନଙ୍କ ପକ୍ଷରେ) ଏହା ବାସ୍ତବିକ କଠିନ (କାର୍ଯ୍ୟ) ଅଟେ । ଅର୍ଥାତ:- ଶତ୍ରୁମାନଙ୍କ ଅତ୍ୟାଚାର ମୁକାବିଲା କରିବା ପାଇଁ ଅଲ୍ଲାଃଙ୍କ ନିକଟରେ ଧୈର୍ଯ୍ୟ ତଥା ପ୍ରାର୍ଥନା ପ୍ରଦର୍ଶନ କରି ସାହାଯ୍ୟ ମାଗ ।

ପୁଣି ଅଲ୍ଲାଃ ତାଲା ଏ ପ୍ରାର୍ଥନା ଶିଖାଇଛନ୍ତି:- ରବ୍‌ବନା ଅଫ୍‌ରିଗ୍ ଆଲୈନା ସବ୍‌ରନ୍ ୱ ସବ୍‌ବିତ୍ ଅକ୍‌ଦାମନା ୱନ୍‌ସୁର୍‌ନା ଅଲଲ୍ କୌମିଲ୍ କାଫିରିନ୍ (ଅଲ୍‌ବକ୍‌ରାଃ:୨୫୧) ଅର୍ଥାତ:- ହେ ଆମମାନଙ୍କ ପାଳନକର୍ତା! ଆମମାନଙ୍କୁ ସହିବାର ଶକ୍ତି ଦିଅ (ଓ ରଣକ୍ଷେତ୍ରରେ) ଆମମାନଙ୍କ ପାଦକୁ ସୁଦୃଢ଼ କର ଓ ସେହି ଅବିଶ୍ୱାସକାରୀଙ୍କ ବିରୁଦ୍ଧରେ ଆମମାନଙ୍କୁ ସାହାଯ୍ୟ କର ।

ଅତଏବ୍ ଆଁ ହଜରତ ସ:ଆ:ସଙ୍କ ପୂର୍ବରୁ ମଧ୍ୟ ହଜ୍‌ରତ୍ ଆଦମ୍ ଆ:ସଙ୍କଠାରୁ ନେଇ ଆପଣ ସ:ଆ:ସଙ୍କ ପର୍ଯ୍ୟନ୍ତ ଈଶ୍ୱରଙ୍କ ସେହି ପରମ୍ପରା ଜାରି ରହି ଆସିଛି । ପୁଣି ଇସ୍‌ଲାମ୍‌ର ଇତିହାସ ଏ କଥାର ସାକ୍ଷୀ ରହିଛି ଯେ କିପରି ଆଁ ହଜରତ ସ:ଆ:ସ ଓ ତାଙ୍କ ସାହାବାମାନେ ଅତ୍ୟନ୍ତ ଅତ୍ୟାଚାରର ସମୟ ଦେଇ ଗତି କରିଥିଲେ । ସେମାନଙ୍କୁ ହତ୍ୟା କରାଗଲା, ଘୋଷରା ଗଲା, ବାଇକାଟ୍ କରାଗଲା, ସମାଜର ସାମାଜିକ ଅଧିକାରରୁ ବଂଚିତ କରିଦିଆଗଲା । ସେମାନଙ୍କୁ ନିଜ ଘରୁ ବାହାର କରିଦିଆଗଲା, ମାରି ଦେବା ପାଇଁ ଧମକ ଦିଆଗଲା । ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଶହୀଦ୍ କରିଦିଆଗଲା । ଏହି ଶହୀଦ୍ ହେବାର ଧାରା ଅନବରତ ଅନେକ ବର୍ଷ ପର୍ଯ୍ୟନ୍ତ ଜାରି ରହିଲା । କିନ୍ତୁ ମୁସଲମାନମାନେ ଏହା ସବୁ ସହି ଚାଲିଲେ, ଧୈର୍ଯ୍ୟ ଓ ପ୍ରାର୍ଥନା ଦ୍ୱାରା ଅଲ୍ଲାଃଙ୍କଠାରୁ ସାହାଯ୍ୟ ମାଗିଚାଲିଲେ । ପୁଣି ସେହି ଅତ୍ୟାଚାରିତ (ଅର୍ଥାତ ପ୍ରପୀଡ଼ୀତ ମୁସଲମାନ)ମାନଙ୍କ ଅବସ୍ଥା/ଗୌରବ ଏପରି ହେଲା ଯେ ଅତ୍ୟାଚାରର ଚକିରେ ପେଶି ହୋଇ ତଥା ଅତ୍ୟାଚାରକୁ ସହ୍ୟ କରିବା ଫଳରେ ଯେବେ ଅଲ୍ଲାଃ ସେମାନଙ୍କୁ ବିଜୟ ପ୍ରଦାନ କଲେ, ସେତେବେଳେ ସେମାନେ ନିଜ ଶତ୍ରୁମାନଙ୍କୁ କ୍ଷମା କରିଦେଲେ । ଅତଃ ଏହା ହିଁ ସେମାନଙ୍କ ସତ୍ୟତାର ବହୁତ ବଡ଼ ଚିହ୍ନ / ସଙ୍କେତ / ନିଦର୍ଶନ ।

ପ୍ରିୟ ଶ୍ରୋତାଗଣ! ଏହି ଈଶ୍ୱରୀୟ ପରମ୍ପରା ଆଁ ହଜରତ ସ:ଆ:ସଙ୍କ ସଚ୍ଚା ଗୁଲାମ୍ (ଦାସ) ଓ ଏ ଯୁଗରେ ମସିହ୍ ହଜରତ ମିର୍ଜା ଗୁଲାମ୍ ଅହ୍‌ମଦ୍ କାଦିୟାନୀ ଆ:ସଙ୍କ ପବିତ୍ର ଯୁଗରେ ମଧ୍ୟ ଜାରି ହେଲା । ଆପଣ ଆ:ସଙ୍କ ଏହି ପବିତ୍ର ଯୁଗ ସମ୍ବନ୍ଧରେ ଆଁ ହଜରତ ସ:ଆ:ସ ଏ ଭବିଷ୍ୟବାଣୀ କରିଥିଲେ ଯେ ଆପଣ ଆ:ସଙ୍କ ଯୁଗର ପ୍ରାରମ୍ଭ ମଧ୍ୟ ଅତ୍ୟାଚାରରୁ ହିଁ ହେବ ଏବଂ ଇମାମ୍ ମେହଦୀ ଏବଂ ମସିହ୍ ମଉଦ୍‌ଙ୍କ ସହିତ ତାଙ୍କ ସମୟର ଅଭାଗା ବିରୋଧିମାନେ ସେହିପରି ବ୍ୟବହାର କରିବେ ଯେଉଁପରି ବ୍ୟବହାର ଆଁ ହଜରତ ସ:ଆ:ସଙ୍କ ସାହାବାମାନଙ୍କ ସହିତ ତାଙ୍କ ଯୁଗର ଅଭାଗା ବିରୋଧିମାନେ କରିଥିଲେ । ଏ ସମ୍ବନ୍ଧରେ ସରୱରେ କାଏନାତ୍ ଫଖ୍‌ରେ ମୌଜୁଦାତ୍ ହଜରତ ମୁହମ୍ମଦ ସ:ଆ:ସ ଏହା କହିଥିଲେ ଯେ ବନି ଇସ୍‌ରାଇଲ୍ ୭୨ ଫିର୍କା (ଗୋଷ୍ଠୀ)ରେ ବିଭକ୍ତ ହୋଇଥିଲେ କିନ୍ତୁ ମୋ ସମ୍ପ୍ରଦାୟ ୭୩ ଫିର୍କାରେ ବିଭକ୍ତ ହୋଇଯିବେ । ସେମାନଙ୍କ ମଧ୍ୟରୁ ଗୋଟିଏ ଫିର୍କାକୁ ବାଦ ଦେଇ ବାକି ସମସ୍ତେ ନର୍କରେ ପଡ଼ିବେ । ଏଥିରେ ଲୋକମାନେ ପଚାରିଲେ: ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ! ସେହି ଫିର୍କାର ଲକ୍ଷଣ / ଚିହ୍ନ / ସଙ୍କେତ କ'ଣ ହେବ? ଆଁ ହଜରତ ସ:ଆ:ସ କହିଲେ:- ତାର (ଅର୍ଥାତ ସେହି ଫିର୍କାର- ଅନୁବାଦକ) ଲକ୍ଷଣ ଏହା ହେବ ଯେ, ତାର ଅବସ୍ଥା ସେହିଭଳି ହେବ ଯେଉଁଭଳି ପ୍ରାରମ୍ଭିକ ଅବସ୍ଥାରେ ମୋର ଓ ମୋ ସାହାବାମାନଙ୍କର ଅବସ୍ଥା ହୋଇଥିଲା । ମୋତେ ଓ ମୋ ସାହାବାମାନଙ୍କର ବିରୋଧ କରାଯାଇଥିଲା । ସେହିପରି ଆସିବାକୁ ଥିବା ମସିହ୍ ମଉଦ୍ ଓ ତାଙ୍କ ସାହାବାମାନଙ୍କୁ ବିରୋଧ କରାଯିବ । ଅତଏବ ଜଣେ ପ୍ରଶିଦ୍ଧ ସୁଫି ସନ୍ଥ ହଜରତ ମୁହିଉଦ୍ଦିନ୍ ଇବ୍‌ନେ ଆରବୀ ରହେମହୁଲ୍ଲାହା ତାଲା ଲେଖିଛନ୍ତି ଯେ ଇଜା ଖରଜା ହାଜଲ୍ ଇମାମୁଲ୍ ମେହ୍‌ଦୀ ଲମ୍ ୟକୁଲ ଲହୁ ଆଦାଆଇଲ୍ଲଲ୍ ଫୋକ୍‌ହାଆ ଖାସାଃ ଅର୍ଥାତ:- ଯେତେବେଳେ ଇମାମ୍ ମେହ୍‌ଦୀ ଆ:ସ ପ୍ରକାଶ ହେବେ, ସେତେବେଳେ ତାଙ୍କ ଯୁଗରେ ଫୋକ୍‌ହାଆ (ଅର୍ଥାତ ଧର୍ମ ସମ୍ପର୍କୀୟ ଆଇନ୍ କାନୁନ୍‌ରେ ପ୍ରବୀଣ ଜ୍ଞାନୀମାନେ- ଅନୁବାଦକ) ସେମାନଙ୍କର ପକ୍କା ଶତ୍ରୁ ହୋଇଯିବେ । ଅତଏବ ହଜରତ ମସିହ୍ ମଉଦ୍ ଆ:ସଙ୍କ ପ୍ରାରମ୍ଭିକ ଯୁଗରେ ତାଙ୍କ ନିକଟ ସମ୍ପର୍କୀୟ ବନ୍ଧୁବାନ୍ଧବଙ୍କଠାରୁ ନେଇ ସେ ଇଲାକାର ଲୋକମାନେ ଏବଂ ବିଶେଷ ଭାବରେ ମୌଲବୀମାନେ ତାଙ୍କର ଭିଷଣ ବିରୋଧ କଲେ, ଯେମିତି କି ଉପର ବର୍ଣ୍ଣିତ ସେହି ପେଶ୍‌ଗୋଇ (ଭବିଷ୍ୟବାଣୀ) କରାଯାଇଥିଲା ।

ହଜରତ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ନିକଟ ସମ୍ପର୍କୀୟମାନଙ୍କ ମଧ୍ୟରେ ତାଙ୍କ ଚାଚା ପୁଅ ଭାଇ ମିର୍ଜା ନିଜାମୁଦ୍ଦିନ୍ ଏବଂ ମିର୍ଜା ଇମାମୁଦ୍ଦିନ୍ ତାଙ୍କର ଭିଷଣ ବିରୋଧି ଥିଲେ ଓ ସେମାନେ ଏହା କହୁଥିଲେ ଯେ ହଜରତ ମସିହ୍ ମଉଦ୍ ଆ:ସ ନଉଜୁବିଲ୍ଲାଃ ଦୋକାନ୍‌ଦାରୀ ଚଲାଇଛନ୍ତି । ବେଳେବେଳେ ସେମାନେ କୌଣସି ଲୋକଙ୍କୁ ଏହି କାମରେ ଲଗାଇ ଦେଉଥିଲେ, ଯିଏ ରାତିସାରା ଆପଣ ଆ:ସଙ୍କ ଘର ଆଡ଼କୁ ମୁହଁ କରି ଗାଳି ଗୁଲଜ କରୁଥିଲା । ଏକଦା ସେହିପରି ଜଣେ ବ୍ୟକ୍ତିଙ୍କ ନିମନ୍ତେ ହଜରତ ମସିହ୍ ମଉଦ୍ ଆ:ସ ଏହା କହିଲେ ଯେ ସେ ରାତି ସାରା ଗାଳି ଗୁଲଜ କରୁଥିଲା, ତେଣୁ ସେ ଥକି ଯାଇଥିବ, ତା' ପାଇଁ ଖାଇବା ନିମନ୍ତେ କିଛି

ଖଜୁରୀ ଦେଇ ଦିଅ । ସୁବ୍‌ହାନଲ୍ଲାଃ ! ନିଜ ମୁନୀବ ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଦାସତ୍ୱରେ ହଜରତ ମସିହ୍ ମଉଦ୍ ଆ:ସଙ୍କର ଏହା କେଡ଼େ ମହାନ୍ ଚରିତ୍ର ଥିଲା । କାଦିଆନ୍‌ରେ ତାଙ୍କ ନିକଟ ସମ୍ପର୍କୀୟମାନଙ୍କ ବ୍ୟତୀତ ଗୈର୍ ଅହେମଦୀ (ଅଣ ଅହେମଦୀ) ଏବଂ ଅଣ ମୁସଲମାନ ଲୋକମାନେ ବି ତାଙ୍କର ଭିଷଣ ବିରୋଧ ଓ ଭିଷଣ ଶତୃତା କରୁଥିଲେ । ଥରେ ହଜରତ ଅହ୍‌ମଦ୍ ନୂର୍ କାବ୍‌ଲି ସାହେବ୍ କହିଲେ ଯେ ହଜୁର ? ଶତୃମାନେ ଆମକୁ ବହୁତ ହଇରାଣ ହରକତ୍ କରୁଛନ୍ତି, ଗାଳି ଗୁଲଜ କରୁଛନ୍ତି, ତେଣୁ ଆମକୁ ମଧ୍ୟ ଆପଣ ଏହାର ମୁକାବିଲା କରିବାକୁ ଅନୁମତି ଦିଅନ୍ତୁ । ହଜୁର ଆ:ସ କହିଲେ: ନା ଧୈର୍ଯ୍ୟଧର ଓ ଅଧୈର୍ଯ୍ୟ ହୁଅନାହିଁ । ଯଦି ଧୈର୍ଯ୍ୟ ଧରିପାରୁନାହଁ ତା'ହେଲେ, କାବୁଲ୍ ଚାଲିଯାଅ । ହଜରତ ମସିହ୍ ମଉଦ୍ ଆ:ସଙ୍କ ନିଜ ରାସ୍ତା ଉପରେ କାନ୍ଥ ଉଠାଇ ରାସ୍ତାକୁ ବନ୍ଦ କରି ଦିଆଗଲା ଯଦ୍ୱାରା ହଜରତ ମସିହ୍ ମଉଦ୍ ଆ:ସଙ୍କୁ ଏବଂ ତାଙ୍କ ସାହାବାମାନଙ୍କୁ ଭିଷଣ କଷ୍ଟ ଉଠାଇବାକୁ ପଡ଼ିଲା । ମୋକଦ୍ଦମାରେ ହଜୁର ଆ:ସଙ୍କ ସପକ୍ଷରେ ନିଷ୍ପତି ହେଲା । ହଜୁର ଆ:ସଙ୍କୁ ଏ ଅକ୍ତିଆର୍ ଦିଆଗଲା ଯେ, ସେ ସେମାନଙ୍କଠାରୁ ଜୋରିମାନା ଅସୁଲ୍ କରିପାରିବେ କିନ୍ତୁ ହଜୁର ଆ:ସ ସେମାନଙ୍କୁ କ୍ଷମା କରିଦେଲେ । ଏହା ଥିଲା ନିକଟ ସମ୍ପର୍କୀୟମାନଙ୍କର ଅବସ୍ଥା ଅପରପକ୍ଷରେ ମୌଲବୀ ମୁହମ୍ମଦ ହୁସେନ୍ ବଟାଲୱି ସମଗ୍ର ହିନ୍ଦୁସ୍ତାନରେ ଘୁରିବୁଲି ୨୦୦ ମୌଲବୀମାନଙ୍କର ଫତ୍‌ୱା ଧରି ଆସିଲେ ଯେ ନଉଜୁବିଲ୍ଲାଃ ହଜୁର ଆ:ସ ହେଉଛନ୍ତି କାଫିର୍ (ଅର୍ଥାତ ବିଧର୍ମୀ) ଓ ଦଜାଲ୍ । ତାଙ୍କ ପଛରେ ନମାଜ ହୋଇପାରିବ ନାହିଁ । ସଲାମ୍ କଲାମ୍ ହୋଇପାରିବ ନାହିଁ ଏବଂ ସାମାଜିକ ସାକ୍ଷାତକାର ହୋଇପାରିବ ନାହିଁ । ଏହା ଫଳରେ ସମଗ୍ର ହିନ୍ଦୁସ୍ତାନରେ ବିରୋଧର ଏକ ଝଡ଼ ପ୍ରବାହିତ ହୋଇଗଲା । ଅହେମଦୀମାନଙ୍କୁ ମାରଧର କରାଗଲା, ଅହେମଦୀମାନଙ୍କ ଧନସମ୍ପତି ଲୁଟ୍ କରାଗଲା । ଏପରି କି କିଛି ଅହେମଦୀଙ୍କୁ ଶହୀଦ୍ ବି କରିଦିଆଗଲା । ସେହି ଶହୀଦ୍‌ମାନଙ୍କ ମଧ୍ୟରେ ହଜରତ ମୌଲବୀ ଅବ୍‌ଦୁର୍ ରହ୍‌ମାନ୍ ସାହେବ୍ ଶହୀଦ୍ ଏବଂ ହଜରତ ମୌଲାନା ଅବ୍‌ଦୁଲ୍ ଲତିଫ୍ ସାହେବଙ୍କ ଶାହାଦତ୍ ଅହେମଦୀୟତ୍‌ର ଆକାଶରେ ଉଜ୍ଜ୍ୱଳ ତାରକା ପରି ଝଟକୁଛନ୍ତି । ଗୋଟିଏ ପଟେ ବିରୋଧ ହେଉଥିଲା ଓ ଅନ୍ୟ ପଟେ ହଜରତ ମସିହ୍ ମଉଦ୍ ଆ:ସଙ୍କୁ ଜମାତ୍‌ର ଉନ୍ନତି ଓ ପ୍ରଗତି ସମ୍ବନ୍ଧରେ ଅଲ୍ଲାଃ ତାଲା ଖବର ଦେଉଥିଲେ ଓ ଏକ ମହାନ ବିଜୟର ସୁସମାଚାର ପ୍ରଦାନ କରୁଥିଲେ । ଅତଏବ ଅଲ୍ଲାଃ ତାଲା ତାଙ୍କୁ ସୁସମାଚାର ପ୍ରଦାନ କରି କହିଲେ:-

"ତୁ ହାରିବା ପରେ ଅର୍ଥାତ ପ୍ରକାଶ୍ୟରେ ପରାଜିତ ଲୋକମାନଙ୍କ ପରି ଅପମାନିତ ହୋଇ ଶେଷରେ ଜିତିଯିବୁ ଓ ପରିଣାମ ତୁମ ପାଇଁ ହିଁ ହେବ । ଆମେ ତୁମଠାରୁ ସେହି ବୋଝକୁ ଓହ୍ଲାଇ ଦେବୁ, ଯେଉଁ ବୋଝ ତୁମ ଅଂଟାକୁ ଭାଙ୍ଗି ଦେଇଛି । ଖୁଦାତାଲା ଏହା ଚାହୁଁଛନ୍ତି ଯେ ତୁମ (ଦ୍ୱାରା ପେଶ୍ କରାଯାଇଥିବା) ଏକେଶ୍ୱରବାଦ, ତୁମର ମହାନତା ତଥା ତୁମ ସିଦ୍ଧତାକୁ ପ୍ରଚାର ପ୍ରସାର କରିଦେବେ । ଖୁଦାତାଲା ତୁମ ଚେହେରାକୁ ପ୍ରକାଶ କରିଦେବେ ଓ ତୁମ ଛାୟାକୁ ଲମ୍ବା କରିଦେବେ । ଏ ଦୁନିଆରେ ଜଣେ ସଚେତକ ଆସିଲେ, କିନ୍ତୁ ସଂସାରବାସୀ ତାହାକୁ ଗ୍ରହଣ କଲେନାହିଁ କିନ୍ତୁ ଅଲ୍ଲାଃ ତାକୁ ଗ୍ରହଣ କରିବେ ଏବଂ ବଡ଼ ଶକ୍ତିଶାଳୀ ଆକ୍ରମଣ ଦ୍ୱାରା ତାହାର ସତ୍ୟତାକୁ ପ୍ରକାଶ କରିଦେବେ । ଅତି ନିକଟରେ ତାକୁ ମହାନ୍ ଦେଶ ଦିଆଯିବ...... ଓ ତା ପାଇଁ ଭଣ୍ଡାର ଖୋଲି ଦିଆଯିବ....... ମୁଁ ତୁମକୁ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ସମ୍ମାନ ଦେଇ ପ୍ରଶିଦ୍ଧି ଦେବି....... ଆମ୍ଭେ ତୁମକୁ ମସିହ୍ ଇବ୍‌ନେ ମରିୟମ୍ (ମରିୟମ୍ ସୁତ ଯୀଶୁ- ଅନୁବାଦକ) ବନାଇଛୁ ।" *(ତଜ୍‌କରାଃ, ପୃ-୧୪୮, କମ୍ପୋଜ୍ ଏଡ଼ିଶନ୍)*

ପ୍ରିୟ ଶ୍ରୋତାଗଣ ! ଏହି ମହାନ୍ ଭବିଷ୍ୟବାଣୀଗୁଡ଼ିକ ମୁତାବକ ସ୍ୱର୍ଗୀୟ ବିଜୟର ଧାରା ହଜରତ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ଯୁଗରେ ହିଁ ଆରମ୍ଭ ହୋଇସାରିଥିଲା । ଯେତେବେଳେ ହଜରତ ମସିହ୍ ମଉଦ୍ ଆ:ସ ୧୮୮୪ ମସିହାରେ "ବରାହିନେ ଅହମଦୀୟା" ପୁସ୍ତକ ରଚନା କଲେ, ସମଗ୍ର ଦେଶରେ ତାହାର ଲୋକପ୍ରିୟତା ପାଇଲା ଓ ତାହା ମାଧ୍ୟମରେ ଇସ୍‌ଲାମ୍‌ର ଗୌରବ ବୃଦ୍ଧି ଘଟିଥିବାର ସ୍ୱର ଉତୋଳନ ହେଲା । ବିରୋଧିମାନେ ବି କହିବାକୁ ଲାଗିଲେ ଯେ ବରାହିନେ ଅହେମଦୀୟା ପୁସ୍ତକ ଜରିଆରେ ଆପଣ (ଅର୍ଥାତ ହଜରତ ମସିହ୍ ମଉଦ୍ ଆ:ସ- ଅନୁବାଦକ) ଇସ୍‌ଲାମ୍‌ର ଏପରି ମହାନ ସେବା କରିଛନ୍ତି ଯାହାର ଉଦାହରଣ ବିଗତ ଚଉଦ ଶହ ବର୍ଷ ମଧ୍ୟରେ ମିଳୁନାହିଁ । ପୁଣି ୧୮୯୧ ମସିହାରେ ଯେବେ ଆପଣ ଆ:ସ ଅଲ୍ଲାଃଙ୍କ ନିର୍ଦ୍ଦେଶ ତଥା ଐଶିବାଣୀ ଆଲୋକରେ ମସିହ୍ ଏବଂ ମେହ୍‌ଦିୟତ୍‌ର ଦାବି କଲେ ସେତେବେଳେ ଭିଷଣ ବିରୋଧ କରାଗଲା । ସେ ସମୟର ନାମକରା ମୌଲବୀ ନଜିର୍ ଦେହ୍‌ଲୱି, ମୌଲବୀ ମୁହମ୍ମଦ୍ ହୁସେନ୍ ବଟାଲୱି ଏବଂ ମୁହମ୍ମଦ ବଶିର୍ ସାହେବ୍ ଆପଣ ଆ:ସଙ୍କ ସହିତ ମୁନାଜିରାଃ (ଧର୍ମତର୍କ-ଅନୁବାଦକ) କଲେ । ଇତିହାସ ସାକ୍ଷି ଅଛି ଯେ ସେହି ମୁନାଜିରାଃ ଗୁଡ଼ିକରେ ଅଲ୍ଲାଃ ତାଲା ହଜରତ ମସିହ୍ ମଉଦ୍ ଆ:ସଙ୍କୁ ବିଜୟ ପ୍ରଦାନ କରିଥିଲେ ଓ ସେହି ମୌଲବୀମାନେ ପବିତ୍ର କୁର୍‌ଆନ୍ ତଥା ହଦିସ୍‌ଗୁଡ଼ିକରୁ ହୟାତେ ମସିହ୍ (ଅର୍ଥାତ ଯୀଶୁ ମସିହ୍‌ଙ୍କ ଆକାଶରେ ଦୀର୍ଘ ଦୁଇହଜାର ବର୍ଷ ହେବ ଜୀବିତ ରହିଥିବା- ଅନୁବାଦକ)ର କୌଣସି ପ୍ରମାଣ ଦେଇପାରିଲେ ନାହିଁ । ଏହି ମହାନ୍ ବିଜୟ ଆଜି ପର୍ଯ୍ୟନ୍ତ ଜାରି ରହିଛି । ଏବେ ତ ମୌଲବୀମାନେ ଅହେମଦୀମାନଙ୍କ ସହିତ ୱଫାତେ ମସିହ୍ (ଅର୍ଥାତ -ଯୀଶୁ ମସିହ୍‌ଙ୍କ ଦେହାନ୍ତ) ହେବା ବିଷୟରେ କଥା ହେବା ପାଇଁ ନାରାଜ । ଏବେ ଅବସ୍ଥା ଏମିତି ହୋଇଯାଇଛି ଯେ ୱଫାତେ ମସିହ୍, ଖତ୍‌ମେ ନବୁୱ୍ୱତ ଏବଂ ସଦାକତେ ମସିହ୍ ମଉଦ୍ ପରି ବିଷୟ ବସ୍ତୁ ଉପରେ ପବିତ୍ର କୁର୍‌ଆନ୍ ତଥା ହଦିସ୍‌ରୁ ପ୍ରମାଣ ଦେଇ କଥା ହେଉନାହାନ୍ତି । କେବଳ ଗାଳିଗୁଲଜ କରି ନିଜର ମନକୁ ସାନ୍ତ୍ୱନା ଦେଉଛନ୍ତି ଓ ଏକଥା ଭାବୁନାହାନ୍ତି ଯେ ପବିତ୍ର କୁର୍‌ଆନ୍ ସ୍ପଷ୍ଟ ଭାବରେ ଏହା ବର୍ଣ୍ଣନା କରିଛି ଯେ ଈଶ୍ୱରଙ୍କ ତରଫରୁ ଏପରି କୌଣସି ଦୂତ ଆସିନାହାନ୍ତି କି ଯାହାଙ୍କ ଯୁଗର ବିରୋଧିମାନେ ତାଙ୍କ ଯୁକ୍ତି ଓ ପ୍ରମାଣ ର ମୁକାବିଲା ନ କରିପାରି ତାଙ୍କୁ ଅପମାନିତ କରିନଥିବେ ଏବଂ ତାଙ୍କ ସହିତ ଥଟ୍ଟା ଓ ପରିହାସ ନ କରିଥିବେ । ଅଲ୍ଲାଃ ତାଲା କହିଛନ୍ତି:- ୟା ହସରତନ୍ ଅଲଲ୍ ଇବାଦି ମା ୟାତିହିମ୍ ମିର୍ ରସୁଲିନ୍ ଇଲ୍ଲା କାନୁ ବିହି ୟସ୍‌ତହ୍‌ଜିଉନ୍ (ସୁରଃ ୟାସିନ୍: ୩୧)

ସେହି ବିରୋଧିପୂର୍ଣ୍ଣ ଯୁଗରେ ଯଦିଓ ନିଜର କିଛି ଲୋକମାନଙ୍କୁ ବି ଧକ୍କା ଲାଗିଥିଲା । କିନ୍ତୁ ହଜରତ ମସିହ୍ ମଉଦ୍ ଆ:ସ ଅଲ୍ଲାଃଙ୍କ ନିର୍ଦ୍ଦେଶ ମୁତାବକ ୧୮୯୧ ମସିହାରେ ହିଁ ଜଲ୍‌ସା ସାଲାନାର ମୂଳଦୁଆ ରଖିଲେ ଓ ଅଲ୍ଲାଃଙ୍କ ଠାରୁ ଖବର ପାଇ ଏ ଘୋଷଣା କଲେ ଯେ:-

" ଏହି ଜଲ୍‌ସାକୁ ମନୁଷ୍ୟକୃତ ସାଧାରଣ ଜଲ୍‌ସାମାନଙ୍କ ପରି ଭାବନାହିଁ । ଏହା ହେଉଛି ଏପରି ବିଜୟ ଯାହା ସତ୍ୟତାର ଶୁଦ୍ଧ ସମର୍ଥନ ଏବଂ ଇସ୍‌ଲାମୀୟ ବାଣୀର ଉଚ୍ଚତମ ଶିଖରରେ ଆଧାରିତ । ଏହି ସିଲ୍‌ସିଲାର ମୂଳ ପଥର ଖୁଦାତାଲା ନିଜ ହାତରେ ରଖିଛନ୍ତି ଓ ଆ ପାଇଁ ଜାତିଗୁଡ଼ିକୁ (ଅର୍ଥାତ ବିଭିନ୍ନ ସମ୍ପ୍ରଦାୟର ଲୋକମାନଙ୍କୁ- ଅନୁବାଦକ) ପ୍ରସ୍ତୁତ କରି ରଖିଛନ୍ତି ଯେଉଁମାନେ ଅତିଶୀଘ୍ର ଏଥିରେ ଅନ୍ତର୍ଭୁକ୍ତ ହେବେ । କାରଣ ଏହା ହେଉଛି ସେହି ମହାଶକ୍ତିଶାଳୀଙ୍କ କାର୍ଯ୍ୟ, ଯାହାଙ୍କ ନିକଟରେ କିଛି ବି ଅସମ୍ଭବ ନୁହେଁ ।" *(ମଜ୍‌ମୁଆ ଇସ୍ତେହାରାତ୍, ଖଣ୍ଡ-୧, ପୃ-୩୬୧, ଇସ୍ତେହାର ନଂ-୯୧, ମୁଦ୍ରିତ କାଦିଆନ୍ ୨୦୧୯)*

ସେତେବେଳର ସର୍ବପ୍ରଥମ ଜଲ୍‌ସାରେ ୭୦ ଜଣ ସଦସ୍ୟ ସାମିଲ୍ ହୋଇଥିଲେ । ଶତ୍ରୁମାନେ ହଜରତ ମସିହ୍ ମଉଦ ଆ:ସଙ୍କ ଉପରେ ଫତ୍‌ୱା ଲଗାଇ ଏକଥା ଭାବୁଥିଲେ ଯେ ସେମାନେ ମୁସଲମାନମାନଙ୍କୁ ତାଙ୍କ ସହିତ ମିଳାମିଶା କରିବାରୁ ତଥା ଆପଣ ଆ:ସଙ୍କ ହାତରେ ବୟତ (ଦୀକ୍ଷା) କରିବାରୁ ରୋକି ଦେଇଛନ୍ତି ବୋଲି କିନ୍ତୁ ସେହି ସମସ୍ତ ଶତୃମାନେ ପରାଜିତ ହେଲେ ଓ କାଦିଆନ୍‌ର ଯଶ ବଢ଼ିବାକୁ ଲାଗିଲା । ପୁଣି ହଜରତ ମସିହ୍ ମଉଦ୍ ଆ:ସଙ୍କ ଦେହାନ୍ତ ପରେ ଖିଲାଫତ୍ ଅହ୍‌ମଦୀୟାର ପ୍ରଥମ ଜଲ୍‌ସା ସାଲାନାରେ ଲୋକମାନଙ୍କର ଯେଉଁ ଉପସ୍ଥାନ ଥିଲା, ତାହା ତିନି ହଜାର ପର୍ଯ୍ୟନ୍ତ ପହଂଚି ଯାଇଥିଲା । ପୁଣି ସେହି ଖିଲାଫତ୍ ସମୟରେ ଜଲ୍‌ସା ସାଲାନାରେ ସୌନ୍ଦର୍ଯ୍ୟ ପ୍ରତ୍ୟେକ କ୍ଷେତ୍ରରୁ ବଢ଼ିବା ଆରମ୍ଭ ହେଲା । ଜଲ୍‌ସାର ଉପସ୍ଥାନ ସଂଖ୍ୟା ଶହ ତଥା ହଜାରରୁ ବଢ଼ି ଲକ୍ଷରେ ପହଂଚିଗଲା । ଦୁନିଆର କୋଡ଼ିଏ କୋଡ଼ି ଦେଶର ପ୍ରତିନିଧିତ୍ୱ ଆରମ୍ଭ ହୋଇଗଲା । ଶହ ଶହ ଅଣ ଅହେମଦୀ ତଥା ଅଣ ମୁସଲମାନ ବୁଦ୍ଧିଜୀବି, ରାଜନେତା, ମନ୍ତ୍ରୀଗଣ, ଦେଶମାନଙ୍କର ସରକାରୀ ମୂଖ୍ୟମାନେ ଏହି ଜଲ୍‌ସାରେ ସାମିଲ ହେବା ଏବଂ ସେଥିରେ ନିଜର ବାର୍ତାମାନ ଦେବାକୁ ଗର୍ବ ଅନୁଭବ କରୁଛନ୍ତି । ପ୍ରତ୍ୟେକ ଧର୍ମକୁ ପ୍ରେମ, ଭାଇଚାରା ତଥା ଶାନ୍ତିର ସ୍ୱର ଉତୋଳନ କରିବା ପାଇଁ ଏପରି ଏକ ଷ୍ଟେଜ୍ ମିଳିଗଲା ଯେଉଁଠି ଜାତି, ଧର୍ମ, ବର୍ଣ୍ଣ, ଓ ଦେଶ ନିର୍ବିଶେଷରେ ସମସ୍ତେ ପ୍ରେମର ସ୍ୱରକୁ ଉତୋଳନ କରୁଛି ଏବଂ ନିଜ ନିଜର ପ୍ରେମପୂର୍ଣ୍ଣ ବାର୍ତା ଦେଉଛନ୍ତି । ଅଲ୍‌ହମ୍‌ଦୁଲିଲ୍ଲାଃ ଏବେ ଏହି ଜଲ୍‌ସା ଏମ୍.ଟି.ଏ ମାଧ୍ୟମରେ ସାରା ଦୁନିଆରେ ଦେଖାଯାଉଅଛି ଓ ଶୁଣାଯାଉଅଛି ଏବଂ ପୃଥିବୀର ଅନେକ ଭାଷାରେ ଏହାର ଅନୁବାଦକୁ ସିଧା ପ୍ରସାରଣ କରାଯାଉଅଛି ।

୨୦୨୧ ମସିହାର ୟୁ.କେ ର ଜଲ୍‌ସା ସାଲାନା ଯାହା ଏବେ ଅନୁଷ୍ଠିତ ହୋଇଯାଇଛି, ଏହି ଜଲ୍‌ସାରେ ପୃଥିବୀର ଲୋକମାନେ ଏକ ଅଜବ ଦୃଶ୍ୟ ଦେଖିବାକୁ ପାଇଲେ ଯେ ପୃଥିବୀର ଭିନ୍ନ ଭିନ୍ନ ଦେଶରେ ଜଲ୍‌ସା ସାଲାନା ଶୁଣୁ ଥିବା ଲୋକମାନେ ଜଣେ ଅନ୍ୟଜଣଙ୍କୁ ନିଜ ନିଜ ଦେଶରେ ରହି ଜଲ୍‌ସା ଶୁଣୁଥିବାର ଦେଖିବାକୁ ପାଇଲେ । ଏଥିରେ ସମ୍ପ୍ରଦାୟର ପୁରୁଣା ସାଧୁସନ୍ଥମାନଙ୍କର ଭବିଷ୍ୟବାଣୀ ପୁରଣ ହେଲା ଯେ:- ଅନ୍ନଲ୍ ମୁମିନ୍ ଫି ଜମାନିଲ୍ କାଏମ୍..... ୟରା ଅଖାହୁଲ୍ ଲଜି ଫିଲ୍ ମଶ୍‌ରିକ୍ (ବହାରୁଲ୍ ଅନ୍‌ୱାର୍ ଶେଖ୍ ମୁହମ୍ମଦ୍ ବାକର୍ ଅଲ୍‌ମଜ୍‌ଲସି ବାବ୍ ୨୭, ପୃ-୪୪୧) ଅର୍ଥାତ ଇମାମ୍ ମେହେଦୀଙ୍କ ଯୁଗରେ ଜଣେ ମୋମିନ୍ ଯିଏ ପୂର୍ବରେ ଥିବ, ସେ ନିଜର ସେହି ଭାଇକୁ ଦେଖିନେବ ଯିଏ ପଶ୍ଚିମରେ ଥିବ ଏବଂ ଯିଏ ପଶ୍ଚିମରେ ଥିବ ସିଏ ପୂର୍ବରେ ଥିବା ତା ଭାଇକୁ ଦେଖିନେବ । ସାରା ଦୁନିଆ ଏ କଥାର ସାକ୍ଷି ଅଛି ଯେ ଅଲ୍‌ହମ୍‌ଦୁ ଲିଲ୍ଲାଃ ଖିଲାଫତେ ଅହେମଦୀୟା ଜରିଆରେ ଏବଂ ହଜରତ ମସିହ୍ ମଉଦ୍ ଆ:ସଙ୍କ ଦ୍ୱାରା ଅଲ୍ଲାଃଙ୍କ ଆଦେଶ ମୁତାବକ ପ୍ରତିଷ୍ଠା କରାଯାଇଥିବା ଜଲ୍‌ସା ସାଲାନା ମାଧ୍ୟମରେ ଇସ୍‌ଲାମ୍‌ର ବିଜୟର ଏହି ଭବିଷ୍ୟବାଣୀ ବଡ଼ ବୈଭବର ସହିତ ପୂରଣ ହୋଇସାରିଛି । ସେହିପରି ଆଉ ଏକ ସ୍ଥାନରେ କୁହାଯାଇଛି:- ୟୁନାଦି ମୁନାଦି....... ରାକଦ୍ ଇଲ୍ଲା ଇସ୍‌ତଇକଜା (ଉକ୍‌ଦଦ୍ ଦର୍ ଫି ଅଖ୍‌ବାରିଲ୍ ମୁନ୍‌ତଜିର୍, ଅଲ୍‌ଫସ୍‌ଲୁଲ୍ ସାଲିସ୍, ପୃ-୧୭୧, ମୁଦ୍ରିତ ଉର୍ଦ୍ଦୁନ୍) ଅର୍ଥାତ:- ମେହେଦୀ ନାମରେ ଜଣେ ଘୋଷଣାକାରୀ ଘୋଷଣା କରିବ ଓ ତା ସ୍ୱରକୁ ପୂର୍ବ ଓ ପଶ୍ଚିମର ପ୍ରତ୍ୟେକ ବ୍ୟକ୍ତି ଶୁଣିବେ ଏପରି କି ଏମିତି ଏକ ସମୟ ଆସିବ ଯେ ଶୋଇଥିବା ପ୍ରତ୍ୟେକ ବ୍ୟକ୍ତି ଜାଗି ଉଠିବ ।

ଏତଦ୍ ବ୍ୟତୀତ ଏହି ଜଲ୍‌ସା ଦୁନିଆର ସମସ୍ତ ଆତ୍ମାମାନଙ୍କୁ ବୟତ ଜରିଆରେ ଏକେଶ୍ୱରବାଦର ରଜ୍ଜୁରେ ମଧ୍ୟ ଗୁନ୍ଥି ଦେଇଛି । ସୁତରାଂ ଏହି ପ୍ରସଙ୍ଗରେ ହଜରତ ଶାହ୍ ରଫିଉଦ୍ଦିନ୍ ସାହେବଙ୍କ ଭବିଷ୍ୟବାଣୀ ରହିଛି ଯେ ଇମାମ୍ ମେହେଦୀଙ୍କ ସମୟରେ ଯେବେ ବୟତ୍ କରାଯାଉଥିବ, ସେତେବେଳେ ଆକାଶରୁ ଏ ଶବ୍ଦ ଆସୁଥିବ:- ହାଜା ଖଲିଫତୁଲ୍ଲାହିଲ୍ ମେହେଦୀ ଫସ୍‌ମଉ ଲହୁ ୱ ଅତିଉ ଅର୍ଥାତ ସେ ଅଲ୍ଲାଃଙ୍କ ଖଲିଫା ମେହେଦୀ ଅଟନ୍ତି, ତାଙ୍କୁ ଗ୍ରହଣ କରିନିଅ ଓ ତାଙ୍କ ଆଜ୍ଞା ପାଳନ କର *(କୟାମତ୍ ନାମା, ପୃ-୪)*

ବୟତର ଏହି ମହାନ୍ ଦୃଶ୍ୟ ହେଉଛି ଜଲ୍‌ସା ସାଲାନାର ସତ୍ୟତା ତଥା ହଜରତ ମସିହ୍ ମଉଦ୍ ଆ:ସଙ୍କ ବିଜୟର ଏକ ମହାନ୍ ପ୍ରମାଣ । ଅତଏବ୍ ଏହି ଜଲ୍‌ସା ସାଲାନା ସୟଦନା ହଜରତ ମସିହ୍ ମଉଦ୍ ଆ:ସଙ୍କ ଭବିଷ୍ୟବାଣୀ ର ସତ୍ୟତା ଓ ଜମାଅତ୍ ଅହେମଦୀୟାର ଉନ୍ନତି ପାଇଁ ଏକ ମାଇଲ୍ ଖୁଂଟର ସ୍ଥିତି ରଖୁଛି । ତା'ପରେ ୧୮୯୪ ମସିହାରେ ଅଲ୍ଲାଃ ତାଲା ନିଜ କୃପାରୁ ଇମାମ୍ ମେହେଦୀଙ୍କ ସମ୍ବନ୍ଧରେ ଥିବା ଆଁ ହଜରତ ସ:ଆ:ସଙ୍କ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ବିଶିଷ୍ଟ ଭବିଷ୍ୟବାଣୀକୁ ଅତ୍ୟନ୍ତ ବୈଭବର ସହିତ ପୁରଣ କରି ସୟଦନା ହଜରତ ମିର୍ଜା ଗୁଲାମ୍ ଅହ୍‌ମଦ୍ କାଦିୟାନୀ ଆ:ସଙ୍କ ସତ୍ୟତାର ଏକ ଚିହ୍ନ / ନିଦର୍ଶନ ପ୍ରକାଶ କରିଦେଲେ । ଆଁ ହଜରତ ସ:ଆ:ସଙ୍କ ଏହି ଭବିଷ୍ୟବାଣୀର ସତ୍ୟତା ଆକାଶୀୟ ସାକ୍ଷ୍ୟ ରୂପରେ ଜାଜ୍ୱଲ୍ୟମାନ ସୂର୍ଯ୍ୟ ପରି ହଜରତ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତାକୁ ପ୍ରମାଣ କରିଦେଲା । କିନ୍ତୁ ଯେତେବେଳେ ଏ ସଂସାରବାସୀ ସେହି ଆକାଶୀୟ ସାକ୍ଷ୍ୟରୁ ଲାଭ ଉଠାଇଲେ ନାହିଁ ସେତେବେଳେ ପୂର୍ବରୁ ଆସିଥିବା ଧର୍ମଗ୍ରନ୍ଥ ଗୁଡ଼ିକରେ ଥିବା ଭବିଷ୍ୟବାଣୀ ମୁତାବକ, ଅର୍ଥାତ ଇମାମ୍ ମେହେଦୀଙ୍କ ସମୟରେ ତାଉନ୍ (ପ୍ଲେଗ୍) ମହାମାରୀ ପଡ଼ିବ, ୧୮୯୮ ମସିହାରେ ହଜୁର ଆ:ସ ଅଲ୍ଲାଃ ତାଲାଙ୍କଠାରୁ ଐଶିବାଣୀ ପ୍ରାପ୍ତ କରି ଏହି ତାଉନ୍ (ପ୍ଲେଗ୍) ମହାମାରୀ ବ୍ୟାପିଯିବାର ଭବିଷ୍ୟବାଣୀ କଲେ । ଏହା ଏପରି ଭବିଷ୍ୟବାଣୀ, ଯାହା ପବିତ୍ର କୁର୍‌ଆନ୍‌ରେ ବି ଉଲ୍ଲେଖ ରହିଛି ଓ ଆଁ ହଜରତ ସ:ଆ:ସ ମଧ୍ୟ ଏହାର ଭବିଷ୍ୟବାଣୀ କରିଛନ୍ତି ।

ପବିତ୍ର କୁର୍‌ଆନ୍‌ରେ ସୁରଃ ନମଲ୍‌ର ଆୟତ ନଂ-୮୩ ରେ ଅଲ୍ଲାଃ ତାଲା କହିଛନ୍ତି:- ୱ ଇଜା ୱକଅଲ୍ କୌଲୁ ଆଲୈହୁମ ଅଖ୍‌ରଜ୍‌ନା ଲହୁମ୍ ଦାବ୍ୱତନ୍ ମିନଲ୍ ଅର୍‌ଜି ତୁକଲ୍ଲିମୁହୁମ୍ ଅନ୍ନନ୍ ନାସା କାନୁ ବିଆୟାତିନା ଲା ୟୁକିନୁନ୍ (ସୁରଃ ଅଲ୍‌ନମଲ୍:୮୩) ଅର୍ଥାତ:- ଏବଂ ଯେତେବେଳେ ସେମାନଙ୍କ ବିନାଶ ସଂକ୍ରାନ୍ତ ଭବିଷ୍ୟବାଣୀ ପୂର୍ଣ୍ଣ ହେବ, ସେତେବେଳେ ଆମ୍ଭେ ସେମାନଙ୍କ ପାଇଁ ପୃଥିବୀ ମଧ୍ୟରୁ ଏପରି ଏକ କୀଟ ସୃଷ୍ଟି କରିବୁ ଯାହା ସେମାନଙ୍କୁ ଦଂଶନ କରିବ କାରଣ ଲୋକମାନେ ଆମ୍ଭର ନିଦର୍ଶନଗୁଡ଼ିକ ଉପରେ ବିଶ୍ୱାସ କରୁ ନଥିଲେ ।

ହଦିସ୍‌ରେ ବି ଉଲ୍ଲେଖ ଅଛି ଯେ ଇମାମ୍ ମେହେଦୀଙ୍କ ଯୁଗରେ ଏ ଲକ୍ଷଣ/ ଚିହ୍ନ ଦେଖାଯିବ ଯେ ସେ ସମୟରେ ଏତେ ଭୟଙ୍କର ତାଉନ୍ (ପ୍ଲେଗ୍) ମହାମାରୀ ବ୍ୟାପି ଯିବ ଯେ ଯାହାଙ୍କ ଘରେ ସାତ ଜଣ ଲୋକ ଥିବେ, ସେମାନଙ୍କ ମଧ୍ୟରୁ ପାଂଚଜଣ ମରିଯିବେ । ଇମାମ୍ ମେହେଦୀଙ୍କ ଆଗମନ ପୂର୍ବରୁ ଦୁଇ ପ୍ରକାରର ମୃତ୍ୟୁ ବିଭୀଷିକା ଦେଖାଯିବ । ଲାଲ୍ ମୃତ୍ୟୁ ଏବଂ ଧବଳ ମୃତ୍ୟୁ । ଅର୍ଥାତ ତାଉନ୍ (ପ୍ଲେଗ୍) ମହାମାରୀ ଏବଂ ଏତେମାତ୍ରାରେ ଲୋକମାନେ ମରିବାକୁ ଲାଗିବେ ଯେ ଯାହାଙ୍କ ଘରେ ସାତଜଣ ଲୋକ ଥିବେ, ସେଥିମଧ୍ୟରୁ ପାଂଚଜଣ ମରିଯିବେ *(ବହାରୁଲ୍ ଅନୱାର୍, ପୃ-୧୫୬, ଅକ୍‌ମାଲୁଦ୍ଦିନ୍, ମୁଦ୍ରିତ ମତ୍‌ବଉଲ୍ ହୈଦର ଅଲ୍‌ନଜଫ୍)*

ଅତଏବ୍ ଏହି ସମସ୍ତ ଭବିଷ୍ୟବାଣୀଗୁଡ଼ିକ ଅନୁସାରେ ଏବଂ ହଜରତ ମସିହ୍ ମଉଦ୍ ଆ:ସଙ୍କ ଏଲ୍‌ହାମ୍ (ଐଶିବାଣୀ) ଆଲୋକରେ ହଜରତ ମସିହ୍ ମଉଦ୍ ଆ:ସଙ୍କ ସମୟରେ ଭାରତରେ ଭୀଷଣ ତାଉନ୍ (ପ୍ଲେଗ୍)ମହାମାରୀ ବ୍ୟାପିଲା । ଏଥିରେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁ ମୁହଁରେ ଲୀନ ହୋଇଗଲେ । ଅପର ପକ୍ଷେ ହଜରତ ମସିହ୍ ମଉଦ୍ ଆ:ସଙ୍କୁ ଅଲ୍ଲାଃ ତାଲା ଏ ସୁସମାଚାର ଦେଲେ ଯେ ଯେଉଁ ଲୋକମାନେ ତୁମ ଘରର ଚାରିକାନ୍ଥ ଭିତରେ ରହିବେ, ସେମାନେ ଟିକା ନ ଲଗାଇବା ସତ୍ତ୍ୱେ ମଧ୍ୟ ତାଉନ୍ ମହାମାରୀ ରୋଗରୁ ସୁରକ୍ଷିତ ରହିବେ । ଅଲ୍ଲାଃ ତାଲା ଏ ଦୁନିଆକୁ ଏପରି ଚମତ୍କାର ଦେଖାଇଲେ ଯେ ହଜରତ ମସିହ୍ ମଉଦ୍ ଆ:ସଙ୍କ ଖାନ୍‌ଦାନ୍ (ଅର୍ଥାତ କୁଟୁମ୍ବ ଓ ପରିବାର)ରୁ ତଥା ଆପଣ ଆ:ସଙ୍କ ସାହାବାମାନଙ୍କ ମଧ୍ୟରୁ ଜଣେ ବି ତାଉନ୍ (ପ୍ଲେଗ୍) ରୋଗରେ ମୃତ୍ୟୁବରଣ କଲେନାହିଁ । କିନ୍ତୁ ଆପଣ ଆ:ସଙ୍କର ବିରୋଧ ୱଲେମାଗଣ, ଯେଉଁମାନେ ଆପଣ ଆ:ସଙ୍କୁ ଥଟ୍ଟା ପରିହାସ କରୁଥିଲେ, ସେମାନଙ୍କ ମଧ୍ୟରୁ ଅନେକ ଲୋକ ତାଉନ୍‌ର ଶିକାର ହୋଇଗଲେ । ହଜୁର ଆ:ସ ଯିଏ ମସିହ୍ ଓ ମେହେଦୀ ହେବାର ଘୋଷଣା କରିଥିଲେ ଓ ତାଉନ୍ (ପ୍ଲେଗ୍) ମହାମାରୀ ଆସିବାର ଭବିଷ୍ୟବାଣୀ କରିଥିଲେ, ତାଙ୍କ ପେଶ୍‌ଗୋଇ ମୁତାବକ ଆପଣ ଆ:ସ ତଥା ତାଙ୍କ ଘରର ଚାରିକାନ୍ଥ ଭିତରେ ରହିଥିବା ସମସ୍ତ ଲୋକେ ଅଲ୍ଲାଃଙ୍କ କୃପାରୁ ସୁରକ୍ଷିତ ରହିଲେ । ଗୋଟିଏ ସଂସାର ଏହାର ସାକ୍ଷି ଅଛନ୍ତି ଯେ ଏହି ତାଉନ୍ ମହାମାରୀ ବ୍ୟାପିବା ଫଳରେ ମଧ୍ୟ ବହୁ ସଂଖ୍ୟକ ଲୋକେ ହଜରତ ମସିହ୍ ମଉଦ୍ ଆ:ସଙ୍କ ଉପରେ ବିଶ୍ୱାସ ଆଣିଲେ ଓ ସେହି ତାଉନ୍ (ପ୍ଲେଗ୍) ମହାମାରୀ ବି ଆପଣ ଆ:ସଙ୍କ ମହାନ୍ ଉନ୍ନତିର ଏକ ନିଦର୍ଶନ ହୋଇଗଲା ।

ସମ୍ମାନୀୟ ଶ୍ରୋତଗଣ ! ହଜରତ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ଯୁଗରେ ଆପଣ ଆ:ସ ଜମାତ୍ ଅହେମଦୀୟାର ଉନ୍ନତି/ବିକାଶ ନିମନ୍ତେ ଯେଉଁ ଭବିଷ୍ୟବାଣୀମାନ କରିଥିଲେ, ସେଥିରେ ଗୋଟିଏ ଭବିଷ୍ୟବାଣୀ ଖିଲାଫତ୍ ଅହ୍‌ମଦୀୟା ସହିତ ସମ୍ବନ୍ଧିତ ଥିଲା । ସେ ସମ୍ବନ୍ଧରେ ହଜରତ ମସିହ୍ ମଉଦ୍ ଆ:ସ "ଅଲ୍‌ୱସିୟତ୍" ପତ୍ରିକାରେ କହିଛନ୍ତି:-

"ତୁମମାନଙ୍କ ପାଇଁ ଦ୍ୱିତୀୟ କୁଦ୍‌ରତ୍ (ଶକ୍ତି/ପ୍ରକୃତି)କୁ ଦେଖିବା ଜରୁରୀ ଏବଂ ତାହାର ଆଗମନ ତୁମମାନଙ୍କ ପାଇଁ ଉତମ ହେବ କାରଣ ତାହା ହେଉଛି ସ୍ଥାୟୀ । ତାହାର ସିଲ୍‌ସିଲା (ଧାରା) କୟାମତ୍ ପର୍ଯ୍ୟନ୍ତ ବିଚ୍ଛିନ୍ନ ହେବନାହିଁ । ସେହି ଦ୍ୱିତୀୟ କୁଦ୍‌ରତ୍ ସେ ପର୍ଯ୍ୟନ୍ତ ଆସିପାରିବ ନାହିଁ, ଯେପର୍ଯ୍ୟନ୍ତ ମୁଁ ନ ଯାଇଛି । କିନ୍ତୁ ମୁଁ ଯେତେବେଳେ ଯିବି, ସେତେବେଳେ ପୁଣି ଈଶ୍ୱର ସେହି ଦ୍ୱିତୀୟ କୁଦ୍‌ରତ୍‌କୁ ତୁମମାନଙ୍କ ପାଇଁ ପଠାଇଦେବେ, ତାହା ସବୁ ବେଳେ ପାଇଁ ତୁମମାନଙ୍କ ସାଥିରେ ରହିବ । ଯେମିତି କି ବରାହିନେ ଅହେମଦୀୟାରେ ଈଶ୍ୱରଙ୍କର ପ୍ରତିଶୃତି ରହିଛି, ଏବଂ ସେହି ପ୍ରତିଶୃତି ମୋ ପାଇଁ ନୁହେଁ ବରଂ ତୁମମାନଙ୍କ ପାଇଁ ଅଛି । ଯେମିତି କି ଅଲ୍ଲାଃ ତାଲା କହିଛନ୍ତି ଯେ ମୁଁ ଏହି ଜମାଅତ୍‌କୁ ତଥା ଯେଉଁମାନେ ତୁମର ଅନୁଗାମୀ, କୟାମତ୍ ପର୍ଯ୍ୟନ୍ତ ଅନ୍ୟମାନଙ୍କ ଉପରେ ବିଜୟ ପ୍ରଦାନ କରିବି । *(ରିସାଲା ଅଲ୍‌ୱସିୟତ୍, ରୁହାନୀ ଖଜାଇନ୍, ଖଣ୍ଡ-୨୦, ପୃ-୩୦୫)*

ସୁତରାଂ ୨୭ ମଇ ୧୯୦୮ ରୁ, ଯେବେଠାରୁ ଜମାତ୍ ଅହେମଦିୟାରେ ଖିଲାଫତ୍‌ର ପ୍ରାରମ୍ଭ ହେଲାଣି, ଏପର୍ଯ୍ୟନ୍ତ ୧୧୩ ବର୍ଷ ବିତିଗଲାଣି । ଗୋଟିଏ ସଂସାର ସାକ୍ଷି ଅଛି ଯେ ଖିଲାଫତ୍ ଅହେମଦୀୟା ଜରିଆରେ ଜମାତ୍ ଏତେମାତ୍ରାରେ ଅଗ୍ରଗତି କରିସାରିଛି ଯେ ଏହାର ଉଦାହରଣ ଦୁନିଆରେ ଆଉ କେଉଁଠି ମିଳେନାହିଁ ।

ଆଜି ଜମାତ୍ ଅହେମଦୀୟା କାଦିଆନ୍‌ରୁ ସୃଷ୍ଟି ହୋଇ ପୃଥିବୀର ୨୧୩ ଟି ଦେଶରେ ବ୍ୟାପି ଯାଇଛି । ଏ ବିଷୟରେ ହଜରତ ଅମୀରୁଲ୍ ମୁମିନିନ୍ ଅ:ବ:ଅ ଜଲ୍‌ସା ସାଲାନା ୟୁ.କେ ୨୦୧୯ର ଭାଷଣରେ କହିଲେ, ତାହା ୪ ଅଗଷ୍ଟ ୨୦୧୯

ଦିନ ହଜୁର କହିଥିଲେ । ସେହି ବକ୍ତବ୍ୟରେ ହଜୁର ଅନଓ୍ୱର ଅ:ବ:ଅ କେବଳ ୨୦୧୯ ମସିହାରେ ଜମାତ୍ ଅହେମଦୀୟାର ଉନ୍ନତି/ବିକାଶ ସମ୍ବନ୍ଧରେ କହିଥିଲେ । ହଜୁର କହିଲେ:-

୨୦୧୮-୧୯ ପର୍ଯ୍ୟନ୍ତ ସାରା ପୃଥିବୀରେ ଅହେମଦୀୟା ଜମାତ୍ ୨୧୩ ଗୋଟି ଦେଶରେ ବ୍ୟାପି ସାରିଛି । ହଜୁର ଅନଓ୍ୱର ପୁଣି ସ୍ପଷ୍ଟିକରଣ କରି କହିଲେ ଯେ ଏପର୍ଯ୍ୟନ୍ତ UNOରେ ୧୯୫ ଟି ଦେଶର ପ୍ରତିନିଧିତ୍ୱ ହେଉଅଛି । କିନ୍ତୁ ଏମାନଙ୍କ ବ୍ୟତୀତ ଆହୁରି ଅନେକ ଦେଶ ଅଛନ୍ତି, ଯେଉଁମାନେ UNOରେ ସଦସ୍ୟ ନୁହନ୍ତି କିନ୍ତୁ ସେମାନେ ଗୋଟିଏ ଗୋଟିଏ ଦେଶର ମାନ୍ୟତା ପାଇଛନ୍ତି । ହଜୁର ଅ:ବ:ଅ କହିଲେ ୧୯୮୪ ମସିହାରେ ଯେତେବେଳେ ସେ ସମୟର ଖଲିଫାଙ୍କୁ ପାକିସ୍ତାନ୍‌ରେ ଭିଷଣ ବିରୋଧର ସମ୍ମୁଖିନ ହେବା ଯୋଗୁଁ ହିଜ୍‌ରତ୍ (Migration) କରିବାକୁ ପଡ଼ିଲା । ୧୯୮୪ ମସିହାଠାରୁ ଏପର୍ଯ୍ୟନ୍ତ ୧୨୧ଟି ଦେଶରେ ଜମାତ୍ ସ୍ଥାପନ ହୋଇସାରିଛି । ଅର୍ଥାତ ୧୯୮୪ ମସିହା ପର୍ଯ୍ୟନ୍ତ କେବଳ ୯୨ ଟି ଦେଶର ଅହେମଦୀୟତ୍ ସ୍ଥାପନ ହୋଇଥିଲା । ୧୯୮୪ ମସିହାର ହିଜ୍‌ରତ୍ ପରଠାରୁ ୧୨୧ ଟି ଦେଶରେ ଜମାତ୍ ଅହେମଦୀୟା ବ୍ୟାପି ସାରିଛି । ଅର୍ଥାତ ୧୮୮୯ ମସିହାରୁ ୧୯୮୪ ମସିହା ପର୍ଯ୍ୟନ୍ତ ୯୫ ବର୍ଷରେ କେବଳ ୯୨ଟି ଦେଶରେ ଜମାତ୍ ଅହେମଦୀୟା ସ୍ଥାପନ ହୋଇଥିଲା କିନ୍ତୁ ହିଜ୍‌ରତ୍ ପରେ କେବଳ ୩୭ ବର୍ଷ ମଧ୍ୟରେ ୧୨୧ଟି ଦେଶରେ ଜମାତ୍ ଅହେମଦୀୟା ସ୍ଥାପିତ ହୋଇସାରିଛି । ଏହି ମହାନ୍ ବିଜୟ ଏକଥାର ସାକ୍ଷୀ ଯେ ହଜରତ ମସିହ୍ ମଉଦ୍ ଆ:ସଙ୍କୁ ଅଲ୍ଲାଃ ତାଲା ଯେଉଁ ମହାନ୍ ବିଜୟର ଭବିଷ୍ୟବାଣୀ କରିଥିଲେ ତାହା ସତ୍ୟ ଉପରେ ଆଧାରିତ ଥିଲା ଓ ତାହା ଆପଣ ଆ:ସଙ୍କ ସତ୍ୟତାର ଚିହ୍ନ ଥିଲା ।

ଏତଦ୍ ବ୍ୟତୀତ ହଜୁର ଅନଓ୍ୱର ଅ:ବ:ଅ ୨୦୨୧ ର ଜଲ୍‌ସା ସାଲାନା ଅବସରରେ କେବଳ ଏକ ବର୍ଷ ମଧ୍ୟରେ ଜମାତ୍ ଅହେମଦୀୟାର ଉନ୍ନତି/ବିକାଶର ଯେଉଁ ଆଶ୍ଚର୍ଯ୍ୟଜନକ ନକ୍ସା ଟାଣିଲେ, ତାହା ହଜରତ ମସିହ୍ ମଉଦ୍ ଆ:ସଙ୍କର ଏବଂ ଖିଲାଫତ୍ ଅହେମଦୀୟାର ସତ୍ୟତାର ଏକ ବର୍ଣ୍ଣନାକାରୀ ପ୍ରମାଣ । ଏହା ଏକଥାର ବି ପ୍ରମାଣ ଯେ ସୟଦନା ଓ୍ୱ ମୌଲାନା ହଜରତ ଅକ୍‌ଦସ୍ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ଇମାମ୍ ମେହେଦୀ ଏବଂ ମସିହ୍ ମଉଦଙ୍କ ଆଗମନ ତଥା ତାଙ୍କ ବିଜୟ ସମ୍ବନ୍ଧରେ ଯେଉଁ ପେଶ୍‌ଗୋଇ (ଭବିଷ୍ୟବାଣୀମାନ) କରିଥିଲେ ତାହା ମଧ୍ୟ ସତ୍ୟ ଥିଲା ।

ହଜୁର ଅନଓ୍ୱର କେବଳ ଗୋଟିଏ ବର୍ଷ ମଧ୍ୟରେ ଯେଉଁ ଉନ୍ନତି ହୋଇଛି, ତାହାର ନକ୍ସା ଟାଣି କହିଲେ ଯେ ଗୋଟିଏ ବର୍ଷ ମଧ୍ୟରେ ୪୦୩ ଟି ନୂଆ ଜମାଅତ୍ ପ୍ରତିଷ୍ଠା ହୋଇଛି । ୮୨୯ଟି ସ୍ଥାନ ଏପରି ଅଛି, ଯେଉଁଠି ପ୍ରଥମଥର ପାଇଁ ଜମାତ୍ ଅହେମଦୀୟାର ଚାରା ରୋପଣ ହୋଇଛି । ୨୧୧ଟି ମସ୍‌ଜିଦ୍ ନିର୍ମାଣ ହୋଇଛି । ୯୨ ଟି ଦେଶରେ ୩୮୪ ପୁସ୍ତକ ଓ ପାମ୍ପଲେଟ୍‌ସ୍‌କୁ ୩୯ ଭାଷାରେ ପ୍ରକାଶ କରାଯାଇଅଛି । ୧୨୩ ଟି ନୂଆ ମିଶନ୍ ତିଆରି କରାଯାଇଛି । ପୃଥିବୀର ୧୦୨ଟି ଦେଶରେ ଆମ ଜମାତ୍ ବିଷୟରେ ପ୍ରବନ୍ଧ/ସ୍ତମ୍ଭ ପ୍ରକାଶ ପାଇଛି । ୯୦ ଟି ଦେଶର ଲାଇବ୍ରେରୀଗୁଡ଼ିକରେ ଜମାତ୍‌ର ପୁସ୍ତକ ରଖାଯାଇଛି । ୧୯୭୦ ଟି ପ୍ରଦର୍ଶନୀ ଲଗାଯାଇଛି । ୧୦୩ଟି ଦେଶରେ ୬୯ ଲକ୍ଷରୁ ଅଧିକା ଲିଫ୍ ଲେଟ୍ସ ବଂଟା ଯାଇଅଛି ।

ଅଲ୍‌ହମ୍‌ଦୁଲିଲ୍ଲାଃ ବର୍ତମାନ ଏମ୍‌ଟିଏ ର ଆଠଟି ଚ୍ୟାନେଲ ଚାଲୁଅଛି, ଯାହା ୨୪ ଘଂଟା ପୃଥିବୀର ୧୭ଟି ଭାଷାରେ ଇସ୍‌ଲାମୀ ପ୍ରୋଗ୍ରାମ୍ ପ୍ରସାରଣ କରୁଛନ୍ତି । ସେଥିରୁ ଲକ୍ଷ ଲକ୍ଷ ଲୋକ ଲାଭ ଉଠାଉଛନ୍ତି ।

୨୭ଟି ରେଡ଼ିଓ ଷ୍ଟେସନ୍ ଜାରି ରହିଛି । ବୁକ୍ ଷ୍ଟଲ୍‌ଗୁଡ଼ିକରେ ୨୨ ଲକ୍ଷ ଲୋକ ଲାଭ ଉଠାଇଛନ୍ତି । Humanity First ବିଭାଗ ୩୪୫ ମେଡ଼ିକାଲ୍ କ୍ୟାମ୍ପ ଲଗାଇଛି ।

୭୫ ହଜାରରୁ ଅଧିକା ଓ୍ୱାକିଫିନେ ନୌ ଓ ଓ୍ୱାକିଫାତେ ନୌ ମାନଙ୍କର ଆଧ୍ୟାତ୍ମିକ ସେନା ପ୍ରସ୍ତୁତ ହେଉଛନ୍ତି ।

ଉଣା ଅଧିକେ ୩୦୦୦ (ତିନିହଜାର) ଓ୍ୱାଟର୍ ପମ୍ପ ଲଗା ଯାଇଅଛି ।

୧୨ଟି ଦେଶରେ ୬୮୫ ଟି ସ୍କୁଲ୍ ଓ ଅନେକ ଡ଼ାକ୍ତରଖାନା ଚାଲିଛି ।

କେବଳ ୨୦୨୦-୨୧ ବର୍ଷ ଭିତରେ ୧୨୧୧୭୯ ନୂଆ ବୟତ ହୋଇଛି । ଫଅଲ୍‌ହମ୍‌ଦୁ ଲିଲ୍ଲାଃ ଅଲା ଜାଲିକ୍ ।

ଶେଷରେ ମୁଁ ଜମାତ୍ ଅହେମଦୀୟାର ଉନ୍ନତି ସମ୍ବନ୍ଧରେ ସୟଦନା ହଜରତ ମସିହ୍ ମଉଦ୍ ଆ:ସଙ୍କ ଗୋଟିଏ ମହାନ୍ ପେଶ୍‌ଗୋଇ (ଭବିଷ୍ୟବାଣୀ)ର ଚର୍ଚ୍ଚା କରିବାକୁ ଚାହିଁବି, ଯାହାର ସମ୍ପର୍କ କାଦିଆନ୍ ଶାନ୍ତିପୀଠର ଉନ୍ନତି ସହିତ ଜଡ଼ିତ । ଏବଂ ତାହା ଖିଲାଫତେ ଖାମ୍‌ସାଃ (ଅର୍ଥାତ ପଂଚମ ଖିଲାଫତ୍)ର ବୈଭବପୂର୍ଣ୍ଣ ଯୁଗରେ ଅତ୍ୟନ୍ତ ବୈଭର ସହିତ ପୂରଣ ହୋଇଅଛି । ଫଅଲ୍ ହମ୍‌ଦୁଲିଲ୍ଲାଃ ଅଲା ଜାଲିକ୍ ।

ହଜରତ ମସିହ୍ ମଉଦ୍ ଆ:ସ ଐଶିବାଣୀ ପାଇ ଏ ଭବିଷ୍ୟବାଣୀ କରିଥିଲେ ଯେ, "ଏମିତି ଦିନ ଆସୁଅଛି ଯାହା କାଦିଆନ୍‌କୁ ସୂର୍ଯ୍ୟ ପରି ଚମକାଇ ଦେବ ଯେ ତାହା ଜଣେ ସତ୍ୟବାଦୀର ସ୍ଥାନ ଅଟେ ।" *(ଦାଫିଉଲ୍ ବଲା, ରୁହାନୀ ଖଜାଇନ୍, ଖଣ୍ଡ-୧୮, ପୃ-୨୩୧)*

କାଦିଆନ୍‌ର ଏହି ଉନ୍ନତି/ବିକାଶ ହଜରତ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ଯୁଗରୁ ଆରମ୍ଭ ହୋଇ ଚତୁର୍ଥ ଖଲିଫାଙ୍କ ଯୁଗ ପର୍ଯ୍ୟନ୍ତ ଧିରେ ଧିରେ ଜାରି ଥିଲା ପୁଣି ସେଥିରେ ପଂଚମ ଖିଲାଫତ୍‌ର ପବିତ୍ର ଯୁଗରେ ଏକ ମହାନ୍ ବୈପ୍ଳବିକ ବିକାଶ ଦେଖାଗଲା ।

କାଦିଆନ୍‌ର ତବ୍‌ଲିଗ୍ (ପ୍ରଚାର ପ୍ରସାର) ଏମ୍.ଟି.ଏ ଜରିଆରେ ସିଧାପ୍ରସାରଣ କରାଯାଇ ପୃଥିବୀର କୋଣ ଅନୁକୋଣ ପର୍ଯ୍ୟନ୍ତ ପହଂଚୁଛି । ଉର୍ଦ୍ଦୁ, ଆରବୀ ତଥା ଆଗ୍ରେଂଜୀ ଭାଷାରେ ପ୍ରୋଗ୍ରାମଗୁଡ଼ିକ ପ୍ରସାରଣ ହେଉଅଛି ।

କାଦିଆନ୍‌ରେ ଅହେମଦୀମାନଙ୍କ ଆବାଦି ଅସାଧାରଣ ଭାବରେ ବୃଦ୍ଧି ଘଟିଛି । କାଦିଆନ୍‌ରେ ଅତ୍ୟନ୍ତ ସୁନ୍ଦର ସୁନ୍ଦର ଜମାତୀୟ ଅଟ୍ଟାଳିକାମାନ ନିର୍ମାଣ କରାଯାଇଅଛି । ସେଥି ମଧ୍ୟରେ ମର୍କଜି (କେନ୍ଦ୍ରିୟ) ମସ୍‌ଜିଦ୍ ଗୁଡ଼ିକର ନିର୍ମାଣ ତଥା ସମ୍ପ୍ରସାରଣ, ସାହିଗୁଡ଼ିକରେ (ଅର୍ଥାତ କାଦିଆନ୍‌ର ଆଖପାଖରେ- ଅନୁବାଦକ) ନୂଆ ନୂଆ ମସ୍‌ଜିଦ୍ ଗୁଡ଼ିକର ନିର୍ମାଣ, ମନାରତୁଲ୍ ମସିହ୍‌ର ସୌନ୍ଦର୍ଯ୍ୟକରଣ/ସାଜସଜା, ଦାରୁଲ୍ ମସିହ୍‌ର ନବୀକରଣ ଏବଂ ବେହେଶ୍‌ତି ମକ୍‌ବରାଃଠାରେ ସ୍ଥିତ "ମୁକାମେ ଜୁହୁରେ କୁଦ୍‌ରତେ ସାନିଆ" ଉପରେ ଏକ ସୁନ୍ଦର ଓ ଭବ୍ୟ ସ୍ମାରକୀ ରହିଛି । ହଜରତ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ସମାଧି ପୀଠର ଚତୁଃପାର୍ଶ୍ୱରେ ଥିବା ପାଚେରୀର ପୁନଃ ନିର୍ମାଣ ହୋଇଅଛି । ତାହାର ପୁନଃ ନିର୍ମାଣ ସମୟରେ କାଦିଆନ୍‌ର

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: ***Anisha Begum, Jamat Ahmadiyya, Kerang (Odisha)***

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

ତାଲିବେ ଦୁଆ: ***Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)***

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: ***Idrish Khan, Jamat Ahmadiyya, Kerang (Odisha)***

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

ଅଧିବାସୀମାନଙ୍କୁ ସେଠାରେ ପହରା ଦେବାପାଇଁ ମହାନ୍ ସୌଭାଗ୍ୟ ମିଳିଲା । ଜାମିଆ ଅମେହଦୀୟାର ନିର୍ମାଣ, ଅନେକ ଦଫ୍ତର୍ (କାର୍ଯ୍ୟାଳୟ) ନିର୍ମାଣ, ନୁରୁଦ୍ଦିନ୍ ଲାଇବ୍ରେରୀର ମହାନ୍ ଅଟ୍ଟାଳିକା, ଗେଷ୍ଟ ହାଉସ୍‌ର ନିର୍ମାଣ, ଲଜ୍‌ନା ଇମାଇଲ୍ଲାଃ ଭାରତର କାର୍ଯ୍ୟାଳୟ ନିର୍ମାଣ, ନୂର ହସ୍ପିଟାଲ୍‌ର ଭବ୍ୟ ଅଟ୍ଟାଳିକା, ଫଜ୍‌ଲେ ଉମର୍ ପ୍ରିଟିଙ୍ଗ ପ୍ରେସ୍, ଏବଂ ପୁରୁଣା ସ୍କୁଲ୍‌ଠାରେ ସଦର୍ ଅଞ୍ଜୁମନ୍ ଅହେମଦୀୟା କାର୍ଯ୍ୟାଳୟ ଗୁଡ଼ିକର ନବୀକରଣ ତଥା ସୁନ୍ଦର ସେଟିଂ ଏବଂ ସୌନ୍ଦର୍ଯ୍ୟକରଣ କରାଯାଇଅଛି ।

ଅଲ୍‌ହମ୍‌ଦୁଲିଲ୍ଲାଃ ଆଜିର ଏହି କାଦିଆନ୍ ପୂର୍ବାପେକ୍ଷା ପୃଥିବୀବାସୀଙ୍କ ପାଇଁ ଧ୍ୟାନ ଆକର୍ଷଣର କେନ୍ଦ୍ର ପାଲଟି ଯାଇଛି । ଏହା ସବୁ ହେଉଛି ଖିଲାଫତ୍‌ର ମହାନ୍ ଆଶୀର୍ବାଦ । ଅଲ୍ଲାଃ ତାଲା ଆମ ସମସ୍ତଙ୍କୁ କାଦିଆନ୍ ପ୍ରତି ଥିବା କର୍ତବ୍ୟକୁ ସମ୍ପାଦନ କରିବା ପାଇଁ ଏବଂ ଖିଲାଫତ୍ ପ୍ରତି ଥିବା ଦାୟିତ୍ୱକୁ ନିର୍ବାହ କରିବା ପାଇଁ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ସୟଦନା ହଜରତ ଅମୀରୁଲ୍ ମୁମିନିନ୍ ଅ:ବ:ଅ କହିଛନ୍ତି:-

ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ଏ କର୍ତବ୍ୟ ଯେ........ ସେ ଏକଥା ସର୍ବଦା ମନେରଖୁ ଯେ ତା'ର ସମସ୍ତ ଉନ୍ନତି ଓ ସଫଳତାର ରହସ୍ୟ ଖିଲାଫତ୍ ସହିତ ସଂଲଗ୍ନ ହେବାରେ ନିହିତ ରହିଛି । ସେହି ବ୍ୟକ୍ତି ଏ ସମ୍ପ୍ରଦାୟର ହିତକାରୀ ସଦସ୍ୟ ହୋଇପାରିବ ଯିଏ ନିଜକୁ ଇମାମ୍‌ଙ୍କ ସହିତ ଯୋଡ଼ି ହୋଇ ରଖିବ । ଯଦି କୌଣସି ବ୍ୟକ୍ତି ଇମାମ୍‌ଙ୍କ ସହିତ ନିଜକୁ ଯୋଡ଼ିବ ନାହିଁ, ସେ ସାରା ଦୁନିଆର ଜ୍ଞାନ ଜାଣିଥାଉ ପଛକେ, ତା'ର କୌଣସି ସ୍ଥିତି ହିଁ ନାହିଁ । ଯେପର୍ଯ୍ୟନ୍ତ ଆପଣମାନଙ୍କର ବୁଦ୍ଧି ଓ ଯୋଜନା ଖିଲାଫତ୍ ଅଧିନରେ ରହିବ ଏବଂ ଆପଣମାନେ ନିଜ ଇମାମ୍‌ଙ୍କ ପଛରେ ତାହାଙ୍କ ଇସାରାରେ ପରିଚାଳିତ ହେଉଥିବେ ସେପର୍ଯ୍ୟନ୍ତ ଅଲ୍ଲାଃ ତାଲାଙ୍କ ସାହାଯ୍ୟ ଓ ସହଯୋଗ ଆପଣମାନଙ୍କୁ ହାସଲ ହୋଇଚାଲିବ । *(ଦୈନିକ ଅଲ୍‌ଫଜଲ୍ ୩୦ ମଇ ୨୦୦୩, ପୃ-୨ ସ୍ତମ୍ଭ-୧, ଯୋମେ ଖିଲାଫତ୍ ଅବସରରେ ରାଓଲ୍‌ପେଣ୍ଡି ଜମାତ୍‌ର ସଦସ୍ୟମାନଙ୍କ ନିମନ୍ତେ ହଜୁର ଅନୱରଙ୍କ ବାର୍ତା)*

ପ୍ରିୟ ଶ୍ରୋତାଗଣ ! ଶେଷରେ ମୁଁ ହଜରତ ମସିହ୍ ମଉଦ୍ ଆ:ସଙ୍କ ମହାନ୍ ଉନ୍ନତି/ବିକାଶ/ଅଗ୍ରଗତି ଉପରେ ପରିବେଷ୍ଟିତ ବିଷୟବସ୍ତୁର ଚର୍ଚ୍ଚା କରିବା ସହିତ ଏହି ବିଶ୍ୱାସବର୍ଦ୍ଧକ ସତ୍ୟତାକୁ ମଧ ବର୍ଣ୍ଣନା କରିବାକୁ ଚାହିଁବି ଯେ ବିଗତ ଦୁଇ ବର୍ଷ ମଧ୍ୟରେ, ଯେବେଠାରୁ ଏ ପୃଥିବୀ କୋରୋନା ମହାମାରୀର ଭୟଙ୍କର ପାଦୁର୍ଭାବରେ କବଳିତ ହୋଇଚାଲିଛି, ପୃଥିବୀର କୌଣସି ସ୍ଥାନ ଏପରି ନାହିଁ ଯାହା ପତନ ଓ ଅଧୋଗତିର ସମୟ ମଧ୍ୟରେ ଗତି କରୁନଥିବ । ଚାରିଆଡ଼େ ଅସୁବିଧା ଓ ବିପତି ନିଜର ଜାଲ ବିଛାଇ ରଖିଛି । ଏପରି ପରିସ୍ଥିତିରେ ଅଲ୍ଲାଃ ତାଲାଙ୍କ ଏ ଅନୁଗ୍ରହ ଓ ଦୟା ଯେ ଜମାତ୍ ଅହେମଦୀୟା ଅଲ୍ଲାଃଙ୍କ କୃପାରୁ ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଗତି କରିଚାଲିଛି । ହଜରତ ଅମୀରୁଲ୍ ମୁମିନିନ୍ ଅ:ବ:ଅଙ୍କ ତରଫରୁ ଉପସ୍ଥାପିତ ହୋଇଥିବା ଜମାତ୍ ଅହେମଦୀୟାର ଉନ୍ନତି/ବିକାଶ ର ଗୋଟିଏ ଝଲକ ଯାହା ଏବେ ଏବେ ଉପସ୍ଥାପନ କରାଗଲା, ତାହା ଏକଥାର ସାକ୍ଷୀ ଯେ ଅଲ୍ଲାଃ ତାଲା ପ୍ରତ୍ୟେକ କ୍ଷେତ୍ରରେ ଜମାତ୍ ଅହେମଦୀୟାକୁ ଉନ୍ନତି ପ୍ରଦାନ କରିଚାଲିଛି । ଜମାତ୍‌ର ଧନ ଓ ଜନରେ ବୃଦ୍ଧି ଘଟାଉଛନ୍ତି । ପୃଥିବୀର କୌଣସି କୋଣ ଏପରି ନାହିଁ ଯେଉଁଠି ବିଶ୍ୱବ୍ୟାପି ଜମାତ୍ ଅହେମଦୀୟାର ଖିଲାଫତ୍ ଛତ୍ରଛାୟା ତଳେ ବିଜୟର ତୂରୀ ଫୁଙ୍କା ହେଉନଥିବ ।

ଶେଷରେ ମୁଁ ସୟଦନା ହଜରତ ମସିହ୍ ମଉଦ୍ ଆ:ସଙ୍କର ଦୁଇଟି ବିଶ୍ୱାସବର୍ଦ୍ଧକ ଆଲେଖ୍ୟ ଉପସ୍ଥାପନ କରି ନିଜର ଏହି ବକ୍ତବ୍ୟକୁ ଶେଷ କରିବି । ହଜରତ ମସିହ୍ ମଉଦ୍ ଆ:ସ କହିଛନ୍ତି:-

"ନୂଆ ପୃଥିବୀ ହେବ ଓ ନୂଆ ଆକାଶ ହେବ । ବର୍ତମାନ ଏପରି ଦିନ ପାଖେଇ ଆସୁଛି ଯେ ସତ୍ୟର ସୂର୍ଯ୍ୟ ପଶ୍ଚିମରୁ ଉଦୟ ହେବ । ୟୁରୋପବାସୀଙ୍କୁ ପ୍ରକୃତ ଈଶ୍ୱରଙ୍କ ଠିକଣା ମିଳିବ । ତା'ପରେ ପୁଣି ତୌବାଃ (ପଶ୍ଚାତାପ/ଅନୁତାପ)ର ଦ୍ୱାର ବନ୍ଦ ହୋଇଯିବ । କାରଣ ଏଥିରେ ପ୍ରବେଶ କରିବାକୁ ଥିବା ଲୋକମାନେ ବହୁତ ଜୋର୍‌ରେ ପ୍ରବେଶ ହୋଇଯିବେ । ଆଉ ସେହି ଲୋକମାନେ ବାକି ରହିଯିବେ ଯେଉଁମାନଙ୍କ ହୃଦୟର କବାଟ ସ୍ୱଭାବିକ ଭାବେ ବନ୍ଦ ରହିଥିବ ଓ ସେମାନେ ଆଲୋକକୁ ନୁହେଁ ବରଂ ଅନ୍ଧକାରକୁ ଭଲ ପାଉଥିବେ । ସମସ୍ତ ସମ୍ପ୍ରଦାୟର ବିଲୋପ ହେବା ନିଶ୍ଚିତପ୍ରାୟ କିନ୍ତୁ ଇସ୍‌ଲାମ୍ (ବଂଚି ରହିବ) । ଇସ୍‌ଲାମ୍‌ର ସ୍ୱର୍ଗୀୟ ଅସ୍ତ୍ର ବ୍ୟତୀତ ସମସ୍ତ ଅସ୍ତ୍ର ଭାଙ୍ଗିଯିବ । ଏହା ସେ ପର୍ଯ୍ୟନ୍ତ ଭାଙ୍ଗିବ ନାହିଁ କି ଖରାପ ହେବନାହିଁ ଯେପର୍ଯ୍ୟନ୍ତ ସେ ଦଜ୍ଜାଲ୍‌କୁ ଖଣ୍ଡ ଖଣ୍ଡ ନ କରିଦେଇଛି । ଏପରି ସମୟ ଅତି ନିକଟତର ଯେତେବେଳେ ଈଶ୍ୱରଙ୍କ ସଚ୍ଚା ଏକେଶ୍ୱରବାଦ ଯାହାକୁ ବଣଜଙ୍ଗଲରେ ରହୁଥିବା ଲୋକମାନେ ଓ ସମସ୍ତ ଅଶିକ୍ଷିତ ଲୋକମାନେ ବି ଅନୁଭବ କରନ୍ତି, ତାହା ଦେଶ ବିଦେଶରେ ବ୍ୟାପିଯିବ । ସେହି ଦିନ ନା ତ କୌଣସି କୃତ୍ରିମ କଫାରାଃ (ପାପରୁ ବଂଚିବା ପାଇଁ ମାର୍ଗ-ଅନୁବାଦକ) ବାକି ରହିବ ନା କୌଣସି କୃତ୍ରିମ ଈଶ୍ୱର ବାକି ରହିବେ । ଈଶ୍ୱରଙ୍କର ଗୋଟିଏ ହାତ କୁଫର୍ (ଅଧର୍ମତା) ର ସମସ୍ତ ଯୋଜନାକୁ ପଣ୍ଡ କରିଦେବ । କିନ୍ତୁ ଏହା ନା ତ କୌଣସି ତରବାରୀ ସାହାଯ୍ୟରେ ଓ ନା କୌଣସି ବନ୍ଧୁକ ଦ୍ୱାରା ହେବ ବରଂ ତାହା ତତ୍ପର ଆତ୍ମାମାନଙ୍କୁ ଆଲୋକ ଦେଖାଇବା ଦ୍ୱାରା ତଥା ପବିତ୍ର ଆତ୍ମାମାନଙ୍କ ଉପରେ ଜ୍ୟୋତି ଉତରଣ କରିବା ଦ୍ୱାରା ସାଧିତ ହେବ । ମୁଁ ଯାହା ଏବେ କହୁଅଛି ତାହା ସେତେବେଳେ ବୁଝାପଡ଼ିବ । *(ମଜ୍‌ମୁଆ ଇସ୍ତେହାରାତ୍, ଖଣ୍ଡ-୧, ପ:-୧୮୩, ଇସ୍ତେହାର ନଂ- ୧୫୯, ମୁଦ୍ରିତ କାଦିଆନ୍ ୨୦୧୯)*

ପୁଣି ହଜରତ ମସିହ୍ ମଉଦ୍ ଆ:ସ କହିଛନ୍ତି:

"ଖୁଦାତାଲା ମତେ ବାରମ୍ବାର ଖବର ଦେଇଛନ୍ତି ଯେ ସେ ମତେ ବହୁତ ସମ୍ମାନ ଦେବ ଓ ମୋ ପ୍ରେମକୁ ଲୋକମାନଙ୍କ ହୃଦୟରେ ସ୍ଥାପିତ କରିଦେବ ଏବଂ ମୋ ସମ୍ପ୍ରଦାୟକୁ ସାରା ଭୁପୃଷ୍ଠରେ ବିସ୍ତାର କରିଦେବ ଓ ସମସ୍ତ ଫିର୍କା ଉପରେ ମୋ ଫିର୍କାକୁ ବିଜୟୀ କରିବ ଏବଂ ମୋ ଫିର୍କା (ସମ୍ପ୍ରଦାୟ)ର ଲୋକମାନେ ବୁଦ୍ଧି ଓ ଜ୍ଞାନରେ ଏତେମାତ୍ରାରେ ସିଦ୍ଧତା ହାସଲ କରିବେ ଯେ ନିଜ ସତ୍ୟତାର ଆଲୋକ ସାହାଯ୍ୟରେ ତଥା ନିଜର ତର୍କପୂର୍ଣ୍ଣ ଯୁକ୍ତି ଓ ନିଦର୍ଶନ ଦ୍ୱାରା ସମସ୍ତଙ୍କର ମୁହଁ ବନ୍ଦ କରିଦେବେ । ପ୍ରତ୍ୟେକ ଜାତି ଏହି ନିର୍ଝରରୁ ପାଣି ପିଇବ । ଏହି ଶୃଙ୍ଖଳା ବହୁତ ଶୀଘ୍ର ଶୀଘ୍ର ବଢ଼ିଚାଲିବ, ବିସ୍ତାର ହୋଇଚାଲିବ ଏପରି କି ସାରା ପୃଥିବୀରେ ବ୍ୟାପିଯିବ । ବହୁତ ପ୍ରତିବନ୍ଧକ ସୃଷ୍ଟି କରାଯିବ ଓ ବିପତି ଆସିବ କିନ୍ତୁ ଈଶ୍ୱର ସେ ସବୁକୁ ମଝିରୁ କାଢ଼ି ଉଠାଇଦେବେ ଓ ସେ ନିଜର ପ୍ରତିଶୃତିକୁ ପୂରଣ କରିବେ । ଈଶ୍ୱର ମତେ ସମ୍ବୋଧନ କରି କହିଛନ୍ତି ଯେ ମୁଁ ତୁମକୁ ଆଶୀର୍ବାଦ ଉପରେ ଆଶୀର୍ବାଦ ଦେବି ଏପରି କି ସମ୍ରାଟମାନେ ତୁମ ପୋଷାକରୁ ଆର୍ଶୀବାଦ ଖୋଜିବେ ।

ଅତଏବ ହେ ଶୁଣୁଥିବା ଲୋକମାନେ ! ଏହି କଥା ସବୁକୁ ମନେରଖ ଏବଂ

### ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

*ତାଲିବେ ଦୁଆ:* ***Majlis Lajna Imaillah,***
***Jamat Ahmadiyya, Kerang (Odisha)***

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

*ତାଲିବେ ଦୁଆ:* ***Muhmmad Naimul Haque & Family,***
***Jamat Ahmadiyya, Pankal (Odisha)***

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

*ତାଲିବେ ଦୁଆ:* ***Abdul Chand & Family,***
***Jamat Ahmadiyya, Kerang (Odisha)***

ଏହି ଭବିଷ୍ୟବାଣୀଗୁଡ଼ିକୁ ନିଜ ସିନ୍ଦୁକ ଗୁଡ଼ିକ ମଧ୍ୟରେ ସାଇତି ରଖ କାରଣ ଏହା ହେଉଛି ଈଶ୍ୱରଙ୍କ ବାଣୀ ଯାହା ଦିନେ ନା ଦିନେ ପୂରଣ ହେବ ।

*(ତଜଲ୍ଲିୟାତେ ଇଲାହିୟା, ରୁହାନୀ ଖଜାଇନ୍, ଖଣ୍ଡ-୨୦, ପୃ-୪୦୯)*

ପୁଣି ହଜରତ ମସିହ୍ ମଉଦ୍ ଆ:ସ କହିଛନ୍ତି:-

"ହେ ସମସ୍ତ ଲୋକମାନେ ! ଶୁଣିରଖ ଯେ ଏହା ହେଉଛି ତା'ର ଭବିଷ୍ୟବାଣୀ ଯିଏ ଏ ପୃଥିବୀ ଓ ଆକାଶକୁ ତିଆରି କରିଛନ୍ତି । ସେ ନିଜର ଏହି ଜମାତ୍‌କୁ ସମଗ୍ର ଦେଶମାନଙ୍କରେ ବିସ୍ତାର କରିବ ଏବଂ ଯୁକ୍ତି ଓ ପ୍ରମାଣ ଦ୍ୱାରା ସମସ୍ତଙ୍କ ଉପରେ ସେମାନଙ୍କୁ ବିଜୟ ପ୍ରଦାନ କରିବ । ଏପରି ଦିନ ଆସୁଅଛି ବରଂ ଅତି ନିକଟତର ଯେ ଏ ପୃଥିବୀରେ ଏହା ଏକମାତ୍ର ଧର୍ମ ହେବ ଯାହାକୁ ସମ୍ମାନ ସହକାରେ ମନେରଖାଯିବ । ଖୁଦାତାଲା ଏହି ଧର୍ମ ତଥା ଏହି ସମ୍ପ୍ରଦାୟ ଉପରେ ଅତ୍ୟନ୍ତ ସମ୍ମାନଜକ ଓ ଅସାଧାରଣ ଆଶୀର୍ବାଦ ପ୍ରଦାନ କରିବେ । ଯେଉଁମାନେ ଏହାକୁ ବିଲୋପ କରିଦେବାପାଇଁ ମନୋଭାବ ପୋଷଣ କରଛନ୍ତି ସେ ସେମାନଙ୍କୁ ଅସଫଳ କରିଦେବେ । ଏବଂ ଏହି ବିଜୟ କୟାମତ୍ (ମହାପ୍ରଳୟ) ପର୍ଯ୍ୟନ୍ତ ନିରନ୍ତର ଜାରି ରହିବ । *(ତଜ୍‌କରତୁଶ୍ ଶାହାଦତୈନ୍, ରୁହାନୀ ଖଜାଇନ୍, ଖଣ୍ଡ-୨୦, ପୃ-୬୬)*

ଅଲ୍ଲାଃ ତାଲା ଆମମାନଙ୍କୁ ସେହି ଶେଷ ଆଧ୍ୟାତ୍ମିକ ବିଜୟ ଦେଖାଇବା ପାଇଁ ସୌଭାଗ୍ୟ ପ୍ରଦାନ କରନ୍ତୁ । *ୱ ଆଖିରୁ ଦାୱାନା ଅନିଲ୍ ହମ୍‌ଦୁ ଲିଲ୍ଲାଃ ରବ୍‌ବିଲ୍ ଆଲମିନ୍*

**ପୃଷ୍ଠା-୦୭ ର ଅବଶିଷ୍ଟାଂଶ......**

ହୋଇଗଲା ଓ ଘାନା ଦେଶର ମାଟି ତଳୁ ତେଲ ବାହାରିଲା । *(ବହୱାଲା ଦୈନିକ ଖବରକାଗଜ ଅଲ୍‌ଫଜଲ୍ ଦୁଆ ସଂଖ୍ୟା ୨୮ ଡ଼ିସେମ୍ବର ୨୦୧୫)*

ବନ୍ଧୁଗଣ ! ଏ ଅଧମ ସମୟକୁ ଆଖି ଆଗରେ ରଖି ଦୁଆ ଗ୍ରହଣୀୟ ହେବାର କେବଳ କିଛି ମାତ୍ର ଘଟଣାବଳୀ ଉଦାହରଣ ସ୍ୱରୁପ ଉପସ୍ଥାପନ କରିଅଛି ନଚେତ ଏ ପ୍ରସଙ୍ଗରେ ଅଗଣତି ବିଶ୍ୱାସ ବର୍ଦ୍ଧକ ଘଟଣାମାନ ରହିଛି, ତାହା ସବୁ ବର୍ଣ୍ଣନା କଲେ ଗୋଟିଏ ବିରାଟ ଗ୍ରନ୍ଥ ତିଆରି ହୋଇଯିବ । ଅତଃ ଦୁଆ ଗ୍ରହଣୀୟ ହେବାର ଘଟଣାବଳୀମାନ ବାସ୍ତବପକ୍ଷେ ଈଶ୍ୱରଙ୍କ ଅସ୍ତିତ୍ୱ ନିମନ୍ତେ ଏକ ଜ୍ୱଳନ୍ତ ସାକ୍ଷ୍ୟ ଏବଂ ତାହାର ପ୍ରକାଶ ପାଇଁ ଧର୍ମ ପରାୟଣତା, ପବିତ୍ର ଆତ୍ମା ବିନମ୍ରତା ତଥା ଉଦାର ସ୍ୱଭାବର ଆବଶ୍ୟକତା ରହିଛି । ଯେମିତି କି ହଜରତ ମସିହ୍ ମଉଦ୍ ଆ:ସ କହିଛନ୍ତି:-

**କୋଇ ଉସ୍ ପାକ୍ ସେ ଦିଲ୍ ଲଗାୱେ**
**କରେ ପାକ୍ ଆପ୍‌କୋ ତବ୍ ଉସ୍‌କୋ ପାୱେ**
**ଯୋ ଖାକ୍ ମେଁ ମିଲେ ଉସେ ମିଲ୍‌ତା ହୈ ଆଶ୍‌ନା**
**ଅଏ ଆଜ୍‌ମାନେ ୱାଲେ ୟେ ନୁସ୍‌ଖା ଭି ଆଜ୍‌ମା**

ସେହିପରି ହଜରତ ମସିହ୍ ମଉଦ୍ ଆ:ସ କହିଛନ୍ତି:-

"ଆମ୍ଭେ ଦୁଆ ଜରିଆରେ ସମୟ ପୂର୍ବରୁ ଅଲ୍ଲାଃ ତାଲାଙ୍କଠାରୁ ଖବର ପାଉଅଛୁ, ଏହା ଦ୍ୱାରା ଏତେମାତ୍ରାରେ ବିଶ୍ୱାସ ବଢ଼ିଯାଉଛି କି ସତେ ଯେପରି ଆମ୍ଭେ ଆମ୍ଭ ଅଲ୍ଲାଃଙ୍କୁ ଦେଖି ନେଉଛୁ । .......... ଏହି ଦୁଆ ହିଁ ଅଟେ ଯଦ୍ୱାରା ଖୁଦା ଚିହ୍ନି ହୁଅନ୍ତି ତଥା ସେହି ପ୍ରତାପଶାଳୀଙ୍କ ଅସ୍ତିତ୍ୱର ଠିକଣା ମିଳିଥାଏ ଯିଏ ହଜାର ହଜାର ପରତ ଭିତରେ ଲୁକ୍କାୟିତ ଅଛନ୍ତି ।" ***(ଅୟାମୁସ୍ ସୁଲାହ୍, ରୁହାନୀ ଖଜାଇନ୍, ଖଣ୍ଡ-୨୨, ପୃ-୨୩୮)***

**ୱ ଆଖିରୁ ଦାୱାନା ଅନିଲ୍ ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍**

**ହଜୁର ଅନୱରଙ୍କ ଗୋଚରେ ଡ଼ାକ ଦ୍ୱାରା ଚିଠି ଲେଖୁଥିବା ଲୋକମାନଙ୍କ ପାଇଁ**

## ନୂଆ ଠିକଣା

ଯମାତ୍‌ର ସଦସ୍ୟମାନେ ଜାଣିଛନ୍ତି ଯେ, ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଗତ କିଛି ସପ୍ତାହ ହେବ ମସ୍‌ଜିଦ୍ ଫଜଲ୍‌ରୁ ଆସି ନୂଆ ମର୍କଜ୍ ଇସାଲାମବାଦ ଟିଲ୍‌ଫୋର୍ଡ଼ଠାରେ ରହୁଛନ୍ତି, ଯେଉଁ ଲୋକମାନେ ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ସେବାରେ ପ୍ରାର୍ଥନା ମୂଳକ ଚିଠି ଡ଼ାକ ଦ୍ୱାରା ପଠାଉଛନ୍ତି ସେମାନେ ଏବେ ନିମ୍ନଲିଖିତ ନୂଆ ଠିକଣାରେ ଚିଠି ପଠାନ୍ତୁ ।

Islamabad, 2, Sheephatch Lane,
Tilford Surrey GU10 2AQ

*ପୃଷ୍ଠା-୦୩ ର ଅବଶିଷ୍ଟାଂଶ......*

ଲାଗୁଛି, ଯେଉଁମାନେ ଅନ୍ୟ କାହାକୁ ଏହା ଉପରେ ପ୍ରାଧାନ୍ୟ ଦେଉଛନ୍ତି । ତୁମର ସମସ୍ତ ସଫଳତା ଓ ମୁକ୍ତିର ମୂଳ ଉସ୍ ପବିତ୍ର କୁର୍‌ଆନ୍‌ରେ ରହିଛି । ତୁମର ଏପରି କୌଣସି ଧର୍ମଗତ ଆବଶ୍ୟକତା ନାହିଁ, ଯାହା ପବିତ୍ର କୁର୍‌ଆନ୍‌ରେ ଉପଲବ୍ଧ ହୋଇନାହିଁ । ମହାପ୍ରଳୟ ଦିନ ତୁମ ବିଶ୍ୱାସ ସତ କି ମିଛ ତାହାର କଷଟି ପଥର ହେଉଛି ପବିତ୍ର କୁର୍‌ଆନ୍ । ଆକାଶ ତଳେ ପବିତ୍ର କୁର୍‌ଆନ୍ ବ୍ୟତୀତ ଅନ୍ୟ କୌଣସି ପୁସ୍ତକ ନାହିଁ ଯାହା ପ୍ରତ୍ୟକ୍ଷ ରୂପେ ତୁମର ପଥ ପ୍ରଦର୍ଶନ କରିପାରିବ । ଈଶ୍ୱର ତୁମ ଉପରେ ଅପାର ଅନୁଗ୍ରହ କରିଛନ୍ତି ଯେ ପବିତ୍ର କୁର୍‌ଆନ୍ ପରି ପୁସ୍ତକ ତୁମକୁ ଅର୍ପଣ କରିଛନ୍ତି । ମୁଁ ତୁମକୁ ସତ୍ୟ କହୁଅଛି, ଯେଉଁ ପୁସ୍ତକଟି ତୁମ ସମ୍ମୁଖରେ ଆବୃତି କରାଯାଇଛି, ଯଦି ତାହା ଖ୍ରୀଷ୍ଟିୟାନ୍‌ମାନଙ୍କ ପ୍ରତି ପଠନ କରାଯାଇ ଥାଆନ୍ତା, ତେବେ ସେମାନେ ବିନାଶ ହୋଇ ନଥାନ୍ତେ । ଏହି ପୁରସ୍କାର ତଥା ନୀତିଶିକ୍ଷା ଯାହା ତୁମକୁ ଦିଆଯାଇଅଛି, ଯଦି ଇହୁଦୀମାନଙ୍କୁ ତୌରାତ୍ ପରିବର୍ତେ ଏହାକୁ ଉପଲବ୍ଧ କରାଯାଇ ଥାଆନ୍ତା, ତେବେ ସେମାନଙ୍କ ମଧ୍ୟରୁ କେତେକ ଗୋଷ୍ଠୀ ମହାପ୍ରଳର ସ୍ଥିତିକୁ ଅବଜ୍ଞା କରିନଥାନ୍ତେ । ତେଣୁ ଏହି ଉପକାରର ମହତ୍ୱକୁ ବୁଝ, ଯାହା ତୁମକୁ ଦିଆଯାଇଛି । ଏହା ଅତି ଉତମ ଉପକାର, ଏହା ଅଗାଧ ସମ୍ପତି । ଯଦି ପବିତ୍ର କୁର୍‌ଆନ୍ ସଂସାରକୁ ଆସି ନଥାନ୍ତା, ତେବେ ଏ ସଂସାର ଏକ ତୁଚ୍ଛ, ଅପବିତ୍ର ମାସଂ ପିଣ୍ଡୁଳା ପରି ରହିଥାନ୍ତା । ପବିତ୍ର କୁର୍‌ଆନ୍ ହେଉଛି ସେହି ପୁସ୍ତକ ଯାହା ସମ୍ମୁଖରେ ଅନ୍ୟ ସମସ୍ତ ତତ୍ୱଜ୍ଞାନ ଓ ପଥପ୍ରଦର୍ଶନର ଶିକ୍ଷା ନଗଣ୍ୟ । *(କଶ୍‌ତି ନୂହ୍, ରୁହାନି ଖଜାଇନ୍, ଖଣ୍ଡ-୧୯, ପୃ-୨୬-୨୭ ମୁଦ୍ରିତ ରବ୍‌ୱା)*

ପବିତ୍ର କୁର୍‌ଆନ୍ ହେଉଛି ଏପରି ପୁସ୍ତକ ଯିଏ ନିଜର ମହାନତା, ନିଜର ପ୍ରଜ୍ଞା, ନିଜର ସତ୍ୟତା, ନିଜର ଶ୍ରେଷ୍ଠତା, ନିଜର ସୂକ୍ଷ୍ମତା ତଥା ନିଜର ଆଧ୍ୟାତ୍ମିକ ଜ୍ୟୋତିର ଦାବି ନିଜେ ହିଁ କରିଅଛି ଏବଂ ନିଜେ ନିଜର ଅନୁପମ ହେବାର ପ୍ରକାଶ ନିଜେ କରିଦେଇଛି । ଏକଥା ଚିନ୍ତା କରନାହିଁ ଯେ କେବଳ ମୁସଲମାନମାନେ ମନଇଚ୍ଛା ତାହାର ସୁଗୁଣଗୁଡ଼ିକୁ ଅଭିହିତ କରିଦେଇଛନ୍ତି ବୋଲି, ଏହା କଦାପି ନୁହେଁ ବରଂ ସେ ସ୍ୱୟଂ ନିଜର ସୁଗୁଣ ଓ ନିଜର ସିଦ୍ଧତାକୁ ବର୍ଣ୍ଣନା କରୁଅଛି । ନିଜେ ସ୍ୱତନ୍ତ୍ର ଓ ଅନନ୍ୟ ହେବା କଥା ସେ ସମଗ୍ର ପ୍ରାଣୀ ଜଗତ ସମ୍ମୁଖରେ ପେଶ୍ କରୁଅଛି ଏବଂ ଉଚ୍ଚ ସ୍ୱରରେ **ହଲ ମିନ୍ ମାଆରିଜ୍** ର ଦୁନ୍ଦୁଭି ବଜାଇଚାଲିଛି ଏବଂ ତାହାର କେବଳ ଦୁଇ ତିନୋଟି ସତ୍ୟ ସମ୍ବଳିତ ତଥ୍ୟ ନାହିଁ ଯେ କୌଣସି ଜଣେ ଅଜ୍ଞ ବ୍ୟକ୍ତି ତା' ଉପରେ ସନ୍ଦେହ କରିବ ବରଂ ତାହାର ତଥ୍ୟଗୁଡ଼ିକ ସମୁଦ୍ରର ଜଳ ଭଣ୍ଡାର ପରି ପ୍ରସ୍ଫୁଟିତ ହେଉଅଛି ଏବଂ ଆକାଶରେ ଥିବା ତାରାମାନଙ୍କ ପରି ଯେଉଁଠାରେ ବି ଦୃଷ୍ଟି ନିକ୍ଷେପ କରିବ ତାହା ଝଟକୁ ଥିବାର ଦେଖାଯାଉଅଛି । କୌଣସି ସତ୍ୟ ଏପରି ନାହିଁ ଯାହା ତା ଭିତରେ ନଥିବ । ଏପରି କୌଣସି ଜ୍ଞାନ ନାହିଁ ଯାହା ତାହାଦ୍ୱାରା ବର୍ଣ୍ଣିତ ହୋଇନଥିବା, ଏପରି କୌଣସି ଜ୍ୟୋତି/ସତ୍ ଆଲୋକ ନାହିଁ ଯାହା ତାହାର ଅନୁସରଣ କରିବାରେ ନ ମିଳୁଥିବ । ଏହି ସବୁ କଥା ବିନା ପ୍ରମାଣରେ ଉପସ୍ଥାପନ କରାଯାଉନାହିଁ । ଏପରି କୌଣସି ବିଷୟ ନାହିଁ ଯାହା କେବଳ ମୁହଁରେ ହିଁ କୁହାଯାଇଥାଏ ବରଂ ଏହା ହେଉଛି ସତ୍ୟତାର ଏକ ସୁଚିନ୍ତିତ ଓ ଅନ୍ତର୍ନିହିତ ପ୍ରମାଣ, ଯାହା ତେରଶହ ବର୍ଷ ଧରି ଅନବରତ ନିଜର ଆଲୋକ ଦେଖାଇ ଆସୁଅଛି । ଆମେ ମଧ୍ୟ ସେହି ସତ୍ୟତାକୁ ଆମର ଏହି ପୁସ୍ତକରେ ଅତ୍ୟନ୍ତ ବିସ୍ତୃତ ଭାବରେ ଲେଖିଅଛୁ । ପବିତ୍ର କୁର୍‌ଆନୀୟ ତଥ୍ୟ ଓ ଜ୍ଞାନକୁ ଏତେମାତ୍ରାରେ ବର୍ଣ୍ଣନା କରିଅଛୁ ଯେ ତାହା ଜଣେ ସଚ୍ଚୋଟ ଅନ୍ୱେଷଣକାରୀକୁ ସାନ୍ତ୍ୱନା ଦେବା ପାଇଁ ତଥା ତା'ର ସନ୍ଦେହ ନିବାରଣ ନିମନ୍ତେ ଗୋଟିଏ ମହାସାଗର ପରି ଜୋଶ୍ ମାରୁଅଛି । *(ବରାହିନେ ଅହେମଦୀୟା ଭାଗ-୪, ରୁହାନି ଖଜାଇନ୍, ଖଣ୍ଡ-୧, ପୃ-୬୬୨, ହାଶିୟା-୧୧)*

**ଇସ୍‌ଲାମ୍ ଏବଂ ଜମାତ୍ ଅହେମଦୀୟା ବିଷୟରେ କୌଣସି ପ୍ରକାର ସୂଚନା ପାଇବା ପାଇଁ ସମ୍ପର୍କ କରନ୍ତୁ**

**ନୁରୁଲ୍ ଇସ୍‌ଲାମ୍‌ର ନିଃଶୁଳ୍କ ସେବା ନଂ:**
**୧୮୦୦ ୩୦୧୦ ୨୧୩୧**
(ଶୁକ୍ରବାରକୁ ଛାଡ଼ି ପ୍ରତିଦିନ ସକାଳ ୯:୦୦ ରୁ ରାତି ୧୧:୦୦ ପର୍ଯ୍ୟନ୍ତ)
Web.www.alislam.org
www.ahmadiyyamuslimjamaat.in

*ପୃଷ୍ଠା- ୦୧ ର ଅବଶିଷ୍ଟାଂଶ ......*

ଏବେ ନିମ୍ନରେ ଆମେ ହଜରତ ମସିହ୍ ମଉଦ୍ ଆ:ସଙ୍କର କେତେକ ବିଶ୍ୱାସ ବର୍ଦ୍ଧକ କଥନ ଉପସ୍ଥାପନ କରୁଛୁ, ଯହିଁରେ ସେ ବର୍ଣ୍ଣନା କରିଛନ୍ତି ଯେ ଅଲ୍ଲାଃ ତାଲା ତାଙ୍କୁ ବିଶେଷ ରୂପେ କୁରଆନ୍ ଜ୍ଞାନ ଅର୍ପଣ କରିଥିଲେ, ଯେଉଁଥିରେ କେହି ବି ହେଲେ ତାଙ୍କର ମୁକାବିଲା କରି ପାରିବେ ନାହିଁ । ସେହିପରି ଆରବୀ ଭାଷା ଜ୍ଞାନ ମଧ୍ୟ ଅଲ୍ଲାଃ ତାଲା ତାଙ୍କୁ ଏପରି ପ୍ରଦାନ କରିଥିଲେ ଯାହା ତାଙ୍କ ପାଇଁ ଏକ ଆଲୌକିକ ନିଦର୍ଶନ ସ୍ୱରୂପ ଥିଲା । ଏବଂ ଏହି କାରଣରୁ ସେ ମୌଲବୀ ଓ ଧର୍ମର ବଡ଼ପଣ୍ଡା ପୀଠସିନାମାନଙ୍କୁ ପ୍ରତିଦ୍ୱନ୍ଦିତା କରିବା ପାଇଁ ଆହ୍ୱାନ ଦେଉଥିଲେ । କାରଣ ଏହି ଧର୍ମ ତତ୍ତ୍ୱଜ୍ଞାନ ଦୈବୀ କୃପା ସ୍ୱରୂପ ତାଙ୍କୁ ଅଲ୍ଲାଃ ତାଲା ପ୍ରଦାନ କରିଥିଲେ ।

## ଏବେ କୁରଆନ୍ ତତ୍ତ୍ୱ ଜ୍ଞାନରେ ପ୍ରତିଦ୍ୱନ୍ଦିତା କରିବା ପାଇଁ କାହାର ଶକ୍ତି ନାହିଁ

ପୂଣ୍ୟ ଶ୍ଲୋକ ହଜରତ ମସିହ୍ ମଉଦ୍ ଆ:ସ କହିଛନ୍ତି: ଐଶ୍ୱରିକ ନିଦର୍ଶନ ସ୍ୱରୂପ ଅନ୍ୟ ଏକ ଭବିଷ୍ୟତ ବାଣୀ ରହିଛି, ଯାହା "ବରାହୀନେ ଅହମଦୀୟା" ପୃଷ୍ଠା ୨୩୮ ରେ ଉଲ୍ଲେଖ ରହିଛି । ତାହା ହେଉଛି, **'ଅର ରହମାନ ଅଲ୍ଲମଲ କୁରଆନ୍'-** ଏହି ଆୟତରେ ଅଲ୍ଲାଃ ତାଲା କୁରଆନ୍ ଭିତିକ ଜ୍ଞାନ ପ୍ରତିଶୃତି ଦେଇଥିଲେ । ସୁତରାଂ ସେହି ପ୍ରତିଶୃତିକୁ ଏପରି ଭାବରେ ପୂରଣ କଲେ ଯେ ଏଣିକି କୁରଆନ୍ ଭାବାର୍ଥ ପାଇଁ ମୁକାବିଲା କରିବାକୁ କାହାର ଶକ୍ତି ନାହିଁ । ମୁଁ ସତ୍ୟ କହୁଛି ଯେ ଯଦି କୌଣସି ମୌଲବୀ ଏହି ଦେଶର ସମସ୍ତ ମୌଲବୀମାନଙ୍କ ମଧ୍ୟରୁ କୁରଆନ୍ ଭାବାର୍ଥ କରିବା ପାଇଁ ମୋ ସହିତ ମୁକାବିଲା କରିବାକୁ ଚାହିଁବ ଏବଂ କୌଣସି ଅଧ୍ୟାୟର ଗୋଟିଏ ବ୍ୟାଖ୍ୟା ମୁଁ ଲେଖିବି ଓ ବିରୋଧୀ ମୌଲବୀ ଲେଖିବ, ତା'ହେଲେ ସେ ଅତ୍ୟନ୍ତ ଅପମାନିତ ହେବ ତଥା ମୁକାବିଲା କରିପାରିବ ନାହିଁ । ଏହି କାରଣ ଯୋଗୁଁ ହିଁ ବାଧ କରିବା ସତ୍ତ୍ୱେ ମଧ ମୌଲବୀଗଣ ଏହା ଆଡ଼କୁ ମୁହଁ ମୋଡ଼ିଲେ ନାହିଁ । ସୁତରାଂ ଏହା ଏକ ମହତ୍ତ୍ୱପୂର୍ଣ୍ଣ ନିଦର୍ଶନ, ମାତ୍ର ସେମାନଙ୍କ ସକାଶେ ଯେଉଁମାନେ ନ୍ୟାୟ ଓ ବିଶ୍ୱାସ କରୁଛନ୍ତି । *(ପରିଶିଷ୍ଟ ଅଞ୍ଜାମ ଆଥମ, ରୁହାନୀ ଖଜାୟିନ୍, ଗ୍ରନ୍ଥଖଣ୍ଡ ୧୧, ପୃଷ୍ଠା ୨୯୧)*

ଆହୁରି କହିଛନ୍ତି: ଏହି ଦୈବୀ ବାଣୀ ଅନୁଯାୟୀ ପରମେଶ୍ୱର ମୋତେ କୁରଆନ୍‌ର ଦିବ୍ୟ ଜ୍ଞାନ ଅର୍ପଣ କରିଛନ୍ତି ଏବଂ ମୋର ନାମ ଅୱ୍ୱଲୁଲ ମୁମେନିନ୍ (ସର୍ବପ୍ରଥମ ବିଶ୍ୱାସକାରୀ) ନାମ ରଖିଛନ୍ତି । ଏବଂ ମୋ ଭିତରେ ସମୁଦ୍ର ପରି ସତ୍ୟ ଓ ତତ୍ତ୍ୱର ବିସ୍ତୃତ ଜ୍ଞାନ ଭରି ଦେଇଛନ୍ତି । ଏବଂ ମୋ ପ୍ରତି ବାରମ୍ବାର ଦୈବୀ ବାଣୀ ପ୍ରକଟିତ କରିଛନ୍ତି ଯେ ଏହି ଯୁଗରେ କୌଣସି ଐଶ୍ୱରିକ ଜ୍ଞାନ ଓ ଐଶ୍ୱରିକ ପ୍ରେମ ତୁମ ଆଧ୍ୟାତ୍ମିକ ପ୍ରେମ ତୁମ ଆଧ୍ୟାତ୍ମିକ ଜ୍ଞାନ ଓ ପ୍ରେମ ସହିତ ସମାନ ହେବ ନାହିଁ ।

*(ଜରୁରତୁଲ୍ ଇମାମ୍, ରୁହାନୀ ଖଜାୟିନ୍, ଗ୍ରନ୍ଥଖଣ୍ଡ ୧୩, ପୃଷ୍ଠା ୫୦୨)*

## ମୋତେ କୁରଆନ୍‌ର ବାସ୍ତବ ତତ୍ତ୍ୱ ଏବଂ ସୂକ୍ଷ୍ମ ଜ୍ଞାନକୁ ବୁଝିବାରେ ପ୍ରତ୍ୟେକ ଆତ୍ମା ଉପରେ ଶ୍ରେଷ୍ଠତ୍ୱ ଦିଆଯାଇଛି

ହଜରତ ମସିହ୍ ମଉଦ୍ ଆ:ସ କହିଛନ୍ତି: ମୋତେ ସେହି ଈଶ୍ୱରଙ୍କ ରାଣ, ଯାହାଙ୍କ ହାତରେ ମୋର ଜୀବନ ଅଛି ଯେ ମୋତେ କୁରଆନ୍‌ର ବାସ୍ତବ ତତ୍ତ୍ୱ ଏବଂ ସୂକ୍ଷ୍ମ ଜ୍ଞାନକୁ ବୁଝିବାରେ ପ୍ରତ୍ୟେକ ଆତ୍ମା ଉପରେ ଶ୍ରେଷ୍ଠତ୍ୱ ଦିଆଯାଇଛି । ଏବଂ ଯଦି କୌଣସି ପ୍ରତିପକ୍ଷ ମୌଲବୀ ମୋର ମୁକାବିଲାରେ ଆସନ୍ତେ ଯେପରିକି ମୁଁ କୁରଆନ୍‌ର ବ୍ୟାଖ୍ୟା ପାଇଁ ସେମାନଙ୍କୁ ବାରମ୍ବାର ଡାକିଲି, ତା'ହେଲେ ଈଶ୍ୱର ତାକୁ ଲଜ୍ଜିତ ଓ ଅପମାନିତ କରନ୍ତେ । ତେଣୁ କୁରଆନ୍‌ର ସୂକ୍ଷ୍ମ ଜ୍ଞାନ ଯାହା ମୋତେ ପ୍ରଦାନ କରାଯାଇଛି, ଏହା ଅଲ୍ଲାଃ ପରମ ବ୍ରହ୍ମଙ୍କର ଏକ ନିଦର୍ଶନ ।

*(ସିରାଜେ ମୁନୀର, ରୁହାନୀ ଖଜାୟିନ୍, ଗ୍ରନ୍ଥଖଣ୍ଡ ୧୨, ପୃଷ୍ଠା ୪୧)*

## ଯଦି ଏକ ଦୁନିଆ ରୁଣ୍ଡ ହୋଇ ମୋର ପରୀକ୍ଷା ନେବା ପାଇଁ ଆସିବ, ତେବେ ମୋତେ ବିଜୟୀ ପାଇବେ

ପୁଣ୍ୟଶ୍ଲୋକ ହଜରତ ମସିହ୍ ମଉଦ୍ ଆ:ସ କହିଛନ୍ତି: ଯେଉଁ ଧର୍ମଗତ ଓ ପବିତ୍ର କୁରଆନ୍‌ର ସତ୍ୟ ଓ ତତ୍ତ୍ୱଜ୍ଞାନ ଏବଂ ଆବଶ୍ୟକୀୟ ସାହିତ୍ୟିକ ମର୍ମ ସହିତ ଏହାର ସୂକ୍ଷ୍ମ ରହସ୍ୟ ମୁଁ ଲେଖିପାରେ, ତାହାକୁ କଦାପି ଅନ୍ୟ କେହି ଲେଖି ପାରିବେ ନାହିଁ । ଯଦି ଏକ ଦୁନିଆ ରୁଣ୍ଡ ହୋଇ ମୋର ପରୀକ୍ଷା ନେବା ପାଇଁ ଆସିବେ, ତେବେ ମୋତେ ବିଜୟୀ ପାଇବେ । ଯଦି ସମସ୍ତ ଲୋକ ମୋ ବିରୁଦ୍ଧରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ଉଠିବେ, ତା'ହେଲେ ଈଶ୍ୱରଙ୍କ କରୁଣାରୁ ମୋର ହିଁ ପଲା ଭାରି ହେବ । ଦେଖ ମୁଁ ସଫା ସଫା କହୁଛି ଏବଂ ଖୋଲା ଖୋଲି କହୁଛି ଯେ ଏହି ସମୟରେ ହେ ମୁସଲମାନଗଣ ! ତୁମମାନଙ୍କ ମଧ୍ୟରେ ଏପରି ବ୍ୟକ୍ତି ମଧ୍ୟ ଅଛନ୍ତି, ଯିଏ ନିଜକୁ ଭାଷ୍ୟକାର ଓ ହଦିସ ବିଶାରଦ ବୋଲି କହୁଛନ୍ତି ଏବଂ କୁରଆନ୍‌ର ମାର୍ମିକ ଜ୍ଞାନ ଓ ସତ୍ୟାସତ୍ୟ ଜାଣିଥିବା ତଥା ସାହିତ୍ୟର ପାଣ୍ଡିତ୍ୟ ଥିବାର ଦାବୀ କରନ୍ତି । ଏବଂ ଏପରି ଲୋକ ମଧ୍ୟ ଅଛନ୍ତି ଯେଉଁମାନେ ଯୋଗୀ, ସନ୍ଥ ବୋଲାଇଥାନ୍ତି ଏବଂ ନିଜକୁ ଚିଶତୀ, କାଦରୀ, ନକଶବନ୍ଦୀ ଓ ସହରୁରଦୀ ଇତ୍ୟାଦି ନାମରେ ନିଜକୁ ବିଜ୍ଞାପିତ କରନ୍ତି । ଉଠ ! ଏବଂ ଏହି ସମୟରେ ସେମାନଙ୍କୁ ମୋର ମୁକାବିଲା ପାଇଁ ନେଇ ଆସ ।

*(ଆୟାମୁସ୍ ସୁଲହ, ରୁହାନୀ ଖଜାୟିନ୍, ଗ୍ରନ୍ଥଖଣ୍ଡ ୧୪, ପୃଷ୍ଠା ୪୦୭)*

## ଯଦି କୌଣସି ମୌଲବୀ ଆରବୀ ସାହିତ୍ୟ ଓ ଭାଷା ଜ୍ଞାନରେ ମୋର ମୁକାବିଲା କରିବାକୁ ଚାହିଁବ, ତା'ହେଲେ ସେ ଅପମାନିତ ହେବ

ହଜରତ ମସିହ୍ ମଉଦ୍ ଆ:ସ କହିଛନ୍ତି: ମୁଁ ଦ୍ୱିତୀୟ ଥର ସତ୍ୟାଭିଳାଷୀଙ୍କ ପାଇଁ ସାଧାରଣ ଭାବରେ ଘୋଷଣା କରୁଛି ଯେ ଯଦି ସେମାନେ ଏବେ ବି ବୁଝି ନାହାନ୍ତି, ତେବେ ନୂତନ ପ୍ରକାରେ ନିଜକୁ ସନ୍ତୁଷ୍ଟ କରି ନିଅନ୍ତୁ ଏବଂ ମନେ ରଖନ୍ତୁ ଯେ ଈଶ୍ୱରଙ୍କ ଠାରୁ **ଛଅ ପ୍ରକାରର** ନିଦର୍ଶନ ମୋ ସହିତ ଅଛି ।

**ପ୍ରଥମ:** ଯଦି କୌଣସି ମୌଲବୀ ଆରବୀ ସାହିତ୍ୟ ଓ ଭାଷା ଜ୍ଞାନରେ ମୋ ପୁସ୍ତକର ମୁକାବିଲା କରିବାକୁ ଚାହିଁବ, ତା'ହେଲେ ସେ ଅପମାନିତ ହେବ । ମୁଁ ପ୍ରତ୍ୟେକ ଅହଙ୍କାରୀକୁ ଏହାର ଅଧିକାର ଦେଉଛି ଯେ ଏହି ଆରବୀ ପତ୍ର ଲିଖନ ପ୍ରତିଯୋଗିତାରେ ନିଜର ଦକ୍ଷତା ପରୀକ୍ଷା କରୁ । ଯଦି ସେ ସେହି ଆରବୀ ଲିଖନ ବିରୁଦ୍ଧରେ କୌଣସି ପ୍ରବନ୍ଧ ଲେଖି ଆବଶ୍ୟକତା ଭିତିରେ ଶବ୍ଦ ବିନ୍ୟାସ କରି ସଜାଇ ଦେଇପାରିବ ଏବଂ ମାତୃଭାଷା ଆରବୀ ଜାଣିଥିବା ବ୍ୟକ୍ତି ରାଣ ଖାଇ ତାହା ଉପରେ ସାର୍ଟିଫିକେଟ ଦେଇପାରିବ, ତା'ହେଲେ ମୁଁ ଏକ ମିଥ୍ୟାବାଦୀ ବୋଲି ଜାଣ ।

**ଦ୍ୱିତୀୟ:** ଯଦି ଏହି ଚିହ୍ନ ମଂଜୁର ହେବ ନାହିଁ, ତେବେ ମୋର ବିରୋଧୀ କୌଣସି କୁରଆନ୍ ଅଧ୍ୟାୟର ବ୍ୟାଖ୍ୟା କରି ଦିଅନ୍ତୁ, ଅର୍ଥାତ ମୁହାଁମୁହିଁ ଗୋଟିଏ ଜାଗାରେ ବସି ପ୍ରତ୍ୟକ୍ଷ କାର୍ଯ୍ୟ ସ୍ୱରୂପ ଗୋଳା କରି ପବିତ୍ର କୁରଆନ୍ ଖୋଲା ଯାଉ । ପ୍ରଥମ ସାତଗୋଟି ଆୟତ ଯାହା ବାହାରିବ, ମୁଁ ବି ଆରବୀ ଭାଷାରେ ଲେଖିବି ଏବଂ ମୋର ପ୍ରତିପକ୍ଷ ମଧ । ତା'ପରେ ଯଦି ମୁଁ ସତ୍ୟ ଓ ତତ୍ତ୍ୱଜ୍ଞାନ ବର୍ଣ୍ଣନା କରିବାରେ ଜୟଯୁକ୍ତ ନ ହୁଏ ତଥା ସେମାନଙ୍କ ଠାରୁ ଶ୍ରେଷ୍ଠ ବିବେଚିତ ନ ହୁଏ, ତେବେ ମଧ ମୁଁ ମିଛୁଆ ସାବ୍ୟସ୍ତ ହେବି । *(ପରିଶିଷ୍ଟ ଅଞ୍ଜାମ ଆଥମ, ରୁହାନୀ ଖଜାୟିନ୍, ଗ୍ରନ୍ଥଖଣ୍ଡ ୧୧, ପୃଷ୍ଠା ରୁହାନୀ ଖଜାୟିନ୍, ଗ୍ରନ୍ଥଖଣ୍ଡ ୧୨, ପୃଷ୍ଠା ୩୦୪)*

ମୁଁ ଦୈବୀ ସୂଚନା ପ୍ରାପ୍ତ କରି ସମସ୍ତ ବିରୁଦ୍ଧଚାରଣ ଗୋଷ୍ଠୀ, ସେ ଅବଦୁଲ ହକର ଗୋଷ୍ଠୀ ହେଉ ଅବା ବଟାଲ୍ଵୀ ଗୋଷ୍ଠୀ, ଏପରିକି ସକଳ ବିରୋଧିଙ୍କୁ ଉଚ୍ଚ କଣ୍ଠରେ ଏଥି ପ୍ରତି ନିମନ୍ତ୍ରଣ ଜଣାଇଲି ଯେ ମୋତେ ସତ୍ୟ ଓ ତତ୍ତ୍ୱ ଜ୍ଞାନ ତଥା କୁରଆନରେ ସମ୍ବଳିତ ସୂକ୍ଷ୍ମ ରହସ୍ୟ ପ୍ରଦାନ କରାଯାଇଛି । ତୁମ ଲୋକମାନଙ୍କ ମଧ୍ୟରେ କାହାର ସତସାହସ ନାହିଁ ଯେ ମୋ ମୁକାବିଲାରେ ପବିତ୍ର କୁରଆନ୍‌ର ସତ୍ୟ ଓ ତତ୍ତ୍ୱ ଭିତିକ ସୂକ୍ଷ୍ମ ଜ୍ଞାନ ବର୍ଣ୍ଣନା କରି ପାରିବ । ସୁତରାଂ ଏହି ଘୋଷଣା ପରେ ମୋର ପ୍ରତିଦ୍ୱନ୍ଦିତା କରିବାକୁ ସେମାନଙ୍କ ମଧ୍ୟରୁ କେହି ବି ଆସିଲେ ନାହିଁ ଏବଂ ନିଜର ଅଜ୍ଞାନତା ଉପରେ ଯାହା ସମସ୍ତ ଅପମାନର ମୂଳ, ସେମାନେ ମୋହର ଲଗାଇ ଦେଲେ । *(ପୁସ୍ତକ ଦ୍ରଷ୍ଟବ୍ୟ ପୃଷ୍ଠା ୩୧୧, ପାଦଟିକା)*

ପୁଣ୍ୟଶ୍ଲୋକ ହଜରତ ମସିହ୍ ମଉଦ୍ ଆ:ସ ପ୍ରତିଟି ତ୍ରୁଟି ପାଇଁ ରଖିଥିବା ପାଂଚ ଟଙ୍କାର ପୁରସ୍କାର ଏହି ସର୍ତରେ ଘୋଷଣା କରା ଯାଇଥିଲା ୧) ମେହେର ଅଲୀ ମୁକାବିଲାକୁ ସାମ୍ନା କରି ବ୍ୟାଖ୍ୟା ବି ଲେଖନ୍ତୁ ୨) ବ୍ୟାଖ୍ୟା ଆରବୀ ଭାଷାରେ ଲେଖନ୍ତୁ ୩) ନିର୍ଦ୍ଧାରିତ ମିଆଦ ଭିତରେ ଲେଖନ୍ତୁ । ଅନେକ ବର୍ଷ ବିତିଯିବା ପରେ ମେହେର ଅଲୀ 'ସୈଫ ଚିସ୍ତିୟାଇ' ନାମକ ଏକ ଉର୍ଦ୍ଦୁ ପୁସ୍ତକ ଲେଖି ପ୍ରତିଶୃତ ମସିହଙ୍କ ନିକଟକୁ ପଠାଇଲା, ଯାହା ସୁରଃ ଫାତିହାର ବ୍ୟାଖ୍ୟା ନଥିଲା ବରଂ କୁତ୍ସିତ ସମାଲୋଚନାରେ ଭରପୂର ଏକ ଅସଭ୍ୟ ପୁସ୍ତକ ଥିଲା, ଯାହା ବିଷୟରେ ଆଗକୁ ଜାରି ରହିବ । ଇନଶାଲ୍ଲାହ ।

**ଉର୍ଦ୍ଦୁ ଆଲେଖ୍ୟ ମନ୍‌ସୁର୍ ଅହମଦ ମସରୁର**
**ଓଡ଼ିଆ ଅନୁବାଦ ଇଂ ରୌଶନ ଖାନ୍, କେରଙ୍ଗ**

EDITOR
Qamarul Haque Khan
SUB EDITOR
Maqsood Ali Khan (M.A.)
Mob (91+) 9437128786
e-mail:odiabadar@gmail.com

Registered with the Registrar of the Newspapers for India at no PUNODI/2016/68750

ସାପ୍ତାହିକ ବଦର Weekly **BADAR** Qadian
କାଦିୟାନ Qadian - 143516 Distt. Gurdaspur (Pb.) INDIA
Vol.07 Thursday 10-17 March 2022 Issue 10-11

MANAGER
SHAIKH MUJAHID AHMAD
Mobile : +91 99153 79255
e -mail:managerbadrqnd@gmail.com

SUBSCRIPTION
ANNUAL: Rs. 575
(Per issue : Rs.9/-)
(Weight : 20-50 gms/issue)

**ମୋର ଈଶ୍ୱର ଦିନେ ହେଲେ ମଧ୍ୟ ମୋଠାରୁ ଅଲଗା
ହୋଇ ନାହାନ୍ତି । ସେ ନିଜର ଭବିଷ୍ୟତ ବାଣୀ ଅନୁଯାୟୀ ଏକ
ସଂସାରକୁ ମୋ ଆଡକୁ ନୁଆଁଇ ଦେଲେ । ମୁଁ ଦୀନ ଦରିଦ୍ର ଥିଲି,
ସେ ମୋତେ ଲକ୍ଷ ଲକ୍ଷ ମୁଦ୍ରା ଅର୍ପଣ କଲେ ଏବଂ ଏକ ଯୁଗବ୍ୟାପି ସମୟ,
ଧନଧାନ୍ୟରେ ଭରା ବିଜୟ ପୂର୍ବରୁ ମୋତେ ଖବର ଦେଲେ ଏବଂ ପ୍ରତ୍ୟେକ
ମୁବାହିଲାରେ ମୋତେ ଜୟଯୁକ୍ତ କଲେ ଏବଂ ଶତ ସହସ୍ର ପ୍ରାର୍ଥନା ମଞ୍ଜୁର କଲେ
ଏବଂ ମୋତେ ଏପରି ଅଜସ୍ର ପୁରସ୍କାର ଦେଲେ, ଯାହାକୁ ମୁଁ ଗଣନା କରିପାରିବି ନାହିଁ**


## ହଜରତ ମିର୍ଜା ଗୁଲାମ ଅହମଦ କାଦିଆନୀ ମସିହ ମଉଦ[ଅସ]ଙ୍କ ପବିତ୍ର ବଚନ

**ପୁଣ୍ୟଶ୍ଳୋକ ହଜରତ ମସିହ ମଉଦ[ଅସ] କହିଛନ୍ତି :**

ମୁଁ ସତ୍ୟ କହୁଛି ଯେ ଯେତେବେଳେ ଦୈବୀ ବାଣୀର ଧାରାବାହିକ ପ୍ରବାହ ଆରମ୍ଭ ହେଲା, ସେହି ଯୁଗରେ ମୁଁ ଯୁବକ ଥିଲି, ଏବେ ମୁଁ ବୃଦ୍ଧ ହେଲି ଏବଂ ସତୁରି ବର୍ଷ ପାଖାପାଖି ବୟସରେ ଉପନୀତ ହେଲିଣି । ଏବଂ ସେହି ଯୁଗ ଠାରୁ ପ୍ରାୟତଃ ପଇଁତିରିଶ ବର୍ଷ ବିତିଗଲାଣି, ମାତ୍ର ମୋହର ଈଶ୍ୱର ଦିନଟିଏ ହେଲେ ମଧ୍ୟ ମୋଠାରୁ ଅଲଗା ହୋଇ ନାହାନ୍ତି । ସେ ନିଜର ଭବିଷ୍ୟତ ବାଣୀ ଅନୁଯାୟୀ ଏକ ସଂସାରକୁ ମୋ ଆଡକୁ ନୁଆଁଇ ଦେଲେ । ମୁଁ ଦୀନ ଦରିଦ୍ର ଥିଲି, ସେ ମୋତେ ଲକ୍ଷ ଲକ୍ଷ ମୁଦ୍ରା ଅର୍ପଣ କଲେ ଏବଂ ଏକ ଯୁଗ ବ୍ୟାପୀ ସମୟ, ଧନଧାନ୍ୟରେ ଭରା ବିଜୟ ପୂର୍ବରୁ ମୋତେ ଖବର ଦେଲେ ଏବଂ ପ୍ରତ୍ୟେକ ମୁବାହିଲାରେ ମୋତେ ଜୟଯୁକ୍ତ କଲେ ଏବଂ ଶତ ସହସ୍ର ପ୍ରାର୍ଥନା ମଞ୍ଜୁର କଲେ ଏବଂ ମୋତେ ଏପରି ଅଜସ୍ର ପୁରସ୍କାର ଦେଲେ, ଯାହାକୁ ମୁଁ ଗଣନା କରିପାରିବି ନାହିଁ । ସୁତରାଂ କ'ଣ ଏହା ସମ୍ଭବ ଯେ ପରମେଶ୍ୱର ଏପରି ଭାବରେ ଜଣେ ବ୍ୟକ୍ତି ଉପରେ କରୁଣା ଓ ଅନୁଗ୍ରହ କରିବେ ? ଅଥଚ ସେ ଜାଣିଛନ୍ତି ଯେ ସେହି ବ୍ୟକ୍ତି ହିଁ ତାହାଙ୍କ ପ୍ରତି ମିଥ୍ୟାରୋପ କରୁଛି, ଯେବେକି ମୁଁ ମୋର ବିରୋଧୀ ପ୍ରତିପକ୍ଷଙ୍କ ମତରେ ତିରିଶ ବତିଶ ବର୍ଷ ହେଲା ଈଶ୍ୱରଙ୍କ ପ୍ରତି ମିଥ୍ୟାରୋପ ଲଗାଉଛି । ଏବଂ ପ୍ରତ୍ୟେକ ଦିନ ରାତି ବେଳା ନିଜ ଆଡୁ ଏକ ବାକ୍ୟ ମନରୁ ଗଢୁଛି ଏବଂ ସକାଳ ହେଲେ କହୁଛି ଯେ ଏହା ଈଶ୍ୱରଙ୍କ ବାକ୍ୟ । ଅଥଚ ଏହାର ଜୋରିମନା ସ୍ୱରୂପ ଈଶ୍ୱରଙ୍କର ମୋ ସହିତ ଏପରି ମାମଲା ହେଉଛି ଯେ ସେହି ଲୋକ ଯେଉଁମାନେ ନିଜ ଧାରଣାରେ ବିଶ୍ୱାସକାରୀ ବୋଲାଉଛନ୍ତି, ଈଶ୍ୱର ସେମାନଙ୍କ ଉପରେ ମୋତେ ବିଜୟ ମଣ୍ଡିତ କରୁଛନ୍ତି । ସେହିପରି ମୁବାହିଲା ବେଳେ ସେମାନଙ୍କୁ ମୋର ମୁକାବିଲାରେ ପ୍ରାଣ ନାଶ କରୁଛନ୍ତି ନତୁବା ଅପମାନର ପ୍ରହାର ଦ୍ୱାରା ତଳିତଳାନ୍ତ କରି ଦେଉଛନ୍ତି ଏବଂ ଆପଣା ଭବିଷ୍ୟତ ବାଣୀ ଅନୁଯାୟୀ ଏକ ଜଗତକୁ ମୋ ଆଡକୁ ଆକର୍ଷିତ କରାଉଛନ୍ତି ଏବଂ ହଜାର ହଜାର ନିଦର୍ଶନ ଦେଖାଉଛନ୍ତି । ଏପରି ଭାବରେ ପ୍ରତ୍ୟେକ କ୍ଷେତ୍ରରେ ଓ ପ୍ରତ୍ୟେକ ଦିଗରୁ ଏବଂ ପ୍ରତ୍ୟେକ ବିପତ୍ତି ପଡିଲା ବେଳେ ସେ ମୋତେ ସାହାଯ୍ୟ କରୁଛନ୍ତି । କିନ୍ତୁ ଯେପର୍ଯ୍ୟନ୍ତ ତାହାଙ୍କ ଦୃଷ୍ଟିରେ କେହି ସତ୍ୟବାଦୀ ନଥିବ, ସେପରି ସାହାଯ୍ୟ ସେ ତାହାର କଦାପି କରନ୍ତି ନାହିଁ ଏବଂ ନା ଏପରି ଚିହ୍ନ ତା' ସକାଶେ ପ୍ରକାଶ କରନ୍ତି ।

(ହକିକତୁଲ ଓ୍ୱହି. ରୁହାନି ଖଜାୟିନ, ଗ୍ରନ୍ଥଖଣ୍ଡ ୨୨, ପୃଷ୍ଠା ୪୬୧)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab.
And published at office of Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor : Qamrul Haque Khan



ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନୀ
ମସିହ ମଉଦ ଓ ମେହଦୀ ମା'ହୁଦ ଆଲୈହିସ୍‌ସଲାମ (୧୮୩୫-୧୯୦୮)